# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କାର୍ଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି |୬



କମିଲା ସଲ୍ଲୁଙ୍କ ଫି' |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୬ Vol. 22 No-116 26 JULY 2025 SATURDAY, BHUBANESWAR ଶନିବାର, ୨୬ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର, ୨୫।୭ (ଭାସ୍କର ନ୍ୟୁଜ): ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ରାଜଭବନ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ଥାୟୀ କୁଳପତି ନିଯୁକ୍ତି ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ।

### ମଣିପୁରରେ ରାଷ୍ଟ୍ରପତି ଶାସନ ଅବଧି ୬ ମାସ ବୃଦ୍ଧି

ନୂଆଦିଲ୍ଲୀ, ୨୫।୭: ମଣିପୁରରେ ରାଷ୍ଟ୍ରପତି ଶାସନ ଅବଧିକୁ ଆଉ ୬ ମାସ ବୃଦ୍ଧି କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରସ୍ତାବକୁ ସଂସଦର ଅନୁମୋଦନ ମିଳିଛି। ମଣିପୁର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ବିଧାନସଭାକୁ ଭଙ୍ଗ କରିବା ସହ ଗତ ଫେବୃଆରୀ ୧୩ରୁ ରାଷ୍ଟ୍ରପତି ଶାସନ ଲାଗୁ କରିଥିଲେ।

### ଦୁଷ୍କର୍ମ ଉଦ୍ୟମ କରି ୪ ଗିରଫ

ନୀଳଗିରି, ୨୫।୭ (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଦୁଷ୍କର୍ମ ଓ ଗଣ ଦୁଷ୍କର୍ମର ଧାରା ଅବ୍ୟାହତ ରହିଥିବାବେଳେ ଶୁକ୍ରବାର ନୀଳଗିରି ବରହମପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

### ୨ ଦଶମଶ୍ରେଣୀ ଛାତ୍ରୀ ଗର୍ଭବତୀ

ବାଲିଗୁଡ଼ା, ୨୫।୭ (ଭାସ୍କର ନ୍ୟୁଜ): ତୁମୁଡ଼ିବନ୍ଧ ଥାନା ଅଞ୍ଚଳର ଏକ ଆବାସିକ ସ୍କୁଲରେ ୨ଜଣ ଦଶମଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଅଭିଯୋଗ ଉଠିଛି। ମାସିକ ସ୍ୱାସ୍ଥ୍ୟ ପରୀକ୍ଷାବେଳେ ଏହା ଜଣାପଡ଼ିଥିଲା। ଏ ନେଇ ହଷ୍ଟେଲ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି।

ସେନ୍ସେକ୍ସ: ୮୧,୪୬୩.୦୯
ସର୍ବାଧିକ: ୨୮ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୨୫।୭।୨୦୨୫ ର ମତାମତ**

ବଳଙ୍ଗା ପୀଡ଼ିତାଙ୍କ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ସମ୍ଭାବ୍ୟ ବନ୍ୟା ପାଇଁ ରାଜ୍ୟ ସରକାର ଏବେଠାରୁ ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଓଡ଼ିଶା ଟେକ୍ସଟାଇଲ୍ କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ହେବ ଟେକ୍ସଟାଇଲ୍ ହବ୍




- ୧୬୦ରୁ ଅଧିକ ଉଦ୍ୟୋଗୀ ସାମିଲ
- ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ
- ୭୮୦୮ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ
- ସୃଷ୍ଟିହେବ ୫୩,୩୦୦ ନିଯୁକ୍ତି ସୁଯୋଗ
- ଦୁଇଟି ଟେକ୍ସଟାଇଲ୍ ପାର୍କ ଲୋକାର୍ପିତ
- ବୁଣାକାରଙ୍କ ମଜୁରି ରିହାତି ୧ହଜାର ଟଙ୍କା ବୃଦ୍ଧି

ଭୁବନେଶ୍ୱର, ୨୫।୭ (ଭାସ୍କର ନ୍ୟୁଜ): ଟେକ୍ସଟାଇଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମଜୁରି ରିହାତି ମାସକୁ ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହା ଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ଓଡିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ଏହା ଘୋଷଣା କହିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକ ଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱିୟର ପାର୍କର ଲୋକାର୍ପଣ କରିଥିଲେ। ଭୁବନେଶ୍ୱର ଠାରେ ଅନୁଷ୍ଠିତ ଓ-ଟେକ୍ସ ୨୦୨୫ ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ୍। ଆଜିର କନ୍‌କ୍ଲେଭ୍‌ରେ ୧୬୦ରୁ ଅଧିକ ବୃହତ ଓ ନୂତନ ଉଦ୍ୟୋଗୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କନ୍‌କ୍ଲେଭ୍‌ରେ ମୋଟ୍ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ● ପୃଷ୍ଠା ୫ ଦେଖନ୍ତୁ

## ରାଜନୀତିରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କଲେ ମୋଦୀ

# ଇନ୍ଦିରାଙ୍କୁ ପଛରେ ପକାଇ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୫।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜନୀତିରେ ଆଉଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ସେ ଏବେ ଭାରତର ଦ୍ୱିତୀୟ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡ ନିଜ ନାଁରେ କରି ନେଇଛନ୍ତି। ପୂର୍ବରୁ ଏହି ରେକର୍ଡ ଦିବଂଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାମରେ ରହିଥିଲା। ୨୦୨୫ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ଅଫିସରେ ୪୦୭୮ ଦିନ ପୂରଣ କରିଛନ୍ତି। ଇନ୍ଦିରା ଗାନ୍ଧୀ ୪୦୭୭ ଦିନ କ୍ରମାଗତ ପ୍ରଧାନମନ୍ତ୍ରୀ ଭାବେ ୧୯୬୬ରୁ ୧୯୭୭ ମଧ୍ୟରେ କାର୍ଯ୍ୟ କରିଥିଲେ। ଏବେ ମୋଦୀ ଏହାକୁ ଅତିକ୍ରମ କରି ଯାଇଛନ୍ତି। ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଜନୈତିକ ଯାତ୍ରାରେ ଐତିହାସିକ ସଫଳତା ଭାବେ ଯୋଡ଼ିହୋଇ ସବୁଦିନ ପାଇଁ ରହିବ। ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ମୋଦୀ ଏବେ ଦେଶର ନେତୃତ୍ୱ ନେଉଛନ୍ତି। ସେ ଉଭୟ ରାଜ୍ୟ ଏବଂ ଜାତୀୟ ସ୍ତରରେ ଦୀର୍ଘ ୨୪ ବର୍ଷ ହେବ ନେତୃତ୍ୱ ନେବାର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ତାଙ୍କ ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଏଭଳି କୀର୍ତ୍ତିମାନ ହାସଲ କରିନଥିଲେ। ନରେନ୍ଦ୍ର ମୋଦୀ ଭାରତର ପ୍ରଥମ ରାଜନେତା, ଯିଏ ୧୯୪୭ ମସିହା ଭାରତ ସ୍ୱାଧୀନତା ପରେ ଜନ୍ମ ହୋଇ ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଅଣ ହିନ୍ଦୀଭାଷୀ ରାଜ୍ୟରୁ ଆସି ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡର ଅଧିକାରୀ ମଧ୍ୟ ହୋଇପାରିଛନ୍ତି। ସେ ଭାରତର ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ, ଯିଏ ୪୦୭୮ଦିନ ଏହି ପଦବୀରେ ରହିଛନ୍ତି ଓ ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଅତି କମ୍‌ରେ ଦୁଇଟି କାର୍ଯ୍ୟକାଳ ପୂରଣ କରିସାରିଛନ୍ତି। ଲୋକସଭା ନିର୍ବାଚନରେ ସଂପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ମୋଦୀ ଦେଶର ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ। ଇନ୍ଦିରାଙ୍କ ପରେ ସେ ଦ୍ୱିତୀୟ ରାଜନେତା, ଯିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ କ୍ଷମତା ହାସଲ କରିଛନ୍ତି। ତାଙ୍କର ରାଜନୀତି ଟ୍ରାକ୍ ରେକର୍ଡ ମଧ୍ୟ ବେଶ୍ ଭଲ। ତାଙ୍କ ନେତୃତ୍ୱରେ ବିଜେପି କ୍ରମାଗତ ୩ଥର ଲୋକସଭା ନିର୍ବାଚନ ଜିତିଛି। ପୂର୍ବରୁ ଏହି ସଫଳତା କେବଳ ପଣ୍ଡିତ ଜବାହରଲାଲ ନେହେରୁ ହାସଲ କରିଥିଲେ। ମୋଦୀଙ୍କ ଶାସନ କାଳରେ ଦେଶର ବହୁ ବିକାଶ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ବିଶେଷକରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମୋଦୀଙ୍କ ପ୍ରୟାସକୁ ଅସ୍ୱୀକାର କରାଯାଇନପାରେ। ତେଣୁ ମୋଦୀ ଜଣେ ଦୀର୍ଘକାଳୀନ ପ୍ରଧାନମନ୍ତ୍ରୀ ଭାବେ ଯେଉଁ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ତାକୁ ବିଭିନ୍ନ ମହଲରୁ ବେଶ ପ୍ରଶଂସା କରାଯାଇଛି।

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର ଧରିଲା

# ମନ୍ତ୍ରୀଙ୍କୁ ପରଫର୍ମାନ୍ସ ରିପୋର୍ଟ ମାଗିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୫।୭ (ଭାସ୍କର ନ୍ୟୁଜ): ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର ଧରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତ୍ରିମଣ୍ଡଳରେ ୬ଟି ପଦବୀ ଖାଲି ରହିଛି। ଏହାକୁ ପୂରଣ ପାଇଁ ଏବେ ପ୍ରୟାସ ଜୋରଦାର ହୋଇଛି। ଏହି କ୍ରମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀଙ୍କୁ ସେମାନଙ୍କର ପରଫର୍ମାନ୍ସ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହି ରିପୋର୍ଟ ଦାଖଲ ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଜିଲ୍ଲାସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସୋସିଆଲ ମିଡିଆରେ କରାଯାଉଥିବା ପୋଷ୍ଟକୁ ନେଇ ରିପୋର୍ଟ ଦେବାକୁ ମଧ୍ୟ କୁହାଯାଇଛି। ସେହିପରି ନିଜ ନିଜ ବିଭାଗର ବର୍ଷକ ଭିତରର କାର୍ଯ୍ୟ ରିପୋର୍ଟ ମଧ୍ୟ ଦାଖଲ ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରୀ ପ୍ରକଳ୍ପ କାମ ନିରୀକ୍ଷଣ ସହ କ୍ଷେତ୍ର ପରିଦର୍ଶନ ରିପୋର୍ଟ ମଧ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସେହିପରି ମନ୍ତ୍ରୀମାନେ ନିଜନିଜ ବିଭାଗର ଚଳିତବର୍ଷର ରୋଡମ୍ୟାପ ଦେବାକୁ ମଧ୍ୟ କୁହାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ବିଜେପି ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ନେବା ପରଦିନଠାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଲାଗି ରହିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ● ପୃଷ୍ଠା ୫ ଦେଖନ୍ତୁ

## ଅବପାତ ରୂପ ନେଲା ଲଘୁଚାପ

# ପ୍ରବଳରୁ ଅତି ପ୍ରବଳ ବର୍ଷିବ

- ବର୍ଷା ବିପ୍ଳବ ନେଇ ଜନଜୀବନ ପ୍ରଭାବିତ
- ଜିଲ୍ଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି
- ବିଭିନ୍ନ ସ୍ଥାନରେ ଲୋକେ ଜଳବନ୍ଦୀ
- ମାଲକାନଗିରିରେ ବୁଡ଼ିଲା ପୋଲ
- ୫ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ସେବା ଠପ୍
- ମୟୂରଭଞ୍ଜରେ ସବୁ ସ୍କୁଲ ଛୁଟି



ଭୁବନେଶ୍ୱର/ମାଲକାନଗିରି, ୨୫।୭ (ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅବପାତର ରୂପ ନେଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଉତ୍ତର ଓଡ଼ିଶା ମୁହାଁ ହୋଇଛି। ଅବପାତ ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ସୂଚନା ଦେଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଅବପାତ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ପଶ୍ଚିମବଙ୍ଗ ଉପକୂଳମୁହାଁ ହେବ। ତେଣୁ ପ୍ରବଳ ବର୍ଷା ନେଇ ବିଭାଗ ପକ୍ଷରୁ ଦୁଇଟି ଜିଲ୍ଲାପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ୧୦ଟି ଜିଲ୍ଲାପାଇଁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ପାଇଁ ଏହି ଅରେଞ୍ଜ ଆଲର୍ଟ ହୋଇଛି। ବାକି ୧୮ ଜିଲ୍ଲାପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୯ ତାରିଖ ପର୍ଯ୍ୟନ୍ତ ବର୍ଷାର ● ପୃଷ୍ଠା ୫ ଦେଖନ୍ତୁ

### ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

## କଟକ ଜିଲ୍ଲା ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୨୫।୭ (ଭାସ୍କର ନ୍ୟୁଜ): ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବଙ୍ଗୋପସାଗରରେ ଅବପାତ ପ୍ରଭାବରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟାର ଆଶଙ୍କା ଦେଖାଦେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଶୁକ୍ରବାର ରାଜୀବ ଭବନରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବିଶଦ ଆଲୋଚନା କରାଯାଇଛି। ଏହି ବୈଠକରେ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ। ସମ୍ଭାବ୍ୟ ବନ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଶନିବାର ଛୁଟିକୁ ବାତିଲ କରି ଦିଆଯାଇଛି। ଅନ୍ୟପକ୍ଷରେ ଛତିଶଗଡ଼ର ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ପ୍ରଥମ ପର୍ଯ୍ୟାୟରେ ୧୬ଟି ଗେଟ୍ ଖୋଲା ଯାଇଥିବାବେଳେ ପରେ ଆଉ ୪ଟି ଗେଟ୍ ଖୋଲାଯାଇଥିଲା। ମୋଟ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଫଳରେ ମହାନଦୀର ତଳି ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାର ସମ୍ଭାବନା ରହିଥିବାରୁ ସେ ଅଞ୍ଚଳର ଅଧିବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ମୌସୁମୀ ବେଳାରେ ଅଧିବେସନଟା
ଗଲାଣି ଫସରଫାଟି,
ଇଣ୍ଡିଆ ମେଣ୍ଟର ବୁଢ଼ାଠୁଁ ଭେଣ୍ଡିଆ
କରୁଛନ୍ତି ଖାଲି ପାଟି ।
ବୁଝି ହେଉନାହିଁ ତ୍ରୁଟି,
ଏହାକୁ କହିବା ଯଦି ଗଣତନ୍ତ୍ର
ଆମ ଏ ଜୀବନ ମାଟି !!

## ରାଜ୍ୟପାଳଙ୍କ ନୂଆ ତରିକାକୁ ବିରୋଧୀଙ୍କ ପ୍ରଶଂସା

# ସମସ୍ୟା ସମାଧାନରେ ହେବ ସହାୟକ

ଭୁବନେଶ୍ୱର, ୨୫।୭ (ଭାସ୍କର ନ୍ୟୁଜ): କେବଳ ମୁଖ୍ୟମନ୍ତ୍ରୀ କି ମନ୍ତ୍ରୀ ନୁହନ୍ତି, ଏଣିକି ବିରୋଧୀଦଳର ବିଧାୟକଙ୍କୁ ମଧ୍ୟ ଭେଟିବେ ରାଜ୍ୟପାଳ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ କାମ କରିବାର ଏହି ନୂଆ ତରିକାକୁ ନେଇ ଜୋର ଧରିଛି ଚର୍ଚ୍ଚା। ପ୍ରୋଟକଲ ପରିଧି ଭିତରୁ ବାହାରି ସାଧାରଣ ଲୋକଙ୍କ ସହ କଥା ହେଉଛନ୍ତି ରାଜ୍ୟପାଳ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଭେଟି ବିଭାଗର ବିକାଶମୂଳକ କାମ କିଭଳି ଚାଲିଛି, ତାର ତର୍ଜମା କରୁଛନ୍ତି ରାଜ୍ୟପାଳ। ରାଜ୍ୟପାଳଙ୍କ ଏଭଳି ଆଭିମୁଖ୍ୟକୁ ସ୍ୱାଗତ କରିଛନ୍ତି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ। ବିରୋଧୀ କହିଛନ୍ତି, ରାଜ୍ୟର ଭଲପାଇଁ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟପାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ମଧ୍ୟ ରାଜ୍ୟପାଳଙ୍କ ସମ୍ମୁଖରେ ରାଜ୍ୟ ସ୍ୱାର୍ଥସମ୍ବଳିତ ପ୍ରସଙ୍ଗକୁ ସିଧାସଳଖ ରଖିବାର ସୁଯୋଗ ପାଇବୁ ବୋଲି ବିରୋଧୀ ମତ ରଖିଛନ୍ତି। ରାଜଭବନରେ ନୁହେଁ, ଗ୍ରାଉଣ୍ଡ ଜିରୋରେ ସରକାରଙ୍କ କାମ ଉପରେ ରାଜ୍ୟପାଳଙ୍କ ନଜର। କଥା ଏତିକିରେ ଅଟକି ନାହିଁ। ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ମନ୍ତ୍ରୀଙ୍କଠାରୁ ସମୟ ନେଇ ରାଜ୍ୟପାଳ ନିଜେ ସେମାନଙ୍କ ବାସଭବନକୁ ଯାଇ ବିଭାଗର ବିକାଶମୂଳକ କାମ କିଭଳି ଚାଲିଛି ତା'ର ତର୍ଜମା କରୁଛନ୍ତି। କୁହାଯାଉଛି, ଆଗକୁ ଏହା ବ୍ୟାପକ ହେବ। ଏହାପରେ ରାଜ୍ୟପାଳ ସମସ୍ତ ବିଧାୟକଙ୍କୁ ଭେଟିବେ। ଏଠି ପ୍ରଶ୍ନ ଉଠୁଛି, ରାଜ୍ୟପାଳ କାହିଁକି ରାଜଭବନ ବାହାରକୁ ଆସି ବିଭିନ୍ନ ନେତା, ମନ୍ତ୍ରୀ ଓ ଜନତାଙ୍କୁ ଭେଟୁଛନ୍ତି? ଏହାପଛରେ କିଛି ବଡ଼ ଏଜେଣ୍ଡା ଅଛି କି? ସୂଚନା ଅନୁସାରେ ରାଜ୍ୟପାଳଙ୍କ ଏଭଳି ଭୂମିକା ପଛରେ ସରକାରୀ କାମ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ତା'ର ତଦାରଖ କରିବା ମୁଖ୍ୟ ଲକ୍ଷ୍ୟ। ଏହାଛଡ଼ା ସରକାର ● ପୃଷ୍ଠା ୫ ଦେଖନ୍ତୁ

## ଡେପୁଟି ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢାଉ

# ଜଙ୍ଗଲବାବୁଙ୍କ ଘରେ ଟଙ୍କାର ପାହାଡ଼



- ନଗଦ ୧ କୋଟି ୪୩ଲକ୍ଷ ଜବତ
- ବ୍ୟାଙ୍କରେ ଜମା ୧କୋଟି ୩୨ଲକ୍ଷ
- ଦେଢ କେଜି ସୁନା, ୪କେଜି ରୁପା ଠାବ
- ସୁନା ବିସ୍କୁଟ ସହ ପୁଳାପୁଳା କଏନ ଜବତ

ଜୟପୁର/କଟକ, ୨୫।୭ (ଭାସ୍କର ନ୍ୟୁଜ): ଘରେ ଟଙ୍କାର ପାହାଡ଼। ଯୁଆଡ଼େ ଦେଖିବ ଖାଲି ଟଙ୍କା ଆଉ ଟଙ୍କା। ଟଙ୍କା ଦେଖି ଓ ଗଣିଗଣି ଭିଜିଲାନ୍ସ ଅଧିକାରୀ ବେହାଲ। ଖାଲି ଟଙ୍କା ନୁହେଁ, ବହୁ ଦାମୀ ପ୍ଲଟ୍ ସହ ଫ୍ଲାଟ୍ ଓ ସୁନା ଏବଂ ରୁପାର ଗହଣା। ଆୟ ବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ଶୁକ୍ରବାର ସକାଳେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ତଥା ଭାରପ୍ରାପ୍ତ ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘର ସମେତ ଏକକାଳୀନ ୬ଟି ସ୍ଥାନରେ ଚଢାଉ କରାଯାଇ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଜୟପୁରଙ୍କଦ୍ୱାରା ଜାରି ସର୍ଚ୍ଚୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୬ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟର, ୯ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ଜୟପୁରର ୫ଟି ସ୍ଥାନ, ଭୁବନେଶ୍ୱରର ରଘୁନାଥପୁରରେ ଚଢାଉକରି ବିପୁଳ ସମ୍ପତ୍ତି ଠାବ କରିଛନ୍ତି। ଚଢାଉ ସମୟରେ ତାଙ୍କ ଘରୁ ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା ଜବତ କରାଯାଇଛି। ସେହିପରି ତାଙ୍କର ୪ଟି ବ୍ୟାଙ୍କରେ ଥିବା ୧୦ଟି ବ୍ୟାଙ୍କ ଆକାଉଣ୍ଟରେ ୧ କୋଟି ୩୨ଲକ୍ଷ ଟଙ୍କା ଜମାଥିବା ଭିଜିଲାନ୍ସ ସୁରାକ ପାଇଛି। ଏହିସବୁ ଆକାଉଣ୍ଟ ରାମଚନ୍ଦ୍ର ଓ ତାଙ୍କ ସଂପର୍କୀୟଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏଥିସହ ତାଙ୍କ ଘରୁ ଦେଢକେଜି ଓଜନର ସୁନା ଗହଣା, ୪କେଜି ୩୬୭ଗ୍ରାମର ରୁପା ଗହଣା ଏବଂ ସୁନା ବିସ୍କୁଟ ସହ ପୁଳାପୁଳା କଏନ ଜବତ କରାଯାଇଛି। ଅନ୍ୟପକ୍ଷରେ ତାଙ୍କର ବିଭିନ୍ନ ସ୍ଥାନରେ ବହୁତଳ କୋଠା ସହ ଫ୍ଲାଟ୍ ରହିଛି। ସେହିପରି ତାଙ୍କର ଦୁଇଟି ପ୍ଲଟ୍ ଥିବାର ● ପୃଷ୍ଠା ୫ ଦେଖନ୍ତୁ

## ବଳଙ୍ଗା ନାବାଳିକା ପୋଡ଼ି ମାମଲା

# ପୀଡ଼ିତାଙ୍କ ବୟାନ ରେକର୍ଡ




ନିମାପଡ଼ା/ନୂଆଦିଲ୍ଲୀ, ୨୫।୭ (ବ୍ୟୁରୋ): ପୁରୀଜିଲ୍ଲା ବଳଙ୍ଗା ନାବାଳିକା ପୋଡ଼ି ମାମଲାରେ କ୍ରାଇମବ୍ରାଞ୍ଚ ଅନେକ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ତେବେ ଇତିମଧ୍ୟରେ ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚର ଏକ ଟିମ୍ ଦିଲ୍ଲୀ ଏମ୍ସ ଯାଇ ଶୁକ୍ରବାର ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି। ଏହି ବୟାନର ଭିଡିଓଗ୍ରାଫି ମଧ୍ୟ କରାଯାଇଛି। ବୟାନ ରେକର୍ଡ ସମୟରେ ଏମ୍ସ ଦିଲ୍ଲୀର ଜଣେ ଡାକ୍ତର, ମାଜିଷ୍ଟ୍ରେଟ, ବଳଙ୍ଗା ଥାନାର ମହିଳା ଏଏସ୍‌ଆଇ ଓ କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କ ସମେତ ପୀଡ଼ିତାଙ୍କ ପରିବାରର ଜଣେ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ତେବେ ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଇତିମଧ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତଦନ୍ତର ସଂପୂର୍ଣ୍ଣ ତଥ୍ୟ ● ପୃଷ୍ଠା ୫ ଦେଖନ୍ତୁ



ରଘୁନାଥପୁର(ଭାସ୍କର ନ୍ୟୁଜ): ସରକାର ଅସହାୟ ଓ ବାସହୀନ ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା କରିଥାରେ ସହାୟତାର ହାତ ବଢ଼ାଇଛନ୍ତି । ହେଲେ ମଧ୍ୟ ୩ ବର୍ଷ ତଳୁ ୩ ଥର ଆବେଦନ କରି ଜଣେକ ବିଧବା ମହିଳା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁର ଗ୍ରାମର ବନଲତା ମହାରିଙ୍କ କ୍ଷେତ୍ରରେ । ଗତ ୨୦୨୧ ଡିସେମ୍ବରରେ ବନଲତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା । ପରିବାରର ଆର୍ଥିକଅବସ୍ଥା ସ୍ୱଚ୍ଛଳ ନଥିବାରୁ ବନଲତା ତାଙ୍କ ଏକମାତ୍ର ପୁଅକୁ ନେଇ ବହୁ ଦୁଃଖକଷ୍ଟରେ ଚଳୁଛନ୍ତି । ଏହା ମଧ୍ୟରେ ଅନଲାଇନରେ ଭତ୍ତାଟିଏ ପାଇଁ ଆବେଦନ କରି ପ୍ରଥମ ଥର ନିରାଶ ହେବା ପରେ ଦ୍ୱିତୀୟଥର ପୁନଃ ଆବେଦନ କରିଥିଲେ । କୌଣସି କାରଣରୁ ଏହା ରିଜେକ୍ଟ ହୋଇଯିବାରୁ ଗତ ମେ ମାସରେ ତୃତୀୟ ଥର ପାଇଁ ଆବେଦନ କରିଛନ୍ତି । ବନଲତାଙ୍କ ପଛରେ ଆବେଦନ କରି ଅନେକ ବ୍ୟକ୍ତି ଭତ୍ତା ପାଇସାରିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ତାଙ୍କୁ ଭତ୍ତା ମିଳିପାରୁ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଦାୟିତ୍ୱରେ ଥିବା ବିଏସଏସଓ କାଜଲ କୁମାର ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ବନଲତାଙ୍କ ସ୍ୱାମୀଙ୍କ ଡେଥ ସାର୍ଟିଫିକେଟ ଭଲଭାବେ ଦୃଶ୍ୟମାନ ହେଉନଥିବାରୁ ରିଜେକ୍ଟ ହୋଇଥିବା ପ୍ରକାଶ କରିଥିଲେ । ଏହାଛଡ଼ା ତୃତୀୟ ଥର ଆବେଦନ ଠିକ୍ ଥିବା ଏବଂ ଆସନ୍ତା ଏକମାସ ମଧ୍ୟରେ ଭତ୍ତା ମିଳିଯିବ ବୋଲି ସେ ପ୍ରକାଶ କରିଛନ୍ତି ।



# ଉପ-ମୁଖ୍ୟମନ୍ତ୍ରୀଙ୍କୁ ବଦ୍‌ନାମ୍ ପାଇଁ ଚକ୍ରାନ୍ତ, ଥାନାରେ ଅଭିଯୋଗ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ବେଦ୍ଖଲ କଲା ପରି ଫଟୋ ବିଭିନ୍ନ କାନ୍ଥରେ ମରା ଯାଉଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ଓଡ଼ିଶାରୁ ନିରୁଦ୍ଦିଷ୍ଟ ହୋଇଯାଇଛନ୍ତି ବୋଲି ବିଭିନ୍ନ ସରକାରୀ କାନ୍ଥ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଷ୍ଟର ମାରିବା ଘଟଣାକୁ ନେଇ ବିଜେପି ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେବା ସହ ଜଣେ ବିଧାୟିକା ଓ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏପରି ଅପମାନଜନକ ଘଟଣାକୁ ନେଇ ଥାନାରେ ଅଭିଯୋଗ କରାଯାଇଛି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ କେତେକ ବିରୋଧୀ ବିକାଶକୁ ଦେଖି ଭୟରେ ଏପରି ହୀନ ଚକ୍ରାନ୍ତ ଚଳାଉଛନ୍ତି । ଶ୍ରୀମତି ପରିଡ଼ାଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ରଚିଥିବା ଘଟଣାରୁ ବାରି ହୋଇପଡୁଥିବା ବେଳେ ଘଟଣା ସଂପର୍କରେ କାଉନସିଲର ତଥା ବିଜେପି ନଗର ସଭାପତି ନିରଞ୍ଜନ ନାୟକ, ସାଂସଦ ପ୍ରତିନିଧି ମାନଲତା ମହାନ୍ତି, ବରିଷ୍ଠ ସଂଗଠକ ଯତିନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ବିଜୟ କୁମାର ନାୟକ, ସରୋଜ ପରିଡ଼ା, ରାଜକିଶୋର ନାୟକ, କିଶୋର ଚନ୍ଦ୍ର ରାଉତ, ସୁଶାନ୍ତ ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳଙ୍କ ସମେତ ଶତାଧିକ ବ୍ୟକ୍ତି ନିମାପଡ଼ା ଥାନାରେ ଘଟଣା ସଂପର୍କରେ ଅଭିଯୋଗ ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ବିଜେପି ସରକାର ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଶାସନ କାଳରେ ଗମନାଗମନ, ଶିକ୍ଷା, ମନ୍ଦିର ପୁନଃ ଉଦ୍ଧାର ବିଭିନ୍ନ ସଂପର୍କରେ ଗୁରୁତ୍ୱ ଦେଇ ବିକାଶ କରିଥିବା ବେଳେ ତାହାକୁ ବିରୋଧୀ ସହଜରେ ହଜମ ନ କରିପାରି ଏପରି ହୀନ ଚକ୍ରାନ୍ତ ଚଳାଉଛନ୍ତି ବୋଲି ପ୍ରକାଶ ପାଉଛି । ନିମାପଡ଼ା ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ନାବାଳିକା ପୀଡ଼ିତା ପ୍ରଥମେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ପହଞ୍ଚି ଥିବା ବେଳେ ସେଠାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସମସ୍ତ ଚିକିତ୍ସା ମାଗଣାରେ କରାଯିବା ସହ ଏପରି କଣ୍ଠ ଭିଆଇ ଥିବା କାହାରିକୁ ଛଡ଼ା ଯିବ ନାହିଁ ବୋଲି ମତବ୍ୟ ଦେଇଥିଲେ । ପୀଡ଼ିତାଙ୍କ ଉନ୍ନତ ମାନର ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଡ଼ାକ୍ତରଙ୍କ ଠାରୁ ପଚାରି ବୁଝିଛନ୍ତି । ନିଜ ଦାୟିତ୍ୱରେ ଉପ-ମୁଖ୍ୟମନ୍ତ୍ରୀ ଯତ୍ନବାନ ଥିବାବେଳେ ବିରୋଧୀଙ୍କ ଏପରି ହୀନ ଚକ୍ରାନ୍ତକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି ।

# ଆବାସ ଦୁର୍ନୀତି ତଦନ୍ତ ଦାବିରେ ବ୍ଲକ୍ ସମ୍ମୁଖରେ ଧାରଣା




ବାଙ୍କି(ଭାସ୍କର ନ୍ୟୁଜ): ବାଙ୍କି ବ୍ଲକ ଅନ୍ତର୍ଗତ ବାଙ୍କିସପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗୁରୁବାର ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଧାରଣା ଦିଆଯାଇଥିଲା । ବହୁ ଦଳୀୟ କର୍ମୀ ଧାରଣାରେ ସାମିଲ ହୋଇ ବ୍ଲକରେ ଚାଲିଥିବା ଦୁର୍ନୀତିର ସମାଲୋଚନା କରିବା ସହିତ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ । ଉକ୍ତ ପଞ୍ଚାୟତରେ କିଭଳି ଭାବରେ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଆରଏସ, ୱାର୍ଡ ମେମ୍ବରଙ୍କ ପର୍ଯ୍ୟନ୍ତ ସମସ୍ତେ ଆବାସ ଯୋଜନାରେ ଘର ପାଇଛନ୍ତି ତାହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଉକ୍ତ ପଞ୍ଚାୟତରେ ମହିଳା ସରପଞ୍ଚଙ୍କ ଦିଅର, ପଞ୍ଚାୟତ ପିଅନଙ୍କୁ ମଧ୍ୟ ବାସଗୃହ ଦିଆଯାଇଥିବା ଅଭିଯୋଗ ହୋଇଛି । ସେମାନେ ପରବର୍ତ୍ତୀ ସମୟରେ ଆଦୌ ଘର ନିର୍ମାଣ କରିନଥିଲେ ହେଁ ତାଙ୍କୁ ତତ୍ କାଳୀନ ଜିଆରଏସ୍ ସମସ୍ତ କିସ୍ତି ଅର୍ଥ ପେଠ କରିଥିବା ଅଭିଯୋଗ କରିଛନ୍ତି । କେବଳ ଏତିକି ନୁହେଁ ନିଜେ ଜିଆରଏସ୍ ମଧ୍ୟ ନିଜ ମାଙ୍କ ନାମରେ ଗୋଟିଏ ଘର ନେଇଥିବା ଅଭିଯୋଗରେ ଦର୍ଶାଯାଇଛି । କିନ୍ତୁ ତାଙ୍କର ଓ ଉକ୍ତ ପଞ୍ଚାୟତର ମହିଳା ସରପଞ୍ଚଙ୍କ ଛାତଘର ଥିଲେ ହେଁ କିପରି ସେମାନଙ୍କୁ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଆବାସ ଗୃହ ଯୋଜନାରେ ସାମିଲ କରାଗଲା ସେଥିନେଇ ପ୍ରଶ୍ନ କରିଛନ୍ତି । ଗଣଧାରଣାରେ ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ନରେଶ ସାହୁ, ମନୋଜ ପଣ୍ଡା, ବିଶ୍ୱରଂଜନ ପଣ୍ଡା, କାଶୀନାଥ ମହାପାତ୍ର, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସିତ୍ ପଟ୍ଟନାୟକ, ଡମପଡା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଭବାନୀ ପ୍ରସାଦ ଧଳ, ନକୁଳ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ । ପରେ କଟକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ୫ବର୍ଷର ଜନାଦେଶକୁ ଅପେକ୍ଷା କରିପାରୁନାହାନ୍ତି ବିରୋଧୀ

ବିଞ୍ଝାରପୁର(ଭାସ୍କର ନ୍ୟୁଜ): ଗତ ନିର୍ବାଚନରେ ଲୋକେ ବିଜେଡ଼ି ଓ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରି ବିଜେପିକୁ ରାଜ୍ୟର ଶାସନ ଦାୟିତ୍ୱ ଦେଲେ । ବର୍ଷେ ମାତ୍ର ହୋଇଛି ବିଜେପି ସରକାରକୁ । କିନ୍ତୁ ବିରୋଧୀ ଅସ୍ଥିର ହୋଇ ପଡିବା ଦେଖାଦେଇଛି । କିଏ କହୁଛି ରାଜ୍ୟରେ ଶାସନ କରିବାକୁ ତ କିଏ କହୁଛି ଅନାସ୍ଥା ପ୍ରସ୍ତାବ ଆଣିବାକୁ । ପାଞ୍ଚ ବର୍ଷର ଜନାଦେଶକୁ ଅପେକ୍ଷା କରିପାରୁନାହାନ୍ତି ବିରୋଧୀ । ବିରୋଧୀଙ୍କ ଏପରି ମାନସିକତାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ସାଧାରଣ ଲୋକେ । ୨୪ ବର୍ଷ ନିରଙ୍କୁଶ କ୍ଷମତାରେ ରହି ବିଜେଡ଼ିର ନେତାମାନେ ଯିଏ ମସ୍ଗୁଲରେ ଭାସୁଥିଲେ । କ୍ଷମତାକୁ ଭରପୂର ଉପଭୋଗ କରି ମାଲେମାଲ ବି ହୋଇଥିଲେ । ମାତ୍ର ଏବେ ମାଛକୁ ପାଣିରୁ କାଢି ଦେଲା ଭଳି ବିଜେଡ଼ି ନେତା ଛଟ ପଟ ହେଉଛନ୍ତି । କ୍ଷମତା ହାସଲ ଭଳ ଆଜି ପର୍ଯ୍ୟନ୍ତ ଛାଡୁନାହିଁ । ବୃଷ୍ଟ ଚାରା ନେତାମାନେ ଲୋକ ଲଜ୍ଜାକୁ ଖାତିର ନ କରି କଜଳ ପାଠୀ ଉଦ୍ର ଲୋକ ଭଳି କଥା କହୁଛନ୍ତି । ବଡବଡ ସାମାଜିକ କାର୍ଯ୍ୟ କିଯ। ଉଷ୍ଟରେ ଦେଖା ମିଳୁନଥିବା ନେତାଙ୍କୁ ଏବେ ଏକୋଇଆ, ବ୍ରତ ଘର ଓ ଛୋଟ ଛୋଟ ପୂଜାରେ ଦେଖି ଲୋକେ ତାଜୁବ । କୁଆଡେ ଗଲା ନେତାଙ୍କ ପୂର୍ବ ଠାଣି, ଆଟ ପାଟ । ଅନ୍ୟ ପକ୍ଷରେ କଂଗ୍ରେସ ଦୀର୍ଘ ବର୍ଷ କ୍ଷମତା ବାହାରେ ରହି କ୍ଷମତା ପାଇବା ନିଶାରେ ଅଧିକ ବିବ୍ରତ ହେଉଛି । ମୋହନ ସରକାର ବିରୋଧରେ ବିଜେଡ଼ି ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିଲେ କଂଗ୍ରେସ ସମର୍ଥନ କରିବ ବୋଲି କହୁଛି । ଆଉରୁ ବିଜେଡ଼ି ନେତା ମାନେ ବି କଂଗ୍ରେସ ସହିତ ମେଣ୍ଟ କଥା ଉଠାଉଛନ୍ତି । ନିଜର ସଂଖ୍ୟା କଥା ଭୁଲି ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ଆଣିବାକୁ କହିବା କୁ ଲୋକେ ଟାହି ଟାପରା କରୁଛନ୍ତି । ୨୦୨୯ ପର୍ଯ୍ୟନ୍ତ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିବ । ରାଜ୍ୟ ସରକାର ପ୍ରତି ସାମାନ୍ୟତମ ବିପଦ ନାହିଁ ବୋଲି ପ୍ରଶ୍ନ ଜିଲା ସଭାପତି ଗୌତମ ରାୟ କହିଛନ୍ତି । ଏହିପରି ବିଜେଡ଼ିର ତାଙ୍କୁଆ ଅଗ୍ନିବର୍ଷି ନେତା ସୁବାସ ଚନ୍ଦ୍ର ମହାନ୍ତି କୁହନ୍ତି ଯେ ଆମେ ଚାହିଁଲେ ବିଜେଡ଼ି ବା କଂଗ୍ରେସକୁ ପୁଣ ଫାଳ କରିବାରେ କିଛି ଅସୁବିଧା ନାହିଁ, କାରଣ ଏହି ଦୁଇଟି ଦଳରେ ଗୋଷ୍ଠୀ କନ୍ଦଳ ତୀବ୍ର ଅଛି । କିନ୍ତୁ ମଜା କଥା ହେଲା ବିଜେଡ଼ି ଓ କଂଗ୍ରେସ ଏକାଠି ହେବାକୁ ଚେଷ୍ଟା ଆରମ୍ଭ କରିଛନ୍ତି । ବିଜେଡ଼ିର ନେତା ଏବେ ପାଣ୍ଡିଆନ ବାବୁ ବୋଲି ଲୋକେ କହୁଥିବା ବେଳେ କଂଗ୍ରେସର ନେତା ହେଲେ ଭକ୍ତ ଚରଣ ବାବୁ । ଜଣକ ଯୋଗୁଁ ବିଜେଡ଼ି ନିର୍ବାଚନ ହାରିଲା ଓ ଭକ୍ତ ବାବୁ ନିଜେ ବିଧାନସଭାରେ ନିର୍ବାଚିତ ହୋଇ ପାରିଲେ ନାହିଁ । ଲୋକେ କାହିଁକି ଏମାନଙ୍କୁ ପସନ୍ଦ କଲେ ନାହିଁ ଏହାର ସମୀକ୍ଷା ନକରି ବିରୋଧୀ ବାଉଳା ହେଉଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ମୋହନ ମାଝି ସରକାର ବର୍ଷେ ଭିତରେ ଅନେକ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି । ସୁଭଦ୍ରା ଯୋଜନା ଓ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ପ୍ରଦାନ ଇଲାଭଳି ପ୍ରୋଗ୍ରେସିଭ କାର୍ଯ୍ୟକ୍ରମ ଲାଗୁ କରି ବାବୁ ସାଧାରଣ ପରିବାରର ଅର୍ଥନୀତି ବୃଦ୍ଧି ହୋଇଛି ବୋଲି ବିଜେପି ନେତ୍ରୀ ବବିତା ମଲ୍ଲିକ କହିଛନ୍ତି । ସେହିପରି ସରକାରୀ ନିଯୁକ୍ତି, ଶିଳ୍ପାୟନ କାର୍ଯ୍ୟ ଜାରି ରହିଛି ଦୁର୍ନୀତି ଖୋଜ ବାବୁମାନଙ୍କୁ ଧରା ଯାଉଛି ବୋଲି ଶ୍ରୀମତୀ ମଲ୍ଲିକ କହି ଜନତା ସରକାରଙ୍କ ଉପରେ ଖୁସି ଅଛନ୍ତି । ଆମ ହାତରେ ଆହୁରି ୪ ବର୍ଷ ଲମ୍ବା ସମୟ ରହିଛି । ସବୁ କିଛି ସମସ୍ୟା ଗୋଟିକ ପରେ ଗୋଟିକର ପ୍ରତିକାର ହେବ ଓ ରାଜ୍ୟ ବାସୀ ସୁଶାସନ ପାଇବେ ବୋଲି ଇନ୍ଦ୍ରଜିତ ଦାସ କହିଛନ୍ତି । ବିଞ୍ଝାରପୁର ବ୍ଲକ ସିଂହପୁର ଦଳୀୟ କାର୍ଯ୍ୟାଳୟରେ ଦଳୀୟ କର୍ମୀଙ୍କୁ ନେଇ ଆଲୋଚନା ଚକ୍ରରେ ଏଭଳି ମତପ୍ରକାଶ ପାଇଛି ।

# ଡିପିଏସ୍ କଳିଙ୍ଗରେ ପ୍ରତିଭା ସମ୍ମାନ ସମାରୋହ

ଫୁଲନଖରା(ଭାସ୍କର ନ୍ୟୁଜ): ସ୍ଥାନୀୟ ଡିପିଏସ୍ କଳିଙ୍ଗ ସ୍କୁଲ୍ ପରିସରରେ ଶୁକ୍ରବାର ‌‌ତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୧୫୦ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଟ୍ରଫି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ନିମନ୍ତ୍ରିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଜେନେରାଲ ଡଃ. ମୃତ୍ୟୁଞ୍ଜୟ ସୁଆର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ସମ୍ମାନିତ କରିଥିଲେ । ବିଦ୍ୟାଳୟ ପ୍ରୋ-ଭାଇସ ଚେୟାରପର୍ସନ୍ ମାଳା ମିଶ୍ର ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟ ଉପାଧ୍ୟକ୍ଷ, ଉପାଧ୍ୟକ୍ଷା, ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ନାବାଳିକାକୁ ଦୁଷ୍କର୍ମ ଓ ଗର୍ଭବତୀ ଅଭିଯୋଗରେ ୨ଭାଇ ଗିରଫ

ପାରାଦୀପ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଅଞ୍ଚଳରେ ଜଣେ ନାବାଳିକାକୁ ଦୁଇଭାଇ ଧର୍ଷଣ ଓ ଗର୍ଭବତୀ ଅଭିଯୋଗରେ ପୋଲିସ ଗିରଫ କରିଛି । ଏ ବାବଦରେ ପୀଡ଼ିତାର ପରିବାର କୁଜଙ୍ଗ ଥାନାରେ ଭାଗ୍ୟଧର ଦାସ (୬୦) ଓ ପଞ୍ଚାନନ ଦାସ (୫୮) ଦୁଇ ଭାଇଙ୍କ ନାଁରେ ଏତଲା କରିଥିଲେ । ଏତଲାକୁ ଆଧାର କରି ଦୁଇଭାଇଙ୍କୁ ପୋଲିସ ଗିରଫ କରିଥିଲା । ଅଭିଯୋଗ ଅନୁଯାୟୀ ଦୀର୍ଘ ଏକବର୍ଷ ହେବ ଏହି ଦୁଇଭାଇ ନାବାଳିକାକୁ ଧର୍ଷଣ କରିଆସୁଥିଲେ ଏବଂ ସେ ବର୍ତ୍ତମାନ ୭ ମାସର ଗର୍ଭବତୀ । ଏହି ଦୁଇଭାଇ ଏକ ମଠରେ କାର୍ଯ୍ୟ କରୁଥିବା ବେଳେ ନାବାଳିକା ଜଣକ ସେହି ଜାଗାକୁ ନିୟମିତ ଭାବେ ବୁଲିବାକୁ ଯାଇଥାଏ । ଏହି ଘଟଣାରେ ତିନିଜଣ ଅଭିଯୁକ୍ତଙ୍କ ନାମରେ ଧର୍ଷଣ ଓ ପୋକ୍ସୋ ଧାରାରେ ମାମଲା ରୁଜୁ କରାଯାଇ ଦୁଇଭାଇଙ୍କୁ ଗିରଫ କରାଯାଇ ଥିବାବେଳେ ତୃତୀୟ ଅଭିଯୁକ୍ତ ଫେରାର ଥିବାନେଇ ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ କହିଛନ୍ତି । ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଛି ।

# ସାର ବସ୍ତା ଲୋଡିଂ ବନ୍ଦ ନେଇ ଅଭିଯୋଗ, ୬ ଜଣଙ୍କ ନାମରେ ଏତଲା

ପାରାଦୀପ(ଭାସ୍କର ନ୍ୟୁଜ): ଡବଲ ଇଞ୍ଜିନ ସରକାର ଗଠନ ପରେ ପାରାଦୀପ ଶିଳ୍ପାଞ୍ଚଳରେ ଦୀର୍ଘ ଦିନ ଧରି ଲାଗିରହିଥିବା ଶ୍ରମିକ ଅଶାନ୍ତି ଧିରେ ଧିରେ ପ୍ରଶମିତ ହେଉଥିବା ବେଳେ ନିର୍ଦ୍ଧିଷ୍ଟ ବହିରାଗତ ଶ୍ରମିକ ନେତା ନିଜର ଅନୈତିକ ସ୍ୱାର୍ଥ ସୁରକ୍ଷା ପାଇଁ ଶିଳ୍ପାନୁଷ୍ଠାନରେ ପୁଣି ଅଶାନ୍ତି ସୃଷ୍ଟି କରୁଥିବାର ଦୃଷ୍ଟିଗୋଚର ହୋଇଛି । ଏହିପରି ଏକ ଘଟଣା କ୍ରମରେ ଗତ ଜୁଲାଇ ୨୨ରେ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି)ରେ ରେଳ ୱାଗନରେ ସାର ବସ୍ତା ଲୋଡିଂ ସମୟରେ ଚଞ୍ଚକତା ଭାବେ ବନ୍ଦ କରାଯିବା ଦ୍ୱାରା କମ୍ପାନୀକୁ ବହୁ ଆର୍ଥିକ କ୍ଷତି ବା ଡ୍ୟାମରେଜ ଦେବାକୁ ପଡିଥିବା ଖବର ହସ୍ତଗତ ହୋଇଛି । ତେବେ ଏଥିପାଇଁ ଜନୈକ ବହିରାଗତ ଶ୍ରମିକ ନେତା ଏକ ନିର୍ଦ୍ଧିଷ୍ଟ ଶ୍ରମିକ ସଂଗଠନର ଶ୍ରମିକଙ୍କୁ ବ୍ୟବହାର କରି ସାର ବୋଝେଇ ବନ୍ଦ କରାଇ କମ୍ପାନୀର ଆର୍ଥିକ କ୍ଷତି କରାଇବା ସହ ଅନ୍ୟ ଶ୍ରମିକ ସଙ୍ଘ ନାମରେ ମିଥ୍ୟା ଦୋଷାରୋପ କରିବାର ଅପପ୍ରଚାର ଚଳାଇଛନ୍ତି । ତେବେ ଏହି ଘଟଣାର ସତ୍ୟାସତ୍ୟ ପିଆଇସିଟି କମ୍ପାନୀ କର୍ତ୍ତୃପକ୍ଷ ଉପଲବ୍ଧି କରିସାରିଥିବା ବେଳେ ସାର ବୋଝେଇ ବନ୍ଦ କରିଥିବା ଅଭିଯୋଗରେ ୬ ଶ୍ରମିକଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଛି । ସୂଚନା ଅନୁଯାୟୀ ଗତ ୨୨ ତାରିଖ ସନ୍ଧ୍ୟାରେ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନର ୬ ଶ୍ରମିକ ପ୍ରଶାନ୍ତ ଜେନା, କାଳିପଦ ମଣ୍ଡଳ, ସୁରେଶ ବେହେରା, ଭଜନ ମଣ୍ଡଳ, ଦୀପକ ବେହେରା ଏବଂ ଗୌତମ ମଲ୍ଲିକ ଟ୍ରେନ ୱାଗନରେ ସାର ବସ୍ତା ଲୋଡିଂ କାର୍ଯ୍ୟ ବେଆଇନ ଭାବେ ବନ୍ଦ କରିଥିଲେ । ଏହା ଦ୍ୱାରା କମ୍ପାନୀର ଆର୍ଥିକ କ୍ଷତି ହେବା ସହ କୃଷି, ସରକାରୀ ବଣ୍ଟନ ବ୍ୟବସ୍ଥା ପରି ଗୁରୁତ୍ୱପୂର୍ଣ୍ଣ ଯୋଗାଣ ବ୍ୟବସ୍ଥାକୁ ପ୍ରଭାବିତ କରିଛି ଏବଂ ଶିଳ୍ପାଞ୍ଚଳରେ ଏପରି ଅଶାନ୍ତ ସୃଷ୍ଟିକାରୀ ଓ ଏହାର ପ୍ରଚ୍ଛଦପଟରେ ଥିବା ଅପରାଧୀ ତତ୍ତ୍ୱଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

STATE HIGHWAYS AUTHORITY OF JHARKHAND
Government of Jharkhand
e-procurement Notice inviting RFP for
Engineering, Procurement & Construction (EPC)
Ref No: SHAJ/Proc/CW/Sahajanand Chowk – Judge Colony/2024/634 Date: 25.07.2025

1. State Highways Authority of Jharkhand, Ranchi invites Request for Proposal for Engineering Procurement & Construction basis from eligible bidders for **"Construction of Four Lane Elevated Road from Near Sahajanand Chowk to Near Judge Colony, Ranchi in the state of Jharkhand."** The approximate cost of the work is **Rs. 326.61 crore (Rs. Three Hundred Twenty Six Crore and Sixty One Lakhs) (Approx).**
2. The interested bidders who have experience in execution of similar works and required technical & financial strength may obtain Request for Proposal (RFP) document for Engineering, Procurement & Construction document from e-tendering portal www.jharkhandtenders.gov.in from **05.08.2025 (03:00 P.M.) to 08.09.2025 (upto 12:30 P.M.).**
The complete RFP Application shall be submitted online by **08.09.2025 (upto 12:30 PM)** on e-tendering portal www.jharkhandtenders.gov.in All the details regarding this RFP will be available on the above mentioned website. It will opened on **09.09.2025 (at 12:30 PM).**
3. The contractors are required to submit non-refundable **Tender Fee** of **Rs. 50,000/- (Rs. Fifty thousand only) & Bid Security (EMD)** of **Rs. 3.27 Cr. (Rs. Three Crore Twenty Seven Lakhs) only.** Tender fees and Earnest money Deposit (EMD) shall be deposited online as per **Information Technology & E-Governance Department order no 120 dated 03.10.2023.**
4. ***No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.*** **The cost of the work and Bid Security (EMD) may change.**

Sd/-
Member (Technical)
State Highways Authority of Jharkhand, Ranchi Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306,
E-mail: membertechnical.shaj3@gmail.com

PR 358173 State Highway
Authority of Jharkhand(25-26)D

# ବିଜିୟୁ ପକ୍ଷରୁ ବି-କମ୍ ଓ ଏମ୍-କମ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିର୍ଲ୍ଲା ସ୍କୁଲ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ)ର ବିକମ୍ ୨୦୨୫-୨୯ ବ୍ୟାଚ୍ ଏବଂ ଏମ୍‌କମ୍ ୨୦୨୫-୨୭ ବ୍ୟାଚ୍‌ର ଶୁଭାରମ୍ଭ ଗୋଠପାଟଣା କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା । ଏଥିରେ ଜେ ଅଗ୍ରୱାଲ, ସିଏଫ୍‌ଏ, ଭାଇସ୍ ପ୍ରେସିଡେଣ୍ଟ-ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍, ଜେପି ମୋର୍‌ଗାନ୍, ଲଣ୍ଡନ, ମୁଖ୍ୟ ଅତିଥି ରୂପେ ଏବଂ ସିଏ ଅରୁଣ କୁମାର ସାବତ , ଏକେ ସାବତ ଆଣ୍ଡ୍ କମ୍ପାନୀର ଅଂଶୀଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିର୍ଲ୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସନ୍ୟାଲ ନିଜ ସ୍ୱାଗତ ଭାଷଣରେ ପ୍ରଯୁକ୍ତି ବିଦ୍ୟା ସହିତ ବାଣିଜ୍ୟ ଶିକ୍ଷାର ଅନ୍ତର୍ଭୁକ୍ତ ଉପରେ ଶିକ୍ଷାନୁଷ୍ଠାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ , ବ୍ଲକ୍‌ଚେନ୍ ଏବଂ ଡାଟା ଆନାଲିଟିକ୍ସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ଜାତୀୟ ଶିକ୍ଷାନୀତି ୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱିତ । ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ସାମଗ୍ରିକ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ସିଏ ଅରୁଣ କୁମାର ସାବତ ଛାତ୍ରଛାତ୍ରୀଙ୍କୁ ସତ୍ୟ, ଧର୍ମ ଓ ନ୍ୟାୟ ଭଳି ମୌଳିକ ମୂଲ୍ୟବୋଧକୁ ବଜାୟ ରଖିବାକୁ କହିଥିଲେ । ମୁଖ୍ୟ ଅତିଥି ଜେ ଅଗ୍ରୱାଲ ବିକଶିତ ଭାରତର ଦୃଶ୍ୟପଟ ଉପରେ ନିଜର ଦୃଷ୍ଟିକୋଣ ପ୍ରଦାନ କରିଥିଲେ । ସେ ଏଆଇ, ବ୍ଲକ୍ ଚେନ୍ ଓ ଡିଜିଟାଲ ଜ୍ଞାନକୌଶଳର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ବିଶ୍ୱ ଆର୍ଥିକ ପ୍ରତିଷ୍ଠାନରେ ଏଆଇ ଚାଳିତ ସିଷ୍ଟମ ଦ୍ୱାରା ଉପୁଜୁଥିବା ବାଧା ପାଇଁ ପ୍ରଭାବଶାଳୀ ଯୋଗାଯୋଗ, ସହଯୋଗପୂର୍ଣ୍ଣ ମନୋଭାବ ଏବଂ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିର୍ଲ୍ଲା ସ୍କୁଲ ଅଫ୍ କମର୍ସର ଛାତ୍ର ଓମ୍ ଶୁଭମ୍ ପରିଡା ତାଙ୍କ ଶିକ୍ଷାଗତ ଯାତ୍ରାର ଏକ ଅନନ୍ୟ ଅନୁଭବ ସମସ୍ତଙ୍କ ସହ ବାଣ୍ଟିଥିଲେ ।

# ୨୦ ମେଣ୍ଢା ଲୁଟିନେଲେ ଦୁର୍ବୃତ୍ତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ମେଣ୍ଢା, ଛେଳି ଚୋର ର୍‌ୟାକେଟ୍ ମାତିଥିବା ବେଳେ ଗରିବଙ୍କ ଗୁହାଳରେ କଳାକନା ବୁଲାଇ ଦେଉଛନ୍ତି ଚୋର । ଗରିବମାନେ ପାଳିଥିବା ମେଣ୍ଢା, ଛେଳିଙ୍କୁ ଗାଡ଼ି ଲଗାଇ ବିଳମ୍ବିତ ରାତ୍ରରେ ଉଠାଇ ନେଉଥିବା ବେଳେ ଘଟଣାକୁ ନେଇ ମେଣ୍ଢା ଓ ଛେଳି ଚାଷୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପଂଚାୟତ ବାମଝାଟିପାଟଣା ଗ୍ରାମର ସୁବାଷ ବେହେରାଙ୍କ ୨୨ଟି ମେଣ୍ଢା ଗୁହାଳରେ ବନ୍ଧା ହୋଇଥିବା ବେଳେ ଚୋରମାନେ ଗତ ଗୁରୁବାର ବିଳମ୍ବିତ ରାତ୍ରରେ ଗୁହାଳ ଘର ତାଲା ଭାଙ୍ଗି ୨୦ଟି ମେଣ୍ଢା ଏକ ୧୦୭ ଗାଡ଼ିରେ ଉଠାଇ ନେଇଛନ୍ତି । ଦୁଇଟି ଛୁଆ ମେଣ୍ଢାକୁ ଛାଡ଼ି ମେଣ୍ଢା ଗୁହାଳରେ କଳାକନା ବୁଲାଇ ଦେଇଛନ୍ତି । ସକାଳୁ ସୁବାଷ ବେହେରା ଏହା ଦେଖି ମୁଣ୍ଡରେ ହାତ ଦେଇ ବସିବା ଛଡ଼ା ଆଉ କୌଣସି ଉପାୟ ନାହିଁ । ଗତ ଛଅମାସ ତଳେ ସୁବାଷ ବେହେରାଙ୍କ ଗୁହାଳରୁ ୧୨ଟି ମେଣ୍ଢା ଚୋରି ହୋଇଥିଲା । ବର୍ତ୍ତମାନ ଏପରି ଚୋରି ହେବା କାରଣରୁ ମେଣ୍ଢା ଓ ଛେଳି ଚାଷୀ ଆଉ ପଶୁଙ୍କୁ ରଖିବେ ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି । ଏ ସଂପର୍କରେ ସୁବାଷ ବେହେରା ନିମାପଡ଼ା ଥାନାରେ ଅଭିଯୋଗ ଦେବା ପରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି । ଚୋରମାନେ ଚାରିଛକ, ତୁଳସୀପୁର, ରଚିଲୋ, ଖେଳାର, ରେଞ୍ଚ, ବାମନାଳ ଆଦି ଅଞ୍ଚଳରୁ ମେଣ୍ଢା ଓ ଛେଳି ଚୋରି କରୁଥିବା ଜଣାପଡ଼ିଛି ।

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.09.2024 & MSGL, SPL 16, One Plus, Guide prepaid, Super value, ADGL and all other 6 months tenure gold loans upto 31.12.2024 and MSGB, SME Suvarna & EMI due upto 30.06.2025. Also those gold loans where interest is due and not paid up to 30.06.2025 are also included in this auction. ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 23.08.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**KHURDA DISTRICT-BALUGAON:** 4007000002, 4007000045, 4007000062, 4007000065, 4007000067, 4007000068, 4007000070, 4007000071, 4007000077, 4007000085, 4007000087, 4007000088, 4007000096, 4007000098, 4007000100, 4007000103, 4007000132, 4007000135, 4007000136, 4007000160, 4007000163, 4007000175, 4007000177, 4007000181, 4007000188, 4007000190, 4007000196, 4007000205, 4007000207, 4007000210, 4007000214, 4007000218, 4007000223, 4007000226, 4007000228, 4007000273, 4007000275, 4007000277, 4007000289, 4007000299, 4007000308, 4007000318, 4007000321, 4007000328, 4007000330, 4007000331, 4007000332, 4007000337, 4007000346, 4007000352, 4007000354, 4007000356, 4007000360, 4007000361, 4007000370, 4007000379, 4007000390, 4007000397, 4007000398, 4007000402, 4007000413, 4007000430, 4007000436, 4007000441, 4007000458, 400701086, 400701148, 400701212, 400701237, 400701246, 400701251, 400701254, 400701286, 400701299, 400701310, 400701388, 400701395, 400701396, 400701411, 400701429, 400701438, 400701444, 400701456, 400701457, 400701470, 400701487, 400701532, 400701533, 400701547, 400701559, 400701560, 400701562, 400701569. **CUTTACK ROAD-BHUBANESWAR:** 4078000064, 4078000156, 4078000184, 4078001222, 4078001374, 4078001435, 4078001446, 4078001463, 4078001485, 4078001531, 4078001532, 4078001677, 4078001710, 4078001714, 4078001747, 4078001756, 4078001765, 4078001775, 4078001796, 4078001800, 4078001805, 4078001812, 4078001815, 4078001820, 4078001822, 4078001842, 4078001849, 4078001864, 4078001873, 4078001889, 4078001893, 4078001894, 4078001897, 4078001898, 4078001908, 4078001911, 4078001936, 4078001940, 4078001955, 4078001977, 4078001989, 4078001994, 4078001998, 4078002002, 4078002003, 4078002009, 4078002013, 4078002024, 4078002027, 4078002031, 4078002036, 4078002039, 4078002040, 4078002042, 4078002043, 4078002056, 4078002086, 4078002088, 4078002105, 4078002109, 4078002111, 4078002125, 4078002134, 4078002136, 4078002152, 4078002166, 4078002179, 4078002184, 4078002185, 4078002197, 4078002201, 4078002202, 4078002206, 4078002213, 4078002228, 4078002230, 4078002231, 4078002238, 4078002241, 4078002243, 4078002263, 4078002266, 4078002271, 4078002276, 4078002279, 4078002283, 4078002292, 4078002305, 4078002307, 4078002310, 4078002316, 4078002332, 4078002333, 4078002334, 4078002335, 4078002339, 4078002340, 4078002341, 4078002348, 4078002355, 4078002378, 4078002385, 4078002387, 4078002395, 4078002402, 4078002404, 4078002405, 4078002407, 4078002413, 4078002424, 4078002426, 4078002431, 4078002432, 4078002449, 4078002450, 4078002454, 4078002456, 4078002477, 4078002492, 4078002495, 407800594, 407800622, 407800623, 407800624, 407800643, 407800661. **DUMDUMA, BHUBANESWAR:** 4420000286, 4420000358, 4420000398, 4420000408, 4420000456, 4420000472, 4420000500, 4420000534, 4420000549, 4420000553, 4420000554, 4420000560, 4420000570, 4420000581, 4420000591, 4420000604, 4420000609, 4420000611, 4420000634, 4420000637, 4420000656, 4420000704, 4420000710, 4420000723, 4420000739, 4420000766, 4420000767, 4420000773, 4420000793. **JANPATH-BHUBANESWAR:** 4019000303, 4019001575, 4019001578, 4019001579, 4019001626, 4019001638, 4019001649, 4019001659, 4019001665, 4019001695, 4019001722, 4019001733, 4019001773, 4019001776, 4019001796, 4019001805, 4019001819, 4019001851, 4019001886, 4019001890, 4019001918, 4019001959, 4019001984, 4019001994, 4019002038, 4019002041, 4019002043, 4019002083, 4019002162, 4019002183, 4019002192, 4019002222, 4019002295, 4019002324, 4019002332, 4019002359, 4019002392, 4019002393, 4019002407, 4019002411, 4019002412, 4019002431, 4019002432, 4019002433, 4019002453, 4019002454, 4019002461, 4019002470, 4019002481, 4019002492, 4019002509, 4019002527, 4019002535, 4019002542, 4019002544, 4019002548, 4019002563, 4019002573, 4019002574, 4019002575, 4019002579, 4019002580, 4019002587, 4019002615, 4019002620, 4019002623, 4019002628, 4019002638, 4019002644, 4019002663, 4019002665, 4019002669, 4019002675, 4019002697, 4019002703, 4019002712, 4019002717, 4019002724, 4019002756, 4019002760, 4019002764, 4019002773, 4019002780, 4019002783, 4019003093, 401900629, 401900632, 401900639, 401900641, 401900642, 401900643, 401900646, 401900648. **JATANI:** 3984000009, 3984000012, 3984000077, 3984000079, 3984000089, 3984000098, 3984000104, 3984000113, 3984000120, 3984000133, 3984000141, 3984000143, 3984000144, 3984000145, 3984000166, 3984000189, 3984000197, 3984000199, 3984000200, 3984000203, 3984000208, 3984000209, 3984000210, 3984000212, 3984000213, 3984000230, 3984000234, 3984000240, 3984000241, 3984000247, 3984000248, 3984000255, 3984000263, 3984000272, 3984000277, 3984000286, 3984000292, 3984000296, 3984000297, 3984000315, 3984000318, 3984000323, 3984000324, 3984000326, 3984000337, 3984000359, 3984000382, 3984000384, 3984000402, 3984000421, 3984000428, 3984000432, 3984000442, 3984000443, 3984000462, 3984000466, 3984000468, 3984000493, 3984000494, 3984000501, 3984000503, 3984000510, 3984000520, 3984000538, 398402089, 398402136, 398402140, 398402150, 398402213, 398402220, 398402248, 398402259, 398402289, 398402297, 398402342, 398402364, 398402384, 398402413, 398402443, 398402462, 398402497, 398402513, 398402546, 398402560, 398402626, 398402629, 398402633, 398402640, 398402645, 398402646, 398402647, 398402660, 398402665, 398402668, 398402674, 398402675. **JAYADEV VIHAR-ORISSA:** 2055002305, 2055002346, 2055002394, 2055002397, 2055002462, 2055002472, 2055002521, 2055002571, 2055002648, 2055002650, 2055002652, 2055002680, 2055002699, 2055002713, 2055002714, 2055002723, 2055002748, 2055002755, 2055002773, 2055002776, 2055002785, 2055002835, 2055002837, 2055002862, 2055002874, 2055002877, 2055002888, 2055002905, 2055002916, 2055002940, 2055002950, 2055002975, 2055002977, 2055002981, 2055002983, 2055003007, 2055003014, 2055003016, 2055003024, 2055003026, 2055003047, 2055003048, 2055003054, 2055003072, 2055003110, 2055003111, 2055003137, 2055003147, 2055003149, 2055003165, 2055003209, 2055003210, 2055003236, 2055003248, 2055003253, 2055003278, 2055003284, 2055003302, 2055003306, 2055003314, 2055003339, 2055003360, 2055003367, 2055003369, 2055003371, 2055003378, 2055003379, 2055003393, 2055003403, 2055003432, 2055003435, 2055003439, 2055003443, 2055003461, 2055003468, 2055003475, 2055003478, 2055003484, 2055003485, 2055003488, 2055003496, 2055003505, 2055003515, 2055003520, 2055003526, 2055003529, 2055003538, 2055003543, 2055003548, 2055003555, 2055003560, 2055003561, 2055003563, 2055003569, 2055003573, 2055003582, 2055003590, 2055003605, 2055003606, 2055003607, 2055003612, 2055003614, 2055003615, 2055003617, 2055003624, 2055003634, 2055003656, 2055003664, 2055003667, 2055003671, 2055003672, 2055003675, 2055003680, 2055003683, 2055003684, 2055003694, 2055003695, 2055003696, 2055003698, 2055003706, 2055003709, 2055003714, 2055003718, 2055003723, 2055003724, 2055003728, 2055003730, 2055003732, 2055003744, 2055003745, 2055003746, 2055003753, 2055003760, 2055003763, 2055003765, 2055003773, 2055003774, 2055003780, 2055003808, 2055003816, 2055003825, 2055003830, 2055003832, 2055003833, 2055003836, 2055003845, 2055003851, 2055003903, 2055004447, 205501318, 205501335, 205501362, 205501396, 205501397, 205501412, 205501417, 205501427, 205501470, 205501478, 205501492, 205501494, 205501503, 205501506, 205501508, 205501511, 205501513. **KHURDA:** 4290000007, 4290000008, 4290000020, 4290000028, 4290000096, 4290000097, 4290000113, 4290000115, 4290000123, 4290000146, 4290000147, 4290000150, 4290000152, 4290000157, 4290000168, 4290000174, 4290000186, 4290000197, 4290000200, 4290000202, 4290000208, 4290000212, 4290000213, 4290000214, 4290000221, 4290000224, 4290000244, 4290000247, 4290000252, 4290000256, 4290000265, 4290000267, 4290000274, 4290000283, 4290000286, 4290000292, 4290000294, 4290000309, 4290000311, 4290000325, 4290000326, 4290000330, 4290000338, 4290000339, 4290000345, 4290000351, 4290000357, 4290000359, 4290000360, 4290000361, 4290000362, 4290000365, 4290000372, 4290000373, 4290000376, 4290000377, 4290000383, 4290000385, 4290000393, 4290000407, 4290000414, 4290000417, 4290000418, 4290000432, 4290000438, 4290000440, 4290000442, 4290000444, 4290000465, 4290000468, 4290000476, 4290000479, 4290000483, 4290000484, 4290000485, 4290000490, 4290000501, 4290000509, 4290000521, 4290000523, 4290000524, 4290000529, 4290000536, 4290000539, 4290000550, 4290000557, 4290000558, 4290000560, 4290000561, 4290000564, 4290000566, 4290000568, 429001366, 429001414, 429001457, 429001534, 429001545, 429001601, 429001634, 429001650, 429001692, 429001711, 429001719, 429001741, 429001775, 429001786, 429001794, 429001821, 429001822, 429001843, 429001858, 429001860, 429001863, 429001869, 429001883. **SAILASRIVIHAR-BHUBANESWAR:** 1983002101, 1983003364, 1983003401, 1983003429, 1983003530, 1983003541, 1983003547, 1983003555, 1983003566, 1983003626, 1983003659, 1983003698, 1983003701, 1983003702, 1983003706, 1983003707, 1983003722, 1983003730, 1983003740, 1983003742, 1983003757, 1983003758, 1983003774, 1983003775, 1983003801, 1983003812, 1983003849, 1983003855, 1983003858, 1983003865, 1983003867, 1983003878, 1983003882, 1983003883, 1983003899, 1983003905, 1983003907, 1983003908, 1983003928, 1983003932, 1983003935, 1983003954, 1983003955, 1983003977, 1983003978, 1983003988, 1983003990, 1983003992, 1983004005, 1983004021, 1983004025, 1983004042, 1983004049, 1983004050, 1983004062, 1983004067, 1983004072, 1983004078, 1983004092, 1983004101, 1983004102, 1983004103, 1983004107, 1983004108, 1983004110, 1983004111, 1983004116, 1983004117, 1983004123, 1983004142, 1983004143, 1983004144, 1983004153, 1983004155, 1983004157, 1983004190, 1983004192, 1983004195, 1983004196, 1983004210, 1983004215, 1983004243, 1983004268, 1983004277, 1983004282, 1983004283, 1983004284, 1983004287, 1983004291, 1983004297, 1983004298, 1983004302, 1983004317, 1983004325, 1983004335, 1983004349, 1983004351, 1983004356, 1983004387, 1983004409, 1983004415, 1983004419, 1983004426, 1983004434, 1983004435, 1983004441, 1983004452, 1983004454, 1983004456, 1983004460, 1983004487, 1983004493, 1983004501, 1983004505, 1983004507, 1983004522, 1983004548, 1983004550, 1983004553, 1983004563, 1983004565, 1983004566, 1983004571, 1983004583, 1983004584, 1983004585, 1983004588, 1983004593, 1983004594, 1983004598, 1983004600, 1983004617, 1983004624, 1983004629, 1983004631, 1983004635, 1983004647, 1983004658, 1983004660, 1983004669, 1983004674, 1983004675, 1983004679, 1983004694, 1983004701, 1983004702, 1983004707, 1983004709, 1983004711, 1983004716, 1983004725, 1983004729, 1983004730, 1983004731, 1983004738, 1983004740, 1983004741, 1983004747, 1983004752, 1983004757, 1983004760, 1983004763, 1983004764, 1983004765, 1983004766, 1983004771, 1983004774, 1983004776, 1983004780, 1983004782, 1983004783, 1983004794, 1983004795, 1983004810, 1983004812, 1983004813, 1983004822, 1983004828, 1983004832, 1983004839, 1983004840, 1983004842, 1983004851, 1983004868, 1983004871, 1983004878, 1983004880, 1983004883, 1983004897, 1983004915, 1983004938, 1983004960, 1983004976, 1983004978, 1983004980, 1983004997, 1983004998, 1983005002, 1983005008, 1983005017, 1983005024, 1983005025, 1983005026, 1983005027, 1983005067, 1983005098, 1983005112, 1983005195, 1983005225, 1983005263, 1983005303, 1983005348, 198301300, 198301325, 198301511, 198302591, 198302673, 198302768, 198302801, 198302890, 198302899, 198302965, 198302974, 198303141, 198303202, 198303204, 198303206, 198303207, 198303211, 198303228, 198303235, 198303256, 198303263, 198303270, 198303291, 198303293, 198303339, 198303344, 198303358, 198303371, 198303391, 198303396, 198303409, 198303431, 198303434, 198303456, 198303485, 198303511, 198303557, 198303564, 198303592, 198303620, 198303622, 198303623, 198303624, 198303633, 198303646, 198303648, 198303663, 198303669, 198303723, 198303737, 198303753, 198303758, 198303760, 198303778, 198303780, 198303805, 198303812, 198303817, 198303833, 198303839, 198303846, 198303896, 198303900, 198303906, 198303952, 198303998, 198304015, 198304031, 198304038, 198304049, 198304053, F42967.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 05.09.2025 ସକାଳ 10 **CUTTACK ROAD-BHUBANESWAR:** First Floor, Dm Palace, Plot No.- 15/5168, Mauza Laxmisagar, Nearsyndicate Bank, Cuttack Road, Orissa, 751006. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

# ସୁନାମି ସତର୍କତା ଓ ସଚେତନତା ସଂକ୍ରାନ୍ତ ଦିନିକିଆ ତାଲିମ




କେନ୍ଦ୍ରାପଡ଼ା/ଆଳି(ଭାସ୍କର ନ୍ୟୁଜ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୁନାମି ସତର୍କତା ଏବଂ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଉପସ୍ଥିତ ରହି ଏହି ତାଲିମ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମୁଖ୍ୟ ସାଧାରଣ ପରିଚାଳକ, ଡିପିଓ ଓଏସଡିଏମ ପ୍ରମୁଖ ମଂଚାସୀନ ଥିଲେ । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଭାରତରେ ଓଡିଶାର ସ୍ଥାନ ଶ୍ରେଷ୍ଠ । ପ୍ରତିବର୍ଷ ଓଡିଶାକୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି । କେନ୍ଦ୍ରାପଡ଼ା ଜିଲ୍ଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ସଫଳତାର ସାମ୍ନା ମଧ୍ୟ କରୁଛି । ତେଣୁ ଯଦି ଆମେ ସମନ୍ୱୟ ରଖି ଏକଜୁଟ ଭାବେ ଆମେ କାର୍ଯ୍ୟ କରିବା ତେବେ ନିଶ୍ଚିତ ଭାବେ ଆମେ ସଫଳ ହେବା ବୋଲି ଜିଲ୍ଲାପାଳ କହିଛନ୍ତି । ତାଲିମ କାର୍ଯ୍ୟକ୍ରମରେ ସୁନାମି ସତର୍କତା, ସୁନାମି ସମୟରେ ସ୍ୱାସ୍ଥ୍ୟ ଓ ପରିମଳ, ସୁନାମି ସତର୍କତା ସମ୍ବନ୍ଧୀୟ ସ୍କୁଲ ସ୍ତରୀୟ ସଚେତନତା, ଶାନ୍ତି ଓ ଶୃଙ୍ଖଳା ନିୟନ୍ତ୍ରଣ, ବାତ୍ୟା ଆଶ୍ରୟସ୍ଥଳି ପରିଚାଳନା, ସ୍ଥାନାନ୍ତର ପ୍ରକ୍ରିୟା, କଣ କରିବେ ଓ କଣ କରିବେ ନାହିଁ, ସୁନାମି ପ୍ରସ୍ତୁତି ଓ ବିଭିନ୍ନ ଏନଜିଓ ନିଜର ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ । ବୈଠକରେ ଅତିଏସପି ଡିଆଇବି କେନ୍ଦ୍ରାପଡ଼ା, ବିଡ଼ିଓ, ତହସିଲଦାର ରାଜନଗର ଓ ମହାକାଳପଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜମ୍ବୁ, ତଣ୍ଡିଆପାଳ ଓ ତଳଚୁଆ ସାମୁଦ୍ରିକ ଥାନାରେ ଥାନାଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ରାଜନଗର ଓ ମହାକାଳପଡ଼ା, ଅଗ୍ନିଶମ ଅଧିକାରୀ କେନ୍ଦ୍ରାପଡ଼ା, ରାଜନଗର ଓ ମହାକାଳପଡ଼ା, ରାଜନଗର ଓ ମହାକାଳପଡ଼ା ସିଡିପିଓ, ଜମ୍ବୁ, ଲଞ୍ଜୁଡା ଓ ତଳଚୁଆ ପଞ୍ଚାୟତର ସରପଞ୍ଚ ଏବଂ ବିଭିନ୍ନ ଏନଜିଓର ସମ୍ପାଦକ ମାନେ ଉପସ୍ଥିତ ଥିଲେ ।



# ତାମିଲନାଡୁରେ ତ୍ୱରିତ ବିକାଶ ପାଇଁ ଭାରତ ସରକାରଙ୍କ ପରିବର୍ତ୍ତନକାରୀ ପଦକ୍ଷେପ

## ତାମିଲନାଡୁରେ ବିମାନବନ୍ଦର, ରାଜପଥ, ରେଳବାଇ, ବନ୍ଦର ଏବଂ ବିଦ୍ୟୁତଶକ୍ତି ସହିତ ଜଡ଼ିତ ୪୯୦୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ

### ଶିଳାନ୍ୟାସ

କୁଡାନକୁଲମ ୟୁନିଟ୍-୩ ଏବଂ ୪ରୁ ବିଦ୍ୟୁତଶକ୍ତି ନିଷ୍କାସନ ପାଇଁ ଆଇଏସଟିଏସ୍ ଅଧୀନରେ ପରିବହନ ବ୍ୟବସ୍ଥା

### ଉଦ୍‌ଘାଟନ

ଟୁଟିକୋରିନ ବିମାନବନ୍ଦରର ନୂତନ ଟର୍ମିନାଲ ବିଲଡିଂ

ଟୁଟିକୋରିନର ଭିଓସି ପୋର୍ଟର ଉତ୍ତର କାର୍ଗୋ ବର୍ଥ-୩

### ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ

ଏନ୍‌ଏଚ୍-୩୬ର ସେଥିଆଥୋପ-ଚୋଲାପୁରମ୍ ସେକ୍ସନର ଚାରିଲେନିଂ

ଏନ୍‌ଏଚ୍-୧୩୮ର ଟୁଟିକୋରିନ୍ ପୋର୍ଟ ରୋଡ ସେକ୍ସନର ୬ ଲେନ୍

ନାଗରକୋଏଲ ଟାଉନ୍- ନାଗରକୋଏଲ ଜଙ୍କସନ- କନ୍ୟାକୁମାରୀ ରେଳ ଲାଇନର ଦୋହରିକରଣ

ଅରଲଭାଇ ମୋଜି- ନାଗରକୋଏଲ ଜଙ୍କସନ ଏବଂ ତିରୁନେଲ ଭେଲି- ମେଲାପାଲାଇୟମ ରେଳ ଲାଇନ

ମଦୁରାଇ-ବୋଡିନାୟାକାନୁର ରେଳ ଲାଇନ ବିଦ୍ୟୁତକରଣ ପ୍ରକଳ୍ପ

### ପ୍ରକଳ୍ପର ଲାଭ

- ଟୁଟିକୋରିନର ନୂଆ ବିମାନ ବନ୍ଦର ଟର୍ମିନାଲ ୧୭,୩୪୦ ବର୍ଗଫୁଟ ପରିମିତ ସ୍ଥାନରେ ବିସ୍ତାରିତ, ସମସ୍ତ ଅତ୍ୟାଧୁନିକ ସୁବିଧା ସହିତ ଯାହାକି ବାର୍ଷିକ ଯାତ୍ରୀଙ୍କ ପରିମାଣକୁ ୬ଗୁଣ କରି ୨୦ଲକ୍ଷରେ ପହଞ୍ଚାଇବ, ବାୟୁ ସଂଯୋଗ ବିଶିଷ୍ଟ
- ୪୫୨ କୋଟି ଟଙ୍କା ବ୍ୟୟରେ ଇକୋ-ଫ୍ରେଣ୍ଡଲି ବିମାନବନ୍ଦର ଟର୍ମିନାଲ ଯାତ୍ରା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଦ୍ରୁତତର କରିବ, ନୂଆ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବ, ଆର୍ଥିକ ବୃଦ୍ଧି ଘଟିବ
- ୨୫୫୭ କୋଟି ଟଙ୍କାରେ ରାସ୍ତା ପ୍ରକଳ୍ପକୁ ଯୋଗାଯୋଗ ପାଇଁ ଅଧିକ ସୁଦୃଢ଼ କରାଯିବ, ଦ୍ରୁତ କାର୍ଗୋ ପରିଚାଳନା, ଲଜିଷ୍ଟିକ ଏବଂ ବାଣିଜ୍ୟ କାରବାରକୁ ଅଧିକ ଦ୍ରୁତତର କରିବ
- ୧୦୩୨ କୋଟି ବ୍ୟୟରେ ରେଳ ନେଟ୍‌ୱାର୍କକୁ ଦୋହରିକରଣ ଏବଂ ବିଦ୍ୟୁତକରଣ ସହ ଯୋଗାଯୋଗ ଏବଂ ଶିଳ୍ପ ସାମଗ୍ରୀର ଦ୍ରୁତ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ, ଅଙ୍ଗାରକାମ୍ଳ ବାଷ୍ପକୁ ନିଷ୍କାସନ କରିବ
- ୫୪୮ କୋଟି ଟଙ୍କା ବ୍ୟୟରେ ୨ ଗିଗାୱାଟ୍ ଟ୍ରାନ୍ସମିଶନ ଯାହାକି ସ୍ୱଚ୍ଛ ଏବଂ ସୁବିଧାରେ ତାମିଲନାଡୁ, କେରଳ, କର୍ଣ୍ଣାଟକ ଏବଂ ପୁଡୁଚେରୀ (କେନ୍ଦ୍ରଶାସିତ ଅଞ୍ଚଳ)ର ହିତାଧିକାରୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତସେବା ଯୋଗାଇବ
- ୨୮୫ କୋଟି ଟଙ୍କା ବ୍ୟୟରେ ଚିଦାମ୍ବରନର ବନ୍ଦରର କାର୍ଗୋ ପରିଚାଳନାକୁ ସୁବ୍ୟବସ୍ଥିତ ସହ ମଲ୍ଟି ବ୍ୟବସାୟର ସୁବିଧା ଏବଂ ଭବିଷ୍ୟତ ପାଇଁ ବ୍ୟବହାର ଉପଯୋଗୀ କରିବ
- ସରକାରଙ୍କ ୨୦୪୭ ବିକଶିତ ଭାରତ କାର୍ଯ୍ୟକ୍ରମକୁ ସୁନିଶ୍ଚିତ କରିବା ପାଇଁ ବାୟୁ, ରାସ୍ତା, ରେଳ, ବନ୍ଦର ଏବଂ ଶକ୍ତିପ୍ରକଳ୍ପଗୁଡ଼ିକୁ ସୁଦୃଢ଼

# ଶ୍ରୀ ନରେନ୍ଦ୍ର ମୋଦୀ

## ପ୍ରଧାନମନ୍ତ୍ରୀଙ୍କ କର କମଳରେ

### ଗରିମାମୟ ଉପସ୍ଥିତି

**ଶ୍ରୀ ଆର.ଏନ.ରବି**
ରାଜ୍ୟପାଳ, ତାମିଲନାଡୁ

**ଶ୍ରୀ ଏମ.କେ.ଷ୍ଟାଲିନ**
ମୁଖ୍ୟମନ୍ତ୍ରୀ, ତାମିଲନାଡୁ

**ଶ୍ରୀ ନୀତିନ ଜୟରାମ ଗଡ଼କରୀ**
କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରୀ

**ଶ୍ରୀ ମନୋହର ଲାଲ**
କେନ୍ଦ୍ର ବିଦ୍ୟୁତ, ଆବାସ ଏବଂ ସହରବିକାଶ ମନ୍ତ୍ରୀ

**ଶ୍ରୀ କିଞ୍ଜରାପୁ ରାମ ମୋହନ ନାଇଡୁ**
କେନ୍ଦ୍ରମନ୍ତ୍ରୀ, ବେସାମରିକ ଜାହାଜ ଚଳାଚଳ

**ଶ୍ରୀ ସର୍ବାନନ୍ଦ ସୋନୱାଲ**
କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ

**ଶ୍ରୀ ମୁରଲୀଧର ମୋହୋଲ**
କେନ୍ଦ୍ର ଜାହାଜ ଚଳାଚଳ ଏବଂ ସମବାୟ ମନ୍ତ୍ରୀ

**ଶ୍ରୀ ଏଲ.ମୁରୁଗାନ୍**
କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀମତୀ କାନିମୋଝି କରୁଣାନିଧି**
ସାଂସଦ (ଲୋକସଭା)

**ଶ୍ରୀ ସି.ସୁନମୁମେୟା**
ବିଧାୟକ, ବିଧାନସଭା

ଶନିବାର, ୨୬ ଜୁଲାଇ, ୨୦୨୫ । ପୂର୍ବାହ୍ନ ୮ଟା । ଟୁଟିକୋରିନ୍ ବିମାନବନ୍ଦର,








ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଡିଡି ନ୍ୟୁଜ୍‌ରେ ଦେଖନ୍ତୁ

CBC- 03111/15/0008/2526



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"

-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ



# ଗଡ଼କରୀଙ୍କ ଚିନ୍ତାଜନକ ତଥ୍ୟ

## ସଡ଼କ ଦୁର୍ଘଟଣାରେ ଭାରତର ବିଶ୍ୱ ରେକର୍ଡ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ବିଭାଗ ମନ୍ତ୍ରୀ ନୀତିନ୍ ଗଡ଼କରୀ ଗୁରୁବାର ରାଜ୍ୟସଭାରେ ଉପସ୍ଥାପନ କରିଥିବା ତଥ୍ୟ ବିଶେଷ ଚିନ୍ତାଜନକ ମନେହେଉଛି। ସେ ଉଲ୍ଲେଖ କରିଛନ୍ତି ଯେ, ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ଛ'ମାସ ମଧ୍ୟରେ ସମଗ୍ର ଦେଶରେ କେବଳ ଜାତୀୟ ରାଜପଥ ଉପରେ ଘଟିଥିବା ଦୁର୍ଘଟଣାରେ ୨୬ ହଜାର ୭୭୦ଜଣ ଲୋକ ପ୍ରାଣ ହରାଇଛନ୍ତି। ଜାତୀୟ ରାଜପଥ ଉପରେ ଦୁର୍ଘଟଣା ଯୋଗୁଁ ପ୍ରତି ଘଣ୍ଟାରେ ଛ'ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ରାଜ୍ୟ ରାଜପଥ ଓ ଗ୍ରାମ୍ୟ ସଡ଼କ ପଥରେ ଘଟୁଥିବା ଦୁର୍ଘଟଣା ଗୁଡ଼ିକୁ ଏହି ହିସାବରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେସବୁ ରାସ୍ତାରେ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କୁ ମିଶାଇଲେ ମୃତ୍ୟୁସଂଖ୍ୟା ଯେ କେତେ ଅଧିକ ହେବ, ତାହା ଭାବି ହେଉନାହିଁ। ଭାରତରେ ସଡ଼କ ଦୁର୍ଘଟଣା ଏକ ଭୟଙ୍କର ସମସ୍ୟା ରୂପେ ମୁଣ୍ଡ ଟେକିଥିବାର ଗଡ଼କରୀ ପ୍ରକାଶ କରିଥିଲେ। ସେ ଦର୍ଶାଇଥିଲେ ଗତ ୨୦୨୨ଗୋଟିଏ ବର୍ଷରେ ଆମ ଦେଶରେ ସାଢ଼େ ୪ଲକ୍ଷରୁ ଅଧିକ ସଡ଼କ ଦୁର୍ଘଟଣା ଘଟିଥିଲା ଏବଂ ଏଥିରେ ଦେଢ଼ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଚାଲିଯାଇଛି। ଦୁର୍ଘଟଣାର ଶିକାର ହୋଇଥିବା ଯାନବାହନ ମଧ୍ୟରେ ଦୁଇଚକିଆ ଯାନର ସଂଖ୍ୟା ସର୍ବାଧିକ ଥିଲା। ଦୁର୍ଘଟଣାର କାରଣ ସମ୍ପର୍କରେ ବିଶ୍ଳେଷଣ କରି ମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ, ଦ୍ରୁତଗତିରେ ଗାଡ଼ି ଚାଳନା ଓ ଅନ୍ୟ ଗାଡ଼ିକୁ ଟପି ଆଗକୁ ଯିବାର ମାନସିକତା (ଓଭର ଟେକିଂ) ଯୋଗୁଁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ଏହା ବ୍ୟତୀତ ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା ଯୋଗୁଁ ଅଧିକ ସଂଖ୍ୟକ ଦୁଇଚକିଆ ଆରୋହୀ ମରୁଥିବା ବେଳେ ଭୁଲ୍ ଉପାୟରେ ରାସ୍ତା ପାର କରିବା କାରଣରୁ ବହୁ ପଥଚାରୀଙ୍କ ଅକାଳରେ ମୃତ୍ୟୁ ଘଟୁଛି। କେନ୍ଦ୍ର ସରକାର ଏବେ ସଡ଼କ ସୁରକ୍ଷା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିଥିବାରୁ ଆଗାମୀ ଦିନରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବା ସଙ୍ଗେ ସଙ୍ଗେ ଲୋକଙ୍କ ଜୀବନରକ୍ଷା ସମ୍ଭବପର ହେବ ବୋଲି ଗଡ଼କରୀ ଆଶା ପୋଷଣ କରିଥିଲେ। ଗଣତନ୍ତ୍ରର ମନ୍ଦିର ସଂସଦରେ ମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ସ୍ଥଳେ ଦେଶରେ ସଡ଼କ ଦୁର୍ଘଟଣାକୁ ନେଇ ଅନ୍ୟ କେତେକ ତଥ୍ୟ ମଧ୍ୟ ବେଦନାଦାୟକ ମନେହେଉଛି। ମିଳିଥିବା ସୂଚନା ଅନୁଯାୟୀ ସମଗ୍ର ବିଶ୍ୱରେ ଭାରତରେ ହିଁ ସଡ଼କ ଦୁର୍ଘଟଣାରେ ସର୍ବାଧିକ ଜୀବନ ଯାଉଛି। ଏହାକୁ ରୋକିବା ପାଇଁ ଅନେକ ଆଇନ ରହିଥିଲେ ହେଁ ବାସ୍ତବ କ୍ଷେତ୍ରରେ ତାହା ଫଳପ୍ରଦ ହେଉନାହିଁ। ଦୁର୍ଘଟଣା ଘଟାଇ ଖସି ପଳାଇବା(ହିଟ୍ ଆଣ୍ଡ ରନ୍)ର ମାନସିକତା ଯୋଗୁଁ ମୃତ୍ୟୁସଂଖ୍ୟା ଅଧିକ ବୃଦ୍ଧି ପାଉଥିବାର ପରିସଂଖ୍ୟାନରୁ ଜଣାପଡିଛି। ପୀଡିତ ଲୋକଟି ବଞ୍ଚିଛି କି ମରିଛି ତାହା ନଦେଖି ଗାଡ଼ି ଚାଳକ ପଳାଇ ଯାଉଛନ୍ତି ଏବଂ ଉପଯୁକ୍ତ ସମୟରେ ଚିକିତ୍ସା ନପାଇ ରାସ୍ତା ଉପରେ ହିଁ ଅନେକେ ପ୍ରାଣ ହରାଉଛନ୍ତି। ନୂଆ ଟ୍ରାଫିକ୍ ନିୟମାବଳୀରେ ଡ୍ରାଇଭର ଦୁର୍ଘଟଣା ଘଟାଇ ପଳାଇଗଲେ କଡ଼ା ଦଣ୍ଡର ବ୍ୟବସ୍ଥା ରଖାଯାଇଛି, ମାତ୍ର ବର୍ତ୍ତମାନ ସୁଦ୍ଧା ଏହାକୁ ଠିକ୍ ଭାବରେ ପାଳନ କରାଯାଉ ନାହିଁ। ମୋଟାମୋଟି ଭାବରେ ସଡ଼କ ଦୁର୍ଘଟଣା ଭାରତୀୟ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡକୁ ଦୋହଲାଇ ଦେଉଥିବା ବେଳେ ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ଅସଂଖ୍ୟ ପିଲାଙ୍କୁ ଅନାଥ କରିଛି ଏବଂ ବହୁ ପୀଡିତ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସାମଗ୍ରିକ ଦୃଷ୍ଟିରୁ ବିଚାର କଲେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟାପକ ଅଭିଯାନ ଆରମ୍ଭ କରାଯିବାର ଜରୁରି ଆବଶ୍ୟକତା ରହିଛି।



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

# ମଣିଷର ଦୁଃଖ

ସମଗ୍ର ବିଶ୍ୱର ଦେଶେଦେଶେ ବହୁ ମହାମନୀଷୀ ନିଜନିଜ ସମୟର ତଳିତଳାନ୍ତ ମାନବସମାଜ ପାଇଁ କାର୍ଯ୍ୟ କରିଯାଇଛନ୍ତି। ବିବ୍ରତ ନହୋଇ ସେ ପ୍ରତ୍ୟେକ ହୋଇଉଠିଛନ୍ତି ଏକ ମହାନ୍ ଜୀବନର ଜାଗରଣ ଉଦ୍ଦେଶ୍ୟରେ ଜଣେ ଜଣେ ଯଥାର୍ଥ ବ୍ରତମନସ୍କ ପଥଚାରୀ। କେହି ଜୀବନକୁ ବାଜି ଲଗାଇଦେଇ ମରଣ ସହିତ ମୁକାବିଲା କରିଛନ୍ତି, କେହି ହସିହସି ବିଷର ପିଆଲା ଟୋକିନେଇଛନ୍ତି ମୁହଁ ପାଖକୁ ଏବଂ ଆଉ କେହିକେହି ଫାଶୀଦଉଡ଼ିରେ ଗଳାଇଦେଇଛନ୍ତି ବେକ। ଶୂଳୀରୁ ଆରମ୍ଭକରି ଗୁଳି - ବନ୍ଧୁକରୁ ଆରମ୍ଭ କରି ବୋମା - କେବେହେଲେ କାହାର ଧମକଚମକ ଧରାଶାୟୀ କରିପାରିନି ସେମାନଙ୍କ ମହାନ୍ ଲକ୍ଷ୍ୟ ଓ ଉତ୍ତୁଙ୍ଗ ଆଦର୍ଶବାଦକୁ। ସେ ସମସ୍ତଙ୍କର ମହାର୍ଘ ମନ୍ତ୍ର-ଉଚ୍ଚାରଣ ହେଉଛି ସାରା ମଣିଷଜାତିର ଦୁନିଆରୁ ଦୁଃଖ ଦୂରୀକରଣ। ମାତ୍ର ସେ ଦୁଃଖ କ'ଣ ଏଯାଏଁ ସରିଛି ?

ଏବେ ବି ମଣିଷ ମନରେ ଦୁଃଖ ଭରି ରହିଛି। ଆନନ୍ଦକୁ ଖୋଜିଖୋଜି ମରୀଚିକା ପଛେପଛେ ଗୋଡେଇଗୋଡେଇ ମରଣଭୟର ମରୁବାଲିରେ, ହତାଶାପଙ୍କରେ ଘାଣ୍ଟି ହେଉଛୁ ଆମେ ସମସ୍ତେ।

ଅର୍ଥାଭାବରୁ ଯେତିକି ଦୁଃଖଦୁର୍ଦ୍ଦଶାର ଘଟଣା ଘଟେ, ତା'ଠାରୁ ଅଧିକ ଘଟେ ଭଲ ପାଇବା ଅଭାବରୁ। ବ୍ୟକ୍ତିଗତ ଓ ସାମାଜିକ ସମ୍ପର୍କ ମଣିଷ ନିକଟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ - ତା'ର ବ୍ୟାଙ୍କ୍‌ରେ କେତେ ଅର୍ଥ ଅଛି - ସେଟା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଯଦି କିମିଆ କରି କେହି ସଂଗେସଂଗେ ବିଶ୍ୱର ଦାରିଦ୍ର୍ୟ କମେଇଦିଏ, ତା'ହେଲେ ମଣିଷର ଦୁଃଖ ମାତ୍ର ଶତକଡ଼ା ୫ଭାଗ କମିବ ଏବଂ ଆଉ ଯଦି କେହି ବିଷାଦ, ଉଦ୍‌ବେଗରୁ ମଣିଷକୁ ବିଚ୍ଛିନ୍ନ କରିଦିଏ, ତା'ହେଲେ ଦୁଃଖ କମିବ ମାତ୍ର ଶତକଡ଼ା ୨୦ଭାଗ।

ଯେଉଁ ମଣିଷଟି ପ୍ରେମ ନ ପାଇ ଜୀବନ ହରାଇଦିଏ କିମ୍ବା ପ୍ରେମ ପାଇବା ପାଇଁ ସମ୍ପତ୍ତି ହରାଉଛି, ତାକୁ ଦେଖି ଲୋକେ ଭାବନ୍ତି - ଆବେଗର ଅତିଶଯ୍ୟ ଏହାର କ୍ଷତି କଲା ବା ଟଙ୍କାର ଅଭାବରେ କ୍ଷୁଧାର ଜ୍ୱାଳାରେ ମୃତ ମଣିଷର ଦୁଃଖଠାରୁ ଏହି ପ୍ରେମଦଗ୍ଧ ମଣିଷର ଦୁଃଖ ଅଜସ୍ରଗୁଣ ତୀବ୍ରତର ହୋଇସାରିଛି। ସମୀକ୍ଷା କିନ୍ତୁ କହୁଛି - ବାସ୍ତବରେ ସଂପର୍କ ସ୍ୱହାହିଁ ଅଧିକ ଜୀବନ ନିୟନ୍ତ୍ରକ। ସମୀକ୍ଷା ଏହା ମଧ୍ୟ ଜଣାଇଛି ଯେ ଶିକ୍ଷା ଆୟତ୍ତ କରିବା ଅପେକ୍ଷା ଚମତ୍କାର ଜୀବନସଙ୍ଗୀ ସନ୍ଧାନରେ ମଣିଷର ନିକଟତର ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ତ୍ତମାନ ଯୁବଛାତ୍ରସମାଜ ମଧ୍ୟରେ ଦ୍ରୁତଗତିରେ ଅପସଂସ୍କୃତି ପ୍ରବେଶ କରି ଭବିଷ୍ୟତ ଜୀବନକୁ ଅନ୍ଧକାରର ଏକ ଅନ୍ଧକୂପ ଆଡ଼େ ଆଗେଇ ନେଉଛି। ବହୁସଂଖ୍ୟାରେ ଦେଖିବାକୁ ମିଳୁଛି ଏପରି ଉଚ୍ଛୃଙ୍ଖଳ ଯୁବକ ଯୁବତୀମାନଙ୍କୁ - ଯେଉଁମାନେ ପରବର୍ତ୍ତୀ କାଳରେ ଅନୁତାପ କରନ୍ତି ନାହିଁ ଯେ ସେତେବେଳେ ମନଦେଇ ପଢ଼ିଥିଲେ ଆଜି ସଂପନ୍ନ ଗୃହସ୍ଥ ହୋଇଥାନ୍ତୁ - ଶୀଘ୍ର ଶୀଘ୍ର ବାହାହୋଇ ସଂସାର କରି ଏଭଳି ଅନଟନରେ ପଡ଼ିନଥାନ୍ତୁ।

ଆଜିର ଯୁବଛାତ୍ରସମାଜ ମଧ୍ୟରେ ନୈତିକତା, ଆଦର୍ଶ, ସତ୍ୟତାର ଚିହ୍ନବର୍ଣ୍ଣ ଦୁର୍ଲଭ। ଯାଙ୍କି ସଂସ୍କୃତି, ଅପସଂସ୍କୃତିରେ କଣ୍ଠାଗ୍ରତ, ଏବକାର ଅଧିକାଂଶ ଯୁବଛାତ୍ରସମାଜ ଟିଭି ସିନେମା ଦେଖି ହିରୋ-ହିରୋଇନ୍-ଭିଲାନମାନଙ୍କୁ ଅନୁକରଣ କରି ସେଇଭଳି ଅର୍ଦ୍ଧନଗ୍ନ ପୋଷାକ, ଚୁଟିକଟାକୁ ଅନୁକରଣ କରୁଛନ୍ତି। ବିଦେଶୀ ଖାଦ୍ୟ, ଜଙ୍କ ଫୁଡ୍‌କୁ ପ୍ରସାଦ ମନେ କରି ମୁନାଫାଖୋର୍ ବେପାରୀ କମ୍ପାନୀଗୁଡ଼ିକ ଦ୍ୱାରା ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଖଟା ମିଠା କଡ଼ା ଥଣ୍ଡା ପାନୀୟକୁ ପାଦୁକ ଭଳି ପିଇଯାଉଛନ୍ତି। ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଟିଭିରେ ସିନେମା, ସିରିଅଲ୍ ଉପରୁ ଆଖିପତା ଫେରଉ ନାହାନ୍ତି। ମୋବାଇଲ୍ ତ ସବୁବେଳେ କାନରେ; ଆଙ୍ଗୁଠି ଯାଇ ସ୍କ୍ରିନ୍ ଟଚ୍‌ରେ। ଏହା ଫଳରେ ଏକେତ ଅଖାଦ୍ୟ ଖାଇ ରୋଗରେ ପଡୁଛନ୍ତି ଏଣେ ଆଖି ଖରାପ ହେଉଛି - ତେଣେ ପକେଟ୍‌କୁ କଣା କରି ଟଙ୍କାପଇସା ପବନରେ ଉଡ଼ିଯାଉଛି - ପୁଣି ରୋଜଗାର ନ ଥିବାରୁ ବାପମା'ଙ୍କୁ ଧମକେଇ ଚମକେଇ ଅର୍ଥ ନେଇଯାଉଛନ୍ତି। ଆଉ କେତେକେ ନିଜନିଜର ପ୍ରେମିକ-ପ୍ରେମିକାଙ୍କ ପର୍ସ ଖାଲିକରି ଦେଉଛନ୍ତି।

ଏସବୁ ଧନଲୋଭୀ ଶିଳ୍ପପତି, କ୍ଷମତାଲୋଭୀ ଶାସକ-ପ୍ରଶାସକଙ୍କ କାରସାଦି। ଯୁବ-ଛାତ୍ରସମାଜ ମୁଣ୍ଡକୁ ଖରାପ ନ କଲେ ତାଙ୍କ ଶାସନ ଚାଲିପାରିବ ନାହିଁ। ସଂପତି ସୁରକ୍ଷିତ ରହିବ ନାହିଁ। ଯେଉଁ ଦେଶରେ ଯୁବଛାତ୍ର ସମାଜ ଅନ୍ୟାୟ ଅତ୍ୟାଚାର, ଶୋଷଣ, କଷଣ, ହତ୍ୟା, ରାହାଜାନି, ଅପସଂସ୍କୃତି ବିରୋଧରେ ଖଡ଼୍‌ଗହସ୍ତ ହୁଏନା, ସେ ଦେଶର ଅଦୃଷ୍ଟରେ ଦୁର୍ଭାଗ୍ୟ ହିଁ ପ୍ରଥମ ଓ ଶେଷ ଲେଖା। ସେ ଦେଶ ଅଭାଗା। ଆମର ସବୁ ଥାଇ ଆମେ ହାହୁତାଶରେ ପ୍ରତିଦିନ ବଞ୍ଚି ବି ମରୁଛେ। ଯିଏ ଯେତେବଡ଼ ଧନୀ ହୁଅନ୍ତୁ ପଛେ ମନରେ ସରସ ଭାବ ନାହିଁ। କୋଉ କୋଣରେ ନା କୋଉ କୋଣରେ ଦୁଃଖ, ହତାଶା, ଭୟ ମାଡ଼ି ବସୁଛି।

ମଣିଷ-ମଣିଷର ସଂପର୍କ ଆର୍ଥିକ ସାମର୍ଥ୍ୟ ପାଇଁ ନିର୍ଦ୍ଧାରିତ ହୁଏ କି ? ଗୋଟିଏ ଅତି ଆନନ୍ଦମୟ ଦାମ୍ପତ୍ୟ ସଂପର୍କ ଅର୍ଥାଭାବରୁ ଦୂଷିତ ହୋଇଯାଏନା ? ସନ୍ତାନମାନେ କ'ଣ ପିତାମାତାଙ୍କ ଦରିଦ୍ରତା ପାଇଁ ଶତ୍ରୁମନୋଭାବାପନ୍ନ ହୋଇ ପଡ଼ନ୍ତି କି ? ଗୋଟିଏ ସଂପର୍କର ପ୍ରକୃତ ଶ୍ରଦ୍ଧାପ୍ରୀତି ପାଇଁ ଯେଉଁ ପରିମଣ୍ଡଳ ପ୍ରୟୋଜନ - ଅର୍ଥାଭାବରୁ ତାହା ନଷ୍ଟ ହୋଇଯାଉଛି କି ?

ଏବେ ବିଭିନ୍ନ ଖବରରୁ ଜଣାପଡ଼ିଛି ପ୍ରେମ ପାଉ ନାହିଁ ବୋଲି ପ୍ରାଚୁର୍ଯ୍ୟ ଶିଖରରେ ପହଞ୍ଚି ମଧ୍ୟ ମଣିଷ ଆତ୍ମହତ୍ୟା କରୁଛି। ଧନୀଲୋକମାନେ ବରାବର ସଂପତିର ପାହାଡ଼ ଉପରେ ବସି ପୁଣି ଧନ ପାଇଁ ବିକଳ ହୁଅନ୍ତି - ନାନା ଉପାୟ, କଳକୌଶଳ, ଷଡ଼ଯନ୍ତ୍ର, ଅନ୍ୟାୟ ଅତ୍ୟାଚାର, କଷଣ ଶୋଷଣ କରି ତାଙ୍କ ଧନସମ୍ପତ୍ତିର ପାହାଡ଼କୁ ସ୍ୱର୍ଗ ପର୍ଯ୍ୟନ୍ତ ଲମ୍ବାଇ ଦେବାକୁ ଇଚ୍ଛା କରି ଶେଷରେ ରୋଗ, ନିରାଶା, ହତାଶାର ହାହୁତାଶନରେ ସ୍ୱର୍ଗଧାମକୁ ଯାତ୍ରା କରନ୍ତି। ସେହି ସଂପତି ତାଙ୍କ ବଂଶ ପରିଜନମାନଙ୍କୁ ଖାଇ ଗୋଡ଼ାଏ। ସଂପର୍କ ଭାଙ୍ଗି ଛିନ୍‌ଛତ୍ର ହୋଇଯାଏ। ଧନଲୋଭ ମଣିଷକୁ ରସାତଳକୁ ଟାଣିନିଏ। ଟଲଷ୍ଟୟଙ୍କ ସେଇ ସ୍ମରଣୀୟ ଗଳ୍ପ 'ମଣିଷ ପାଇଁ କେତେ ଜମି ଲୋଡ଼ା'କୁ ଟିକେ ହେଜନ୍ତୁ। ତେଣୁ ସଂପର୍କ ହିଁ ଏକମାତ୍ର ଅସଲ ସଂପତି।

ସଂପର୍କର ସଂକଳ୍ପଟିଏ ଆଜିର ମଣିଷ ପାଇଁ ବିଶ୍ୱଶାନ୍ତିର ବିକଳ୍ପ। ବୃତ୍ତିର ଦାୟ, କୃଷିଭିତ୍ତିକ ସଂସ୍କୃତିର କ୍ରମବିଦାୟ, ଶିଳ୍ପକୈନ୍ଦ୍ରିକ ସଭ୍ୟତାର ଦ୍ରୁତସଂଚାର କେବଳ ଏକାନ୍ନବର୍ତ୍ତୀ ପରିବାରର ପରମ୍ପରାକୁ ମୂଳପୋଛ କରିନାହିଁ, ମଣିଷକୁ ତା' ନିଜ ଠାରୁ ମଧ୍ୟ ଦୂରେଇ ଆଣିଛି ପୂରାପୂରି। ଆମେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ଦେଖୁଛୁ, ନାଗରିକ ସମାଜ ସହିତ ରାସ୍ତାର ବାଁ ପଟେ ପ୍ରାତଃଭ୍ରମଣ ଓ ସାନ୍ଧ୍ୟଭ୍ରମଣ କରୁଛୁ - ମାତ୍ର ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରେ ମଣିଷଟିଏ ଭେଟିପାରୁନୁ, ଯେମିତି ଭଦ୍ରମହିଳାମାନଙ୍କ ଭିତରେ ଖୋଜି ପାଉନୁ ଅସଲ ନାରୀର ବ୍ୟକ୍ତିତ୍ୱ।

ରାଜପଥରେ ପେଟ ପାଇଁ ପଟୁଆର। ଜନପଥରେ ଜନସମୁଦ୍ରର ଜୁଆର। ମାତ୍ର ଜୀବନପଥ ନିର୍ଜନ। ମଣିଷ ସହିତ ମଣିଷ ସଂପର୍କଶୂନ୍ୟ। ନିଜ ପାଇଁ ଭଲ ଚାହିବାଟା ଯେତେ ବଢୁଛି, ଅନ୍ୟ ଅନେକଙ୍କୁ ଭଲପାଇବାଟି ସେତେ ଛିଡୁଛି। ଆମେ ଅର୍ଥରେ ସମର୍ଥ, ମାତ୍ର ଅନୁରାଗରେ ଅନନ୍ୟୋପାୟ, ଅସହାୟ। ଧନକୁବେରମାନଙ୍କ ଅର୍ଥନୀତିରେ ମନର ମଙ୍ଗଳ ନାହିଁ। ମନ ଯାଇ ବନବାସ କରୁଛି ଅଗମ୍ୟ ଅଞ୍ଚଳରେ, ହୃଦୟ ଅଛି ଅଜ୍ଞାତବାସରେ। ଖୋଜିଲା ମନ ପାଇଁ ଧ୍ୟାନ ଦିଆଯାଉ, ହଜିଲା ହୃଦୟ ପାଇଁ ହୁଲିଆ ଜାରି ହେଉ - ଏହା ହିଁ ଆଜିର ମଣିଷ ପ୍ରତି ସଂପର୍କର ଆହ୍ୱାନ।

ଏଇ ଆମ ଓଡ଼ିଶାଭୂଇଁରେ ଅନ୍ଧ, କନ୍ଧ, ଅଥଚ ଚିରନିର୍ଭୀକ ସନ୍ଥକବି ଭୀମ ଭୋଇ କହିଯାଇଛନ୍ତି - "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।" ଏ ମର୍ମବାଣୀ କ'ଣ ଏକ ମହିମ୍ନ ମନ୍ତ୍ରବାଣୀ ନୁହେଁ ? ଆମେ କାନ ଥାଇ କାଲ ହେଉଥିବା କେତେ ଦିନ ଆଉ ?

ତା'ହେଲେ ଏ ବିଶ୍ୱମାନବସମାଜ ମଧ୍ୟରେ ସମସ୍ତଙ୍କପାଇଁ ଦାନା, କନା, ଦି'ବଖୁରିଆ ଘରର ଧ୍ୱନି ଉଠାଇବା ପରେ ବୃହତ୍ତର ଜୀବନ କ୍ଷେତ୍ରରେ ଶାନ୍ତି, ମୈତ୍ରୀ, ସାମ୍ୟ ପାଇଁ ବିପ୍ଳବର ଜୟଗାନ, ନବମାନବର ମାଙ୍ଗଳିକ ଯାତ୍ରାସଂଗୀତ ଗାଇବ କିଏ ?

କିଏ ପ୍ରତ୍ୟୁତ୍ତର ଦେବ ନବମାନବସମାଜ ପ୍ରତିଷ୍ଠା ପାଇଁ ପ୍ରାଣପଣ ଆହ୍ୱାନର ?



ହିମାଂଶୁ ଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର
ମୋ: ୯୩୩୭୨୨୧୯୨୪

# କିମ୍ବଦନ୍ତୀ ମହିଳା ମାଳତୀ ଚୌଧୁରୀ

ଭାରତର ମୁକ୍ତି ସଂଗ୍ରାମ କଥା ଉଠିଲେ ଓଡ଼ିଶାର ଏମିତି ଏକ ପରିବାରର କଥା ଉଠେ ଯେଉଁ ପରିବାର ଦେଶକୁ ସ୍ୱାଧୀନ କରିବା ଲାଗି ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ। ସମ୍ଭ୍ରାନ୍ତପଣ ଓ ଜମିଦାରୀ ଥାଟ୍ଟକୁ ଆଡେଇଦେଇ ଏହି ପରିବାର ଦେଶର ସ୍ୱରାଜ୍ୟ ପାଇଁ ନିଜକୁ ଯେତିକି ସମର୍ପି ଦେଇଥିଲେ, ଓଡିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ସେତିକି ସମର୍ପିତ ଥିଲେ। ଏହି ପରିବାର ହେଉଛି ଜଗତସିଂହପୁରର "ଚୌଧୁରୀ ପରିବାର"। ଏହି ପରିବାରର ମୁଖିଆ ଥିଲେ ଗୋକୁଳାନନ୍ଦ ଚୌଧୁରୀ, ସେତେବେଳର ପ୍ରତିଷ୍ଠିତ ଆଇନଜୀବୀ ଓ ବିଶିଷ୍ଟ ଜମିଦାର। ମାଳତୀ ଚୌଧୁରୀ ଥିଲେ ଏହି ପରିବାରର ସାନ ବୋହୂ। ଏକାଧାରରେ ସେ ଥିଲେ ମହାନ୍ ଦେଶପ୍ରେମୀ, ଆଦର୍ଶ ସହଧର୍ମିଣୀ, ସୁଦକ୍ଷା ସଂଗଠିକା ଓ ସର୍ବୋପରି ଦରିଦ୍ର, ନିରନ୍ନ ଓ ବୁଭୁକ୍ଷୁ ମଣିଷର ସୁଖଦୁଃଖର ସାଥୀ। ଭାରତର ମୁକ୍ତି ସଂଗ୍ରାମରେ ମାଳତୀ ଚୌଧୁରୀ ଥିଲେ ଜଣେ ସ୍ୱୟଂସମ୍ପୂର୍ଣ୍ଣା ବିପ୍ଳବିଣୀ। ଏଥିପାଇଁ ସେ ଲାଠି ମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ବ୍ରିଟିଶ୍ ପୋଲିସ୍ ଫଉଜର ସାମ୍ନା କରିଛନ୍ତି।

ଏହି କିମ୍ବଦନ୍ତୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍। ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ଓ ରାଷ୍ଟ୍ରନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ। ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ। ସେହିପରି ପରେ ବଡ଼ ଯା' ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ସହାୟକ ହୋଇଥିଲା। ଆଉ ତା' ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ।

୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା। ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ। ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ। କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା। ଆଦର୍ଶ ପତ୍ନୀ ଥିଲେ ସେ। ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପତ୍ତି ନଥିଲା। ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ। ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁନ୍ଦ କୃଷିଫାର୍ମକୁ କର୍ମୀସଂଘକୁ ଦାନ କରିଦେଇଥିଲେ। ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ। ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇଥିଲା। ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା।



୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଡାକରା ଦେଲେ। ଓଡ଼ିଶାର ଇଞ୍ଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ। ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ'ମାସ ପାଇଁ ଶିଶୁକନ୍ୟା ଉତ୍ତରା ସହ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌ରେ ରହିଲେ। ୧୯୩୧ ମସିହା ଗାନ୍ଧୀ-ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ। ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ। ସେତିକିବେଳେ ତାଙ୍କ ବଡ଼ଝିଅ ଉତ୍ତରା ମାତ୍ର ୧୫ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ।

୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜିରାଉତ ଛାତ୍ରାବାସ। ବାଜିରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ। ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପା-ମା' ସଦୃଶ ଥିଲେ। ଏହି ଛାତ୍ରାବାସରେ ସେ ଦୁହେଁ ବାପି ଓ ନୁମା ନାମରେ ପରିଚିତ ଥିଲେ। ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ। ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ। ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ।

ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ। ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି। ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା। ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏସବୁ ଅର୍ଥକୁ ସେ ମାଳତୀ ଦେବୀ - ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ। ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ଦେଶୀକୋତ୍ତମ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା।

୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ। ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଉତ୍ସର୍ଗୀକୃତ ଜୀବନର ଆଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି। ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତା'ର ସାରମର୍ମକୁ ବୁଝିବାର ଅଛି। ବଙ୍ଗୀୟ କନ୍ୟା ଓ ଓଡ଼ିଶାର ବୋହୂ ମାଳତୀ ଚୌଧୁରୀଙ୍କ ଜୀବନାଦର୍ଶ ଏ ଜାତିକୁ ଦିଗ୍‌ଦର୍ଶନ ଦେଉ ଏହା ହିଁ ଆଜି ତାଙ୍କ ୧୨୧ତମ ଜୟନ୍ତୀ ପାଳନ ଅବସରରେ କାମନା।



ଗଙ୍ଗାଧର ସାମଲ
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ
କଟକ, ମୋ : ୯୪୩୭୨୨୬୬୪୭

# ଜାମିନ ଆଇନରେ ସଂଶୋଧନ ହେଉ

ସଭ୍ୟ ଓ ଗଣତାନ୍ତ୍ରିକ ସମାଜରେ ଅପରାଧ ନିୟନ୍ତ୍ରଣ, ଦଣ୍ଡବିଧି ଆଇନ ଓ ଅପରାଧୀ ମାନଙ୍କ ପୁନର୍ବାସ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଆଇନର ଶାସନରେ ଅପରାଧ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ସେ ପର୍ଯ୍ୟନ୍ତ ଧରାଯିବ, ଯେ ପର୍ଯ୍ୟନ୍ତ ସେମାନେ ଅଦାଲତ ବିଚାର ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ ନହୋଇଛନ୍ତି। ତେଣୁ କୁହାଯାଏ ସେ ହଜାରେ ଜଣ ଦୋଷୀ ପଛେ ଖଲାସ ହୋଇଯାଆନ୍ତୁ ଜଣେ ନିର୍ଦ୍ଦୋଷକୁ ଦଣ୍ଡ ଦିଆ ନଯାଉ। କିନ୍ତୁ ଆମ ବିଚାର ପ୍ରକ୍ରିୟା ଏତେ ବିଳମ୍ବିତ ହୋଇଯାଉଛି ଯେ ଦୋଷୀ ନିର୍ଦ୍ଦୋଷ ଉଭୟେ ବହୁବର୍ଷ ଧରି ବିଚାରାଧୀନ କଏଦୀ ଭାବେ ଜେଲରେ ଶଢୁଛନ୍ତି। କାରଣ ବିଚାର ପ୍ରକ୍ରିୟାର ଲକ୍ଷ୍ୟ ହେଲା କାହାକୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ତାହାର ଅପରାଧ ସବୁପ୍ରକାର ସନ୍ଦେହର ଉର୍ଦ୍ଧ୍ୱରେ ପ୍ରମାଣିତ ହେବା ଆବଶ୍ୟକ।

ଏଭଳି ବିଳମ୍ବିତ ବିଚାର ପ୍ରକ୍ରିୟାର ପୃଷ୍ଠଭୂମିରେ ଅପେକ୍ଷାକୃତ କମ ଜଘନ୍ୟ ଅପରାଧରେ ଅଭିଯୁକ୍ତ ଓ ପ୍ରଥମ ଦୃଷ୍ଟିରେ ନିର୍ଦ୍ଦୋଷ ଜଣାପଡୁଥିବା ଅଭିଯୁକ୍ତ ମାନଙ୍କୁ ଆଇନରେ ଜାମିନ ଦେବାର ବ୍ୟବସ୍ଥା ରହିଛି। ଜାମିନର ଅର୍ଥ ହେଲା ଅଭିଯୁକ୍ତ ବ୍ୟକ୍ତି କେତେକ ସର୍ତ୍ତଭିତ୍ତିରେ ବିଚାରାଧୀନ ଜେଲରୁ ମୁକ୍ତି ପାଇବେ ଏବଂ ଆବଶ୍ୟକ ପଡ଼ିଲେ ଫଏସଲା ହେବା ପର୍ଯ୍ୟନ୍ତ ଅଦାଲତ ନିର୍ଦ୍ଦେଶରେ ହଜାର ହେବେ। ଜାମିନ ଦେବା ଅଧିକାର ଜିଲ୍ଲାସ୍ତରୀୟ ବିଚାରପତିମାନଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବିଚାରପତି ମାନଙ୍କର କ୍ଷମତା ଆଇନରେ ରଖାଯାଇଛି। କିନ୍ତୁ ଜାମିନ ବ୍ୟବସ୍ଥାର ଉପଯୋଗ ଜିଲ୍ଲାସ୍ତରୀୟ ଅଦାଲତ ମାନଙ୍କରେ ଠିକ ଭାବେ ହୋଇପାରୁନାହିଁ ବୋଲି ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ ନିକଟରେ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ଜିଲ୍ଲାସ୍ତରୀୟ ବିଚାରପତିମାନେ ଜାମିନ ବ୍ୟବସ୍ଥାର ପୂର୍ଣ୍ଣ ଭାବେ ପାଳନ କରିବାକୁ ହୁଏତ ଭରସି ପାରୁନାହାନ୍ତି। ତେଣୁ ରୁଟିନ ଉପାୟରେ କେସ ତାରିଖ ଘୁଞ୍ଚି ଯାଉଛି ଏବଂ ବିଚାରାଧୀନ ବ୍ୟକ୍ତି ଜାମିନ ନ ପାଇ ଜେଲ ଭିତରେ ବନ୍ଦୀ ହୋଇ ରହୁଛନ୍ତି। ମୁଖ୍ୟ ବିଚାରପତିଙ୍କ ଏହି ବକ୍ତବ୍ୟ ଆମ ନ୍ୟାୟପାଳିକା ବ୍ୟବସ୍ଥାର ଏକ ଦୁର୍ବଳତାକୁ ସୂଚାଉଛି। ଏହାଫଳରେ ଅଭିଯୁକ୍ତମାନେ ଜାମିନ ପାଇଁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଆମେ ଜାଣୁ ଯେ ଆମ ଦେଶରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଜାମିନ ପାଇଁ ଯିବାକୁ କେବଳ ମୁଷ୍ଟିମେୟ ଲୋକଙ୍କ ପାଖରେ ଧନ ବଳ ଓ ଶକ୍ତି ରହିଛି। ଅଧିକାଂଶ ସାଧାରଣ ଓ ଗରିବ ଲୋକ ଉଚ୍ଚ ଅଦାଲତକୁ ଯାଇ ନପାରି ଅକାରଣେ ବିଚାରାଧୀନ କଏଦୀ ଭାବେ ରହିବାକୁ ବାଧ୍ୟ ହେଉଛନ୍ତି। ସେଥିପାଇଁ ଆମ ଦେଶର ଜେଲ ମାନଙ୍କରେ ଅପରାଧୀ ରହିବା ପାଇଁ ସ୍ଥାନ ଅଭାବ ପଡୁଛି। ଜେଲରେ ରହୁଥିବା ମୋଟାମୋଟି ତିନି ଚତୁର୍ଥାଂଶ ବନ୍ଦୀ ହେଉଛନ୍ତି ବିଚାରାଧୀନ କଏଦୀ। ଦେଶରେ ବିଭିନ୍ନ ଅଦାଲତ ମାନଙ୍କରେ ମୋଟ ବିଚାରାଧୀନ ମାମଲା ବହୁ ବର୍ଷ ଧରି ଏକ ବିପୁଳ ସଂଖ୍ୟାରେ ପହଞ୍ଚି ସାରିଛି। ଏହା ସାଙ୍ଗକୁ ଜଜ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ସୁପ୍ରିମକୋର୍ଟରୁ ଆରମ୍ଭ କରି ବିଭିନ୍ନ ରାଜ୍ୟ ହାଇକୋର୍ଟ, ଜିଲ୍ଲା ଓ ନିମ୍ନ ଅଦାଲତ ମାନଙ୍କରେ ଲକ୍ଷ ଲକ୍ଷ ମାମଲା ବାକି ରହିଛି। ସୁପ୍ରିମକୋର୍ଟ ୱେବସାଇଟରେ ପ୍ରକାଶିତ ପରିସଂଖ୍ୟାନ ଅନୁଯାୟୀ ଗତବର୍ଷ ନଭେମ୍ବର ୧ ତାରିଖ ସୁଦ୍ଧା ସୁପ୍ରିମକୋର୍ଟରେ ୬୯୭୮୧ ମାମଲା ବିଚାରାଧୀନ ରହିଛି। ସେହିପରି କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭାରେ ଦେଇଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ୨୫ ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟ ହାଇକୋର୍ଟରେ ମୋଟ ବିଚାରାଧୀନ ମାମଲା ସଂଖ୍ୟା ୫୯ଲକ୍ଷ ୫୫ ହଜାର ୮୭୩। ଦେଶର ଜିଲ୍ଲା ଓ ଅଧସ୍ତନ କୋର୍ଟ ମାନଙ୍କରେ ୪କୋଟି ୮୩ଲକ୍ଷ ମାମଲା ବିଚାରାଧୀନ ଅଛି। ଏଥିରୁ ଆମ ବିଚାର ବ୍ୟବସ୍ଥା ଉପରେ ବିଚାରାଧୀନ ମାମଲାର ବୋଝ ସହଜେ ଅନୁମେୟ।

ଆଇନ ଅନୁସାରେ ଜାମିନକୁ ଅଗ୍ରାଧିକାର ଦେବା କଥା, ଜେଲକୁ ନୁହେଁ। କିନ୍ତୁ ଆମ ଦେଶରେ ପୁଲିସ ବ୍ୟବସ୍ଥା ସ୍ୱଚ୍ଛ ନୁହେଁ। ଅନେକ ମାମଲାରେ ରାଜନୈତିକ ଚାପରୁ ହେଉ ବା ଦୁର୍ନୀତିର ପରିଣାମ ସ୍ୱରୂପ ଅନେକ ନିର୍ଦ୍ଦୋଷଙ୍କୁ ପୋଲିସ ବିଭିନ୍ନ ମାମଲା ଆଳରେ ବାନ୍ଧି ପକାନ୍ତି ଓ କୋର୍ଟକୁ ଚାଲାଣ କରନ୍ତି। ଅଧିକାଂଶତଃ ଏଭଳି ମାମଲାରେ ପୋଲିସର ଅଭିଯୋଗ ଫର୍ଦ୍ଦ ବା ଚାର୍ଜସିଟ ଅପୂର୍ଣ୍ଣ ରହିଥାଏ। ଏଭଳି ଅଭିଯୁକ୍ତମାନଙ୍କୁ ଜାମିନ ସହଜରେ ମିଳିବା କଥା। କିନ୍ତୁ ଜିଲ୍ଲାସ୍ତରୀୟ ବିଚାରପତିମାନେ ଯଦି ଆଇନରେ ଥିବା ଜାମିନ କ୍ଷମତାର ସମ୍ପୂର୍ଣ୍ଣ ସଦ୍‌ବ୍ୟବହାର କରିବାକୁ ପଛେଇବେ ତେବେ ସେହି ମାମଲାରେ ଫସିଥିବା ନିର୍ଦ୍ଦୋଷ ବ୍ୟକ୍ତିଟି ଯଦି ଗରିବ କିମ୍ବା ପଛୁଆବର୍ଗର ହୋଇଥାଏ ତେବେ ଜାମିନ ପାଇଁ ଉପରକୋର୍ଟକୁ ଯିବା ତା ପକ୍ଷରେ ସ୍ୱପ୍ନ ହୋଇପଡ଼େ। କାନମୁଣ୍ଡା ଆଉଁଷି ତାକୁ ବିଚାରାଧୀନ କଏଦୀ ଭାବେ ବର୍ଷ ବର୍ଷ ଧରି ଜେଲରେ ରହିବାକୁ ପଡ଼ିପାରେ। ଯଦି ମାମଲାଗୁଡ଼ିକ ତୁରନ୍ତ ବିଚାର ହୋଇପାରୁଥାନ୍ତା ତାହେଲେ ହୁଏତ ସେମାନଙ୍କ ମଧ୍ୟରୁ ଅନେକ ନିର୍ଦ୍ଦୋଷରେ ଖଲାସ ହୋଇପାରନ୍ତେ। ଅଦାଲତରେ ନିୟମିତ ବିଚାର ହେଲେ ମଧ୍ୟ ଆମ ଦେଶରେ ହତ୍ୟା ଭଳି ଜଘନ୍ୟ ଅପରାଧରେ ପ୍ରାୟ ୪୦ ପ୍ରତିଶତ ଅଭିଯୁକ୍ତ ହିଁ ଦଣ୍ଡିତ ହେଉଛନ୍ତି।

ଆମ ନ୍ୟାୟିକ ପ୍ରକ୍ରିୟାରେ ଏହି ଯେଉଁ ଅନ୍ଧାରୁଆ ଦିଗଟି ରହିଛି ସେଥିରେ ଉପଯୁକ୍ତ ସଂସ୍କାର ନ ଆଣିଲେ ବର୍ଷ ବର୍ଷ ଧରି ନିର୍ଦ୍ଦୋଷ ବ୍ୟକ୍ତିମାନେ ଜାମିନ ଅଭାବରେ ଜେଲ ଦଣ୍ଡ ଭୋଗୁଥିବେ। ଏଥିନିମନ୍ତେ ଜିଲ୍ଲାସ୍ତରୀୟ ବିଚାରପତିମାନଙ୍କ ପାଇଁ ଆଇନଗତ ମାର୍ଗଦର୍ଶିକା ଆବଶ୍ୟକ। ଉଚ୍ଚତମ ଅଦାଲତ ଏହାପୂର୍ବରୁ ଅନେକ ବାର ଜାମିନ ପ୍ରଣାଳୀରେ ଥିବା ଦୁର୍ବଳତା ବିଷୟରେ ଆଲୋକପାତ କରିଛନ୍ତି। ବିଚାରାଧୀନ କଏଦୀମାନଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ମଧ୍ୟ ଆଇନରେ ଉପଯୁକ୍ତ ସଂଶୋଧନ କରିବାକୁ ପରାମର୍ଶ ଦେଇସାରିଛନ୍ତି। ମୁଖ୍ୟ ବିଚାରପତିଙ୍କ ସଦ୍ୟତମ ମନ୍ତବ୍ୟକୁ ସଂସଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା ଅବିଳମ୍ବେ କରାଯିବା ଉଚିତ ଏବଂ ଆମ ନ୍ୟାୟ ବ୍ୟବସ୍ଥାରେ କୌଣସି ନିର୍ଦ୍ଦୋଷ ବ୍ୟକ୍ତି ବିଚାର ପ୍ରକ୍ରିୟା କିମ୍ବା ବିଚାରପତିଙ୍କ ଦ୍ୱନ୍ଦ୍ୱ ଯୋଗୁଁ ଅଧିକ ଗୋଟିଏ ଦିନ ମଧ୍ୟ ଜେଲରେ ବନ୍ଦୀ ନ ହେଉ। ଏହା ଆମ ଗଣତନ୍ତ୍ରର ଏକ ସୁସ୍ଥ ପରିଚୟ ହେଉ।

# ଶ୍ରୀଜଗନ୍ନାଥ ଚେତନା

କବୀର କୁମାର ଜେନା
କଟକ, ମୋ : ୮୯୧୭୩୭୭୯୮୭

ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା। ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ। ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି। ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ। ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ। ଅନନ୍ୟ ତାଙ୍କର ମହାପ୍ରସାଦ। ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ। ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ୍ୟ ନାହିଁ।

ଆବ୍ରାହ୍ମଣଚଣ୍ଡାଳ ସମସ୍ତେ ଏଠି ନିର୍ବିକାର ଚିତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେକରନ୍ତି ଏବଂ ଅନ୍ୟମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ୍ୟ ମନେକରିଥାନ୍ତି। ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା। ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ। ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ। ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ।

ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି। ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ। ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ। କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରାସାଦ ବା ଦେଉଳରୁ ବାହାରିଥାଆନ୍ତି। ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ। ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି। ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ୍ୟ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ। କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚି ସମ୍ପନ୍ନ କରିଥାଏ। ସାଂସ୍କୃତିକ ମୂଲ୍ୟବୋଧର ଭିତ୍ତି ଓ ଭୂତ୍ତି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ତ୍ୱ, ମୋକ୍ଷତତ୍ତ୍ୱ ଓ ପରମତତ୍ତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦ୍‌ଘୋଷଣା କରେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୃତ୍ରିମ ପ୍ରଜନନ କ୍ଷେତ୍ରରେ ନିରନ୍ତର ସଫଳତା ପାଇଁ ଜଣାଶୁଣା କିମସର ସେଣ୍ଟର ଫର୍ ରିପ୍ରଡକ୍ଟିଭ୍ ମେଡିସିନ୍ (ସିଆରଏମ)ରେ ପ୍ରଜନନ ସଚେତନତା ବାର୍ତ୍ତା ସହିତ ବିଶ୍ୱ ଆଇଭିଏଫ ଦିବସ ପାଳିତ ହୋଇଯାଇଛି। ୨୦୧୭ରେ ପ୍ରତିଷ୍ଠା ହେବା ପରଠାରୁ କିମ୍ସର ଏହି କେନ୍ଦ୍ରରେ ୫୮ ପ୍ରତିଶତ ସଫଳତା ସହ ୫୦୦୦ରୁ ଅଧିକ ବନ୍ଧ୍ୟାତ୍ୱ ଚିକିତ୍ସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସିଆରଏମର ମୁଖ୍ୟ ପରାମର୍ଶଦାତା ଡା ମୌସୁମୀ ଆଚାର୍ଯ୍ୟ କେନ୍ଦ୍ରର ସଫଳ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏବେ ଏଠାରେ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରଦାନ କରାଯିବା ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଜରିଆରେ ବନ୍ଧ୍ୟାକରଣ ଚିକିତ୍ସା କରାଯାଉଛି ବୋଲି ଡା. ଆଚାର୍ଯ୍ୟ କହିଥିଲେ। କିମ୍ସର ଏହି ସିଆରଏମ ଦଳ ପ୍ରଜନନ ଔଷଧରେ ଏକ ଫେଲୋସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଘୋଷଣା କରିଛି। ପରବର୍ତ୍ତୀ ପିଢ଼ିର ପ୍ରଜନନ ବିଶେଷଜ୍ଞମାନଙ୍କୁ ତାଲିମ ଦେବା ଏହାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। କିମସର ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଡା ଆର.ସି. ଦାସ କହିଲେ, ଏଠାରେ ଆମେ କେବଳ ବନ୍ଧ୍ୟାକରଣର ଚିକିତ୍ସା କରୁନାହିଁ ବରଂ ଜୀବନ ସୃଷ୍ଟି କରୁଛୁ। କିମ୍ସ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତ୍ସ୍ନାମୟୀ ପଣ୍ଡା କହିଲେ, ପ୍ରଜନନ ବିଜ୍ଞାନ ଦ୍ରୁତ ଗତିରେ ବିକଶିତ ହେଉଛି।



# ରାଜଧାନୀରେ ବଢୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା





## ୨୪୭୪ ମଧ୍ୟରୁ ୭୪ ଜଣ ଆକ୍ରାନ୍ତ

## ସହରର ୪ ଅଞ୍ଚଳରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ବ୍ୟାପୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବୃଦ୍ଧି ପାଇଛି ଆକ୍ରାନ୍ତଙ୍କ ସଂଖ୍ୟା । ଚଳିତ ବର୍ଷ ଜଲଦି ମୌସୁମୀ ଆଗମନ ଫଳରେ ଲଗାଣ ବର୍ଷର ପ୍ରଭାବରେ ଡେଙ୍ଗୁ ସଂଖ୍ୟା ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଗତ ଜୁନ ୧ରୁ ୨୪ ତାରିଖ ଭିତରେ ୨୪୭୪ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେଥି ମଧ୍ୟରୁ ୭୪ ଜଣ ଡେଙ୍ଗୁ ଆକ୍ରାନ୍ତ ଥିବା ଜଣାପଡ଼ିଛି । ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲରେ ୩ରୁ ୪ ଜଣ ନୂଆ ଡେଙ୍ଗୁ ରୋଗୀ ଆଡ୍‌ମିଟ ହେଉଛନ୍ତି। ଚଳିତ ମାସରେ କେବଳ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ୭୪ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଏହି ମାସ ଶେଷ ସୁଦ୍ଧା ଭୁବନେଶ୍ୱରରେ ଡେଙ୍ଗୁର ରୋଗୀ ସଂଖ୍ୟା ୧୦୦ ପାର ନେଇ ଆକଳନ କରାଯାଉଛି। କ୍ୟାପିଟାଲ୍ ହସ୍ପିଟାଲ୍ ଡେଙ୍ଗୁ ୱାର୍ଡରେ ୫ଜଣ ରୋଗୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।ଏହାବାଦ ଚଳିତ ମାସରେ ୩୨ ଜଣ ରୋଗୀ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ରାଜଧାନୀର ପ୍ରଶାନ୍ତି ବିହାର, ସାଲିଆ ସାହି, ଶହୀଦ ନଗର, ଶିଖରଚଣ୍ଡୀ ଆଦି ଅଞ୍ଚଳରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇଛି ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ରୂପଭାନୁ ମିଶ୍ର ।

# ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅକ୍ଷୟଶକ୍ତି କ୍ଷେତ୍ରରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ଓଡ଼ିଶା। ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ଅନୁମୋଦନ ପ୍ରାପ୍ତ ହୋଇଛି । ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି । ଏହି ବୈଠକରେ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡକୋ ଏବଂ ଓଏଚପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା।

## ମେଟ୍ରୋ ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମେଟ୍ରୋ ରେଳ ପ୍ରକଳ୍ପ ନେଇ କମିଟି ଥରେ ବୈଠକ କରିଛି ଆଗକୁ ପୁଣି ବୈଠକ ଏବଂ ଆଲୋଚନା କରି କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପ ହେବ। ପୂର୍ବ ସରକାର ଯେମିତି କରିଥିଲେ ତାହା ଭାଇବୁଲ ହେବ ନାହିଁ। ତେଣୁ ମେଟ୍ରୋ ପାଇଁ ଗଠିତ କମିଟି ବୈଠକ କରି ପ୍ରସ୍ତାବ ଦେବ।

## ନିଜ ସ୍ୱାର୍ଥ ପାଇଁ ଆନ୍ଦୋଳନ କରୁଛନ୍ତି ବିରୋଧୀ: ଅନିଲ ବିଶ୍ୱାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମହିଳା ନିର୍ଯାତନା ପ୍ରସଙ୍ଗ ନେଇ ବିରୋଧୀଦଳ ରାଜନୀତି କରୁଛନ୍ତି। ନିଜ ସ୍ୱାର୍ଥ ପାଇଁ ଏଭଳି ପ୍ରସଙ୍ଗ ନେଇ ସେମାନେ ରାଜରାସ୍ତାକୁ ଆସିଛନ୍ତି ଏବଂ ଆନ୍ଦୋଳନ କରୁଛନ୍ତି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି ବିଜେପି ସରକାର ପ୍ରଥମ ଦିନରୁ ମହିଳା ସୁରକ୍ଷାକୁ ଶୂନ୍ୟ ସହନଶୀଳତା ନିତି ଆପଣେଇଛି। ଯେଉଁଠି ଘଟଣା ଘଟିଛି ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବର୍ଷକ ଭିତରେ କୌଣସି ଘଟଣା ନାହିଁ ଯେଉଁଠି ସରକାର ମୁଖ୍ୟ ଅଭିଯୁକ୍ତଙ୍କୁ ଛାଡି ଦେଇଛନ୍ତି। ବିଜେଡି ଓ କଂଗ୍ରେସ ସରକାର ସମୟରେ ମାଳ ମାଳ ଘଟଣା ଘଟିଛି। ବାଲେଶ୍ୱର ଘଟଣାରେ ରାଜ୍ୟ ସରକାରଙ୍କ ତଦନ୍ତକୁ ନେଇ ହାଇକୋର୍ଟ ସନ୍ତୁଷ୍ଟି ପ୍ରକାଶ କରିଛନ୍ତି। ପରିବାର ମଧ୍ୟ ସନ୍ତୁଷ୍ଟି ବୋଲି କହିଛନ୍ତି। ୨୦୨୨ରେ ୨୯୦୦ ନାରୀ ନିର୍ଯାତନା ଘଟଣା ଏବଂ ୨୦୨୩ରେ ୩୨୦୦ ନିର୍ଯାତନା ମାମଲା ହୋଇଛି। ଯାହା ବିଧାନସଭାର ତଥ୍ୟ କହୁଛି। ନିକଟରେ ଛାତ୍ର କଂଗ୍ରେସ ସଭାପତି ମହିଳା ନିର୍ଯାତନା ଘଟଣାରେ ଗିରଫ ହୋଇଛନ୍ତି। ବିଜେଡି କର୍ପୋରେଟରଙ୍କ ବିରୁଦ୍ଧରେ ମାମଲା ଆସିଛି। ବିଜେଡି ଓ କଂଗ୍ରେସର ନେତାମାନେ ଏବେ ନିଜେ ନାରୀ ନିର୍ଯାତନାରେ ସାମିଲ ହୋଇଛନ୍ତି। ସେମାନେ ଆତ୍ମସମୀକ୍ଷା କରିବା ଦରକାର ଓ ଲୋକଙ୍କୁ ହଇରାଣ କରିଥିବାରୁ ଲୋକଙ୍କୁ କ୍ଷମା ମାଗିବା ଦରକାର ବୋଲି କହିଛନ୍ତି ଅନିଲ ବିଶ୍ୱାଳ।

# ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ନିଜର ଅଭିଭାଷଣରେ କହିଥିଲେ ଯେ, ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ବିଗତ ଏକବର୍ଷ ମଧ୍ୟରେ ଅନେକ ନୂତନ କାର୍ଯ୍ୟକ୍ରମ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କରାଯାଇଛି। ବିଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୪୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ 'ପଣ୍ଡିତ ହରିହର ଦାସ', 'ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ', 'ଶ୍ରୀ ଜଗନ୍ନାଥ ଐତିହ୍ୟ ଶତକ', 'ମୃତ୍ୟୁଞ୍ଜୟ', 'ନାଟ୍ୟ ଶାସ୍ତ୍ର (ପ୍ରଥମ ଓ ଦ୍ୱିତୀୟ ଖଣ୍ଡ)', 'କୋଣାର୍କ' (ଦୟାନିଧି ମିଶ୍ର ବିଶେଷାଙ୍କ), 'କୋଣାର୍କ' (ଗଙ୍ଗାଧର ମେହେର ବିଶେଷାଙ୍କ), 'କୋଣାର୍କ' (ସୁରେନ୍ଦ୍ର ମହାନ୍ତି ବିଶେଷାଙ୍କ), 'ବ୍ରତ ସାହିତ୍ୟ', 'ଲୋକରତ୍ନ କୁଞ୍ଜବିହାରୀ ଦାଶ', 'ବ୍ଲାକ ଟାଇଗର' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତି, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକ (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୦ହଜାର ଟଙ୍କା ଓ ସ୍ନାତକୋତର (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ୧୫ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀଗଣ, ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ଫେକ୍ ଜବ୍ କାର୍ଡ ଧରିବାକୁ ଆରମ୍ଭ ହେବ ଇ-କେୱାଇସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫେକ୍ ଜବ୍ କାର୍ଡ ଧରିବାକୁ ଆରମ୍ଭ ହେବ ଇ-କେୱାଇସି । ଏନେଇ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ୩ ମାସ ଭିତରେ ଜବ୍ କାର୍ଡ ଇ-କେୱାଇସି ନକଲେ କଟିବ ଜବ୍ କାର୍ଡ । ସରକାର ବାହାର କରିଛନ୍ତି ଫେକ୍ ଜବ୍ କାର୍ଡ । ଏହାର ଅଧିକାରୀ କିଏ ଥିଲେ, ଯିଏ ଶାସନ କରୁଥିଲେ ଉତ୍ତର ଦେବେ । ସରକାର ବର୍ଷେ ଭିତରେ ୨ ଲକ୍ଷ ଜବ୍‌କାର୍ଡ ଦେଇଛନ୍ତି ।

**ରୋଗୀ ସଂଖ୍ୟା ଅନୁସାରେ କ୍ୟାପିଟାଲ ହସ୍ପିଟାଲରେ ନାହାନ୍ତି ଡାକ୍ତର**

## ଖାଲି ପଡିଛି ୬୦ ଡାକ୍ତର ପଦବୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରୋଗୀଙ୍କ ସଂଖ୍ୟା ଅନୁସାରେ କ୍ୟାପିଟାଲ ହସ୍ପିଟାଲରେ ନାହାନ୍ତି ଡାକ୍ତର । ପ୍ରତିଦିନ ୫୦୦୦ ହଜାରରୁ ଅଧିକ ରୋଗୀ ଆସୁଥିବା ବେଳେ ଖାଲି ପଡ଼ିଛି ପ୍ରାୟ ୬୦ ଡାକ୍ତର ପଦବୀ । ମ୍ୟାନେଜ ହୋଇ ଚାଲିଛି ରୋଗୀ ସେବା । ପ୍ରତ୍ୟେକ ଦିନ ୫୦୦୦ରୁ ଅଧିକ ରୋଗୀ କ୍ୟାପିଟାଲ ହସ୍ପିଟାଲକୁ ଆସୁଛନ୍ତି। ଏହା ସହ ପ୍ରତ୍ୟେକ ଦିନ ୪୦୦ରୁ ଅଧିକ ରୋଗୀ ଆଡମିଟ ହେଉଛନ୍ତି। ଯେତିକି ଡାକ୍ତର ଅଛନ୍ତି ତାଙ୍କୁ ନେଇ ମ୍ୟାନେଜ କରାଯାଉଛି। ପ୍ରାୟ ୬୦ ଟି ଡାକ୍ତର ପଦବୀ ଖାଲିପଡ଼ିଛି। ପ୍ରତ୍ୟେକ ମାସ ଲିଖିତ ଆକାରରେ ସରକାରଙ୍କୁ ଏ ବାବଦରେ ସୂଚନା ଦିଆଯାଇଛି, ସରକାର ପଦକ୍ଷେପ ନେବେ ବୋଲି ଆଶା ରଖିଛୁ। ସେହିଭଳି ନର୍ସିଂ ଅଫିସର ପ୍ରାୟ ୬୦ ପଦବୀଖାଲି ପଡ଼ିଛି। ଆଉଟ ସୋର୍ସିଂ ଆଧାରରେ ଯେତିକି ସମ୍ଭବ ପୁରା କରିବାକୁ ଚେଷ୍ଟା କରାଯାଉଛି। ୨ଟି ବିଭାଗକୁ ମିଶାଇ ୨୦୦ରୁ ଅଧିକ ଡ଼ାକ୍ତର ଅଛନ୍ତି ବୋଲି ସୂଚନା ଦେଇଛନ୍ତି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ରୂପଭାନୁ ମିଶ୍ର ।

## ମେଟ୍ରୋ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତିପ୍ରସ୍ତର ସ୍ଥାପନ ହୋଇଥିଲା ବେଳେ, ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା, ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହା ଯୋଗୁଁ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି।କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜ୍ୟ ସହର ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି । ଡ଼ ମହାନ୍ତି କହିଛନ୍ତି, ଯଦି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବେ, ତାହେଲେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ । ଉଲ୍ଲେଖଯୋଗ୍ୟ, ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ନିତ୍ୟାନ୍ତ ଜରୁରୀ। କେନ୍ଦ୍ର ସହର ବିକାଶ ମନ୍ତ୍ରୀ ଲୋକସଭାରେ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ, ଦେଶର ୧୭ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହାର ଅର୍ଥ ବିକଶିତ ରାଜ୍ୟ ହେବାକୁ ଉଦ୍ୟମ କରୁଥିବା ରାଜ୍ୟମାନେ ମେଟ୍ରୋ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଆମ ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲି ଦେଉଛନ୍ତି।



## ସୁନାମାଫିଆ ରମେଶଙ୍କ ବିଜେପି ଲିଙ୍କ୍ ରହିଛି: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ୨୩ ତାରିଖରେ ସୁନା ନିବେଶ ନାମରେ ୨୦ କୋଟି ଟଙ୍କାର ଠକେଇ କରି ଗିରଫ ହୋଇଥିବା ରମେଶ ମାଝୀଙ୍କ ବିଜେପି ଲିଙ୍କ୍ ନେଇ ବର୍ଷିଛି କଂଗ୍ରେସ । କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ରମେଶ ମାଝୀର ବିଭିନ୍ନ ବିଜେପି ନେତାଙ୍କ ସହ ଥିବା ଫଟୋ ବର୍ତ୍ତମାନ ପଦାକୁ ଆସିଲାଣି । ବିଶେଷକରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହିତ ଘନିଷ୍ଠତା ଅଛି ବୋଲି ସୂଚନା ମିଳୁଛି। ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଠକ ମାଝୀର ବିଜେପି କାର୍ଯ୍ୟାଳୟରେ ଫଟୋ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଫଟୋ ଏବଂ ବିଶେଷକରି ସାଂସଦ ଅପରାଜିତା ଷଡ଼ଙ୍ଗୀ ସହ ତାଙ୍କ ଫଟୋ ରହିଛି । ଠକ ମାଝୀଙ୍କ ସହ ସମ୍ପର୍କକୁ ନେଇ ସାଂସଦ ଅପରାଜିତା ସ୍ପଷ୍ଟିକରଣ ଦିଅନ୍ତୁ ବୋଲି ମୁଖପାତ୍ର ଶ୍ରୀମତୀ ସାହୁ ଆହ୍ୱାନ ଜଣାଇଛନ୍ତି । ନାରୀ ନିର୍ଯାତନା ବାବଦରେ ସମ୍ପୂର୍ଣ୍ଣ ମୁଖ ବନ୍ଦ ରଖିଥିବା ସାଂସଦ ଷଡ଼ଙ୍ଗୀ ବାଲି, ଡ୍ରଗ୍ସ, ପଥର ଏବଂ ଖଣି ମାଫିଆଙ୍କ ସହ ସମ୍ପର୍କ ରହିବା ଆଶ୍ଚର୍ଯ୍ୟର ବିଷୟବସ୍ତୁ ।

## ବାରିପଦାରେ ସହରାଞ୍ଚଳ ବିକାଶ ପାଇଁ ରଣନୈତିକ ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍ତର ଓଡ଼ିଶାର ଏକ ମୁଖ୍ୟ ସହର ବାରିପଦାର ସମୟୋଚିତ ଓ ସ୍ଥାୟୀ ଉନ୍ନତିକୁ ନିଶ୍ଚିତ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଶୁକ୍ରବାର ଲୋକ ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ବାରିପଦା ସହର ବିକାଶ ପାଇଁ ଏହି ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକ ପାତ କରିଥିଲେ। ସେ କହିଲେ, ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଶହର ଭାବେ ବାରିପଦାକୁ ଗଠନମୂଳକ ଓ ସମନ୍ୱିତ ଉନ୍ନୟନ ମାଧ୍ୟମରେ ଗଢି ତୋଳିବାକୁ ପଡିବ। ବୈଠକରେ ଏକ ଏକ ଯୁଗ୍ମ ଟେକ୍ନିକାଲ୍ କମିଟି ଗଠନ କରାଯିବା ପାଇଁ ନିଷ୍ପତି ହୋଇଛି ଯାହା ବାରିପଦା ସହର ପାଇଁ ଏକ ସଂପୂର୍ଣ୍ଣ ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ସହାୟକ ହେବ। ଏହି କମିଟି ଭୂ-ଉପଯୋଗ, ଭୌଗୋଳିକ ତଥ୍ୟ, ବିଭିନ୍ନ ଢଞ୍ଚାର ଅବସ୍ଥାପନା, ଏବଂ ସାଧାରଣ ଅଭିଳାଷା ସହ ରାଜ୍ୟ ଯୋଜନାର ସମନ୍ୱୟ କରି ଏକ ଭବିଷ୍ୟତ ନକ୍ସା ପ୍ରସ୍ତୁତ କରିବ। ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ଭାରତୀୟ ରେଳ , ଜାତୀୟ ରାଜପଥ, ୱାଟକୋ ଅଧିକାରୀଙ୍କ ସମେତ ନଗର ଯୋଜନା ବିଶେଷଜ୍ଞମାନେ ଓ ଅନ୍ୟାନ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଭବିଷ୍ୟତ ଜନସଂଖ୍ୟା ଧ୍ୟାନରେ ରଖି ଭୂ-ଉପଯୋଗ ଯୋଜନା,ରେଳ ଓ ରାଜପଥ ସଂଯୋଗ ସହ ନଗର ଯାତାୟାତ ଓ ଗତିଶୀଳତା, ପାନୀୟଜଳ, ଆବାସ ଯୋଜନା, ଓ ଆବଶ୍ୟକ ପୂର୍ବକ ଅବସ୍ଥାପନା, ବାରିପଦାର ସାଂସ୍କୃତିକ ଓ ପ୍ରାକୃତିକ ପରିଚୟକୁ ରକ୍ଷା କରିବା ପାଇଁ ଭୌଗୋଳିକ ବ୍ୟବସ୍ଥାପନା ସହିତ ରାଜ୍ୟର 'ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣ ରେ ନିୟୋଜିତ ଏବଂ ସମନ୍ୱିତ ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି।

**ଅମରେଶଙ୍କ ବିରୋଧରେ ଅଭିଯୋଗ ଉପରେ ଅଶୋକଙ୍କ ପ୍ରତିକ୍ରିୟା**

## ମାମଲା ନେଇ ଦଳର ଶୃଙ୍ଖଳା କମିଟିକୁ ଜଣାଇବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ବିରୋଧରେ ଆସିଥବା ଅଭିଯୋଗ ନେଇ ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏହା ଏକ ସ୍ପର୍ଶକାତର ମାମଲା । ଦଳର ସଭାପତି ଆଗରୁ ସ୍ପଷ୍ଟ କରିଛନ୍ତି ଆଇନ ତା ବାଟରେ ଯିବ । ମାମଲା ନେଇ ମୁଁ ଦଳର ଶୃଙ୍ଖଳା କମିଟିକୁ ଜଣାଇବି । ନାରୀ ସୁରକ୍ଷା ଓ ନାରୀ ସମ୍ମାନ ପାଇଁ ଦଳ ସର୍ବୋଚ୍ଚ ପ୍ରାଥମିକତା ଦେଇଛି । ସୌମ୍ୟଶ୍ରୀ ହେଉ ବଳଙ୍ଗା ପୀଡିତା ଆମ ଷ୍ଟାଣ୍ଡ କ୍ଲିଅର ।

## ବିନା ଅନୁମତିରେ ଆଉଟସୋର୍ସିଂ ମନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିନା ଅନୁମତିରେ ଆଉଟସୋର୍ସିଂ ମନା । ସମସ୍ତ ବିଭାଗକୁ ଅର୍ଥ ସଚିବ ପକ୍ଷରୁ ଚିଠି ଦିଆଯାଇଛି । ଆଉଟସୋର୍ସିଂ ନିଯୁକ୍ତି ନେଇ ଚିଠି ଲେଖିଲେ ଅର୍ଥ ସଚିବ । ଅର୍ଥ ବିଭାଗର ବିନା ଅନୁମତିରେ ଆଉଟସୋର୍ସିଂ ନିଯୁକ୍ତି ଦିଆଯାଇପାରିବନି ।

**ଖୁଚୁରା ନିଅ, ଏମ୍‌ଆର୍‌ଆଇ ମେସିନ୍ ସଜାଡ**

# ଚନ୍ଦନ ପ୍ରତିଭା ଉତ୍ସବ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭଜନ ସାମ୍ରାଜ୍ଞୀ ଶାନ୍ତିଲତା ବାରିକ୍ ଛୋଟରାୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ସ୍ୱରତୀର୍ଥ' ଆନୁକୁଲ୍ୟରେ ଆୟୋଜିତ ଚନ୍ଦନ ପ୍ରତିଭା ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟର କୋଣ ଅନୁକୋଣ ଉଦୟମାନ କଳାକାର ମାନେ ଆସି ନିଜର କଳା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ ବର୍ଷରୁ ୭୦ ବର୍ଷ ବୟସର କଳାକାର ମାନେ ସଂଗୀତ, ନୃତ୍ୟ, ତବଲା, ବଂଶୀ, ମର୍ଦ୍ଦଳ ଆଦି ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ଅନସୂୟା ନାଥ, ଡ଼. ଜୟଶ୍ରୀ ଧଳ ଏବଂ ଗୁରୁ ଗୌରୀ ଶଙ୍କର ଦାସଙ୍କୁ ଚନ୍ଦନ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଛି। ଏଥିରେ ପଦ୍ମଶ୍ରୀ ଡ଼ାକ୍ତର ଅଶୋକ ମହାପାତ୍ର ଉଦ୍‌ଘାଟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି, ସୁରେଶ କୁମାର ରାଉତରାୟ (ପୂର୍ବତନ ମନ୍ତ୍ରୀ), ଜ୍ୟୋତି ପ୍ରକାଶ ଦାସ (ନିର୍ଦ୍ଦେଶକ, ପଞ୍ଚାୟତରାଜ ଓ ପାନୀୟ ଜଳ), ସଂଗ୍ରାମ କେଶରୀ ପାଇକରାୟ ( ପୂର୍ବତନ ସଭାପତି, ଓଡ଼ିଶା ଖଦି ବୋର୍ଡ଼), ଦୁଃଶାସନ ସ୍ୱାଇଁ ( ସମାଜ ସେବୀ), ବ୍ରଜ କିଶୋର ଦାସ (ଅଧକ୍ଷ ଶାନ୍ତିଲତା ବାରିକ୍ ଛୋଟରାୟ କଲ୍‌ଚରାଲ ଟ୍ରଷ୍ଟ) ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଉତ୍ସବରେ 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବସନ୍ତ କୁମାର ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଘେରିଲେ କଂଗ୍ରେସ ନେତା



କଟକ(ଭାସ୍କର ନ୍ୟୁଜ୍): କଟକ ବଡ଼ ମେଡିକାଲକୁ ବିଶ୍ୱ ସ୍ତରୀୟ ତଥା ଏମ୍ସ ପ୍ଲସ ମେଡିକାଲରେ ପରିଣତ କରିବା ପାଇଁ ଯୋଜନାଥିବା ବେଳେ ଏସ୍‌ସିବିରେ ଏମଆରଆଇ ମେସିନ୍ ଖରାପ ହେଇ ପଡିଛି । ଏହାକୁ ନେଇ ଆଜି କଂଗ୍ରେସ ତରଫରୁ ନିଆରା ଢଙ୍ଗରେ ପ୍ରତିବାଦ କରାଯାଇଛି । ଏସସିବି ମେଡ଼ିକାଲ ଅଧିକ୍ଷକଙ୍କୁ ଖୁଚୁରା ଗିଫ୍ଟ ଦିଆଯାଇଛି । ଶୀଘ୍ର ସଜାଡ଼ ଏମଆରଆଇ ମେସିନ ସଜାଡିବାକୁ ପରାମର୍ଶ ଦିଆଯାଇଛି। ମେଡିକାଲକୁ ପ୍ରତ୍ୟେହ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ରୋଗୀ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଆସିଥାନ୍ତି । କିନ୍ତୁ ଗତ ଦୁଇଦିନ ପୂର୍ବେ ହଠାତ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଧର୍ମପତ୍ନୀ କଟକ ବଡ଼ମେଡ଼ିକାଲକୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିଲେ । ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଡ଼ାକ୍ତର ଏମଆରଆଇ କରିବାକୁ ଉପଦେଶ ଦେଇଥିଲେ । କିନ୍ତୁ ଡାକ୍ତର ଖାନାରେ ଏମଆରଆଇ ମେସିନ୍ ଅଚଳ ରହିଥିବା ଜଣାପଡିଥିଲା। ଯେତେବେଳେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀଙ୍କ ବଡ଼ ମେଡିକାଲରେ ସ୍ୱାସ୍ଥ୍ୟ ସେବା ପାଇ ପାରୁ ନାହାଁନ୍ତି ତେବେ ସାଧାରଣ ଲୋକ କି ସେବା ପାଉଥିବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଶୁକ୍ରବାର ଏସସିବି ମେଡିକାଲରେ କଂଗ୍ରେସ ନେତା ମାନସ ଚୌଧୁରୀ ନେତୃତ୍ୱାଧୀନ ଏକ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପହ ଥିଲେ। ଏସ୍‌ସିବି ଅଧିକ୍ଷକ ପ୍ରଫେସର ଡାକ୍ତର ଗୌତମ ଶତପଥିଙ୍କୁ ଭେଟି ଖୁଚୁରା ଟଙ୍କା ଦେବା ସହ ଏମଆରଆଇ ମେସିନକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଅଧିକ୍ଷକଙ୍କ ନିକଟରେ ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ଯେଉଁଠି ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଚିକିତ୍ସା ମିଳି ପାରୁନି ସେଠାରେ ସାଧାରଣ ଲୋକଙ୍କ ଚିକିତ୍ସା କିପରି ହେଉଥିବ ତାହାକୁ ନେଇ ଅଧିକ୍ଷକଙ୍କୁ ମାନସ ପ୍ରଶ୍ନ କରିଥିଲେ। କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଥିବା ଟୋକନମନିରେ ମେଡିକାଲର ଯନ୍ତ୍ରାଶଂକୁ ମରାମତି କରିବାକୁ ନିବେଦନ କରିଥିଲେ । ଏହା ବ୍ୟତୀତ କଟକ ବାରବାଟୀ ବିଧାୟିକା ଓ ସହରବାସୀ ଟଙ୍କା ଆଦାୟ କରି ମେଡିକାଲ ଅଧିକ୍ଷକଙ୍କୁ ଦେବା ପାଇଁ ନିବେଦନ କରିଛନ୍ତି ମାନସ। ଅନ୍ୟମାନଙ୍କ ମଧ୍ୟରେ ଡ଼ ବିପ୍ଳବ ଶିଳାଦିତ୍ୟ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍, ସାଲେପୁର ନିର୍ବାଚନ ମଣ୍ଡଳୀ ର ଯୁବ ନେତା ଆକିବ୍ ଅହମ୍ମଦ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟନାରାୟଣ ତ୍ରୀପାଠୀ, ବ୍ଲକ୍ ସଭାପତି ବିପନ ପଶାୟତ ଯୋଗଦେଇଥିଲେ। ଅଧିକ୍ଷକ ଏହି ଅଭିଯୋଗ ଭିତ୍ତିହୀନ ଓ ଭୁଲ ଖବର ପ୍ରସାରଣ ହୋଇଥିବା କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ବୁଧବାର ଆସିଥିଲେ ଏମଆରଆଇ ପାଇଁ ଏବଂ ତାଙ୍କର ସଠିକ ରୂପେ ଏମଆରଆଇ ହୋଇଥିବା ଅଧିକ୍ଷକ କହିଛନ୍ତି ।




ବୌଦ୍ଧ, (ଭାସ୍କର ନ୍ୟୁଜ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା କରିବା ସହିତ ଆଗକୁ କ'ଣ କ'ଣ ପଦକ୍ଷେପ ନେଲେ ନିର୍ବାଚନ ସୁରୁଖୁରରେ ହୋଇପାରିବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ, ପଞ୍ଚାୟତ ଓ ଜିଲ୍ଲାର ବିକାଶରେ ଯୋଗଦାନ ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ୍ ଋତୁରାଜ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବୌଦ୍ଧ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଉପଜିଲ୍ଲାପାଳ, ବାଲିଗୁଡ଼ା ଡଃ. ରୀନା ପ୍ରଧାନ, ଉପଜିଲ୍ଲାପାଳ, ବୌଦ୍ଧ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ, ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଉପାନ୍ତରେ ବିକାଶର ବିକଳ ଚିତ୍ର: ଟ୍ରାକ୍ଟରରେ ବୁହା ହେଲା ଆମ୍ବୁଲାନ୍ସ



କନ୍ଧମାଳ, (ଭାସ୍କର ନ୍ୟୁଜ୍) : ରାସ୍ତା ଖରାପ ଯୋଗୁଁ ଅଧା ବାଟରେ ଆମ୍ବୁଲାନ୍ସ ଭାସି ଯାଇଥିବା ବେଳେ ତାକୁ ଏକ ଟ୍ରାକ୍ଟର ଉଦ୍ଧାର କରି ଟାଣି ଟାଣି ନେଉଥିବା ଭଳି ଏକ ବିରଳ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ନ ଆସିବାରୁ ରୋଗୀକୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିବା ଭଳି ଦୃଶ୍ୟ ଆଗରୁ ଅନେକ ଘଟିଥିବା ବେଳେ ବର୍ତ୍ତମାନ ଆମ୍ବୁଲାନ୍ସକୁ ଟ୍ରାକ୍ଟର ସାହାଯ୍ୟରେ ଟାଣି ଟାଣି ନେବାର ବିରଳ ଚିତ୍ର ଦେଖିବାକୁ ମିଳିଛି। ଏଭଳି ଏକ ବିକାଶର ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ତବଡା ଗ୍ରାମ ନିକଟରେ ।ମିଳିଥିବା ସୂଚନା ଅନୁସାରେ, କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ବିରାମୁଣ୍ଡା ଗ୍ରାମର ତୁଳା ନାଏକ(୩୫) ନାମକ ଜଣେ ମହିଳା ୨ ଦିନ ପୂର୍ବେ ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ଯାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ବିରାମୁଣ୍ଡା ଗ୍ରାମକୁ ଅଣା ଯାଉଥିଲା। ହେଲେ ରାସ୍ତା ଖାଲ ଖମା ସହ କାଦୁଅ ହୋଇ ଖରାପ ଥିବା ଯୋଗୁଁ ତବଡା ଗ୍ରାମରୁ ୫ଶହ ମିଟର ଦୂରରେ ଉକ୍ତ ଆମ୍ବୁଲାନ୍ସ ରାସ୍ତାରେ କାଦୁଅରେ ଦବି ଯାଇଥିଲା। ବହୁ ପରିଶ୍ରମ ସତ୍ତ୍ୱେ ଆମ୍ବୁଲାନ୍ସ ଉଠି ନ ପାରିବାରୁ ଶେଷରେ ଏକ ଟ୍ରାକ୍ଟର ସାହାଯ୍ୟରେ ଆମ୍ବୁଲାନ୍ସକୁ ଟାଣି ଟାଣି ବିରାମୁଣ୍ଡା ପର୍ଯ୍ୟନ୍ତ ନିଆ ଯିବା ଭଳି ବିକଳ ଚିତ୍ର ଦେଖିବାକୁ ମିଳିଥିଲା। ବିଳମ୍ବରେ ପହଞ୍ଚିବା ପରେ ମୃତ ମହିଳାଙ୍କ ଶବ ସତ୍କାର କରାଯାଇଥିବା ଜଣାପଡିଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ସହ ରାସ୍ତା ଘାଟର ଉନ୍ନତିକରଣ ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ କନ୍ଧମାଳ ବ୍ଲକର ଉପାନ୍ତ ଅଞ୍ଚଳରେ ବିକାଶ ଅପହଞ୍ଚ ଭଳି ମନେହୁଏ ।

## ପ୍ରଧାନମନ୍ତ୍ରୀଙ୍କ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ

# ବେଦାନ୍ତ ଆଲୁମିନିୟମ ଦ୍ୱାରା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ସହାୟତା ପ୍ରଦାନ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ଟିବି ରୋଗୀଙ୍କୁ ସହାୟତା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ ସହ ହାତ ମିଶାଇଛନ୍ତି। 'ଟିବି ମୁକ୍ତ ଭାରତ ଅଭିଯାନ'କୁ ସମର୍ଥନ କରିବା ଉଦ୍ଦେଶ୍ୟରେ କମ୍ପାନୀ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ସହିତ ମିଶି ୬୩ଜଣ ଯକ୍ଷ୍ମା ରୋଗୀଙ୍କୁ ଏକ ବର୍ଷ ପାଇଁ ପୁଷ୍ଟିକର କିଟ୍ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ଆଶା କର୍ମୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପୁଷ୍ଟିକର କିଟ୍ ହସ୍ତାନ୍ତର କରାଯାଇଥିଲା। କମ୍ପାନୀର ସମ୍ପ୍ରଦାୟ-କେନ୍ଦ୍ରିତ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ କହିବାକୁ ଯାଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ନିକ୍ଷୟ ମିତ୍ର ମାଧ୍ୟମରେ, ଆମେ ଏକ ଯକ୍ଷ୍ମାମୁକ୍ତ ଭାରତର ଜାତୀୟ ମିଶନରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ। ପୁଷ୍ଟିକର ସହାୟତା ଟିବି ଆରୋଗ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଆଜି ପର୍ଯ୍ୟନ୍ତ, ଆମେ ଝାରସୁଗୁଡା ଏବଂ କଳାହାଣ୍ଡିରେ ୫୫୦ରୁ ଅଧିକ ରୋଗୀଙ୍କୁ ସମର୍ଥନ କରିଛୁ ଏବଂ ଏବେ ଏହି ସେବାକୁ ସୁନ୍ଦରଗଡକୁ ବିସ୍ତାର କରିବାକୁ ଆମେ ଉତ୍ସାହିତ। ଯାହା ଦେଶର ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି।" ସୁନ୍ଦରଗଡର ସିଡିଏମଓ ଡକ୍ଟର ସୁରେଶ ଚନ୍ଦ୍ର ମହାନ୍ତି କହିଛନ୍ତି, "ସାଧାରଣତଃ ଦୂରଦୂରାନ୍ତ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଂଚାଇବା ଏକ ଚ୍ୟାଲେଞ୍ଜ। ଯକ୍ଷ୍ମା ରୋଗୀମାନଙ୍କୁ ଚିକିତ୍ସା ସହିତ ନିରନ୍ତର ପୁଷ୍ଟିସାର ଆବଶ୍ୟକ। ବେଦାନ୍ତର ସମର୍ଥନ ଯକ୍ଷ୍ମା ଚିକିତ୍ସା ଫଳାଫଳକୁ ଉନ୍ନତ କରିବ ଏବଂ ତୃଣମୂଳ ସ୍ତରରେ ଉତ୍ତମ ଯତ୍ନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରୟାସକୁ ମଜବୁତ କରିବ।" ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପ୍ରତି ପ୍ରତିବଦ୍ଧତାକୁ ରେଖାଙ୍କିତ କରେ, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ପ୍ରତି ସମ୍ପ୍ରଦାୟର ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପଗୁଡ଼ିକ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ।

## ଆନ୍ତଃରାଜ୍ୟ ଅପରାଧ ଗ୍ୟାଙ୍ଗର ପର୍ଦ୍ଦାଫାସ୍

# ସିରିଜ ସୁନା ଅଳଙ୍କାର ଲୁଟ ମାମଲାରେ ୧୩ ଗିରଫ



କେନ୍ଦୁଝର, (ଭାସ୍କର ନ୍ୟୁଜ) : ଜୁଲାଇ ୧୬ତାରିଖ ଦିନ କେନ୍ଦୁଝର ସହର ସମେତ ବିଭିନ୍ନ ଅଞ୍ଚଳରେ ସିରିଜ ସୁନା ଚେନ ଓ ଅଳଙ୍କାର ଲୁଟ ମାମଲାରେ ୧୩ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୋଗକାରିଣୀ ଗାୟତ୍ରୀ ପାତ୍ରଙ୍କ ଦ୍ୱାରା ୧୬.୦୭.୨୦୨୫ରେ କେଉଁଝରର ଡିଏନ ହାଇସ୍କୁଲ ନିକଟରେ ଏକ ସୁନା ଚେନ୍ ଛିନତାଇ ଘଟଣା ସମ୍ପର୍କରେ ଦାୟର ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଟାଉନ୍ ପୋଲିସ, କେନ୍ଦୁଝର ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଚେନ୍ ଛିନତାଇ, ଚୋରି, ଡକାୟତି ଏବଂ ଡକାୟତି ମାମଲାରେ ଜଡିତ ଏକ ଆନ୍ତଃରାଜ୍ୟ ସଂଗଠିତ ଅପରାଧୀ ଗ୍ୟାଙ୍ଗକୁ ସଫଳତାର ସହ ପର୍ଦ୍ଦାଫାସ୍ କରିଛି। ଭାରତୀୟ ନ୍ୟାୟ ସଂହିତାର ଟାଉନ୍ ଥାନା କେସ୍ ତଦନ୍ତ ସମୟରେ, ଏସ୍‌ଆଇ ଦିଲ୍ଲୀପ କୁମାର ମୁର୍ମୁଙ୍କ ନେତୃତ୍ୱରେ ପୋଲିସ ଅଧିକାରୀଙ୍କ ଏକ ଦଳ କୁଖ୍ୟାତ ଏରାଗୁଲା ଗ୍ୟାଙ୍ଗର ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଗ୍ୟାଙ୍ଗ ମୁଖ୍ୟତଃ ଯାଜପୁର ଜିଲ୍ଲା ଅନ୍ତର୍ଗତ ଦଶମାଣିଆ, ମୁଣ୍ଡମାଲା ଏବଂ ପୂର୍ବକୋଟ ଅଞ୍ଚଳରୁ କାର୍ଯ୍ୟ କରୁଛି ଏବଂ ଓଡ଼ିଶା ଏବଂ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ଏବଂ ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟରେ ଏହାର ଅପରାଧିକ ନେଟୱାର୍କ ବିସ୍ତାର କରିଛି। ଗିରଫ ଅଭିଯୁକ୍ତ ବ୍ୟକ୍ତି: ବିକି ଓରଫ ବିକି ପ୍ରଧାନ (୨୩), ଯାଜପୁର, ଗଞ୍ଜାମ ଜିଲ୍ଲାର ଆଶୁ ଓରଫ ଆୟୁ (୨୫), ଯାଜପୁର ଜିଲ୍ଲାର କିଶନ ପ୍ରଧାନ (୨୩), ଅଜୁ ପ୍ରଧାନ (୨୨), ଅର୍ଜୁନ ପ୍ରଧାନ (୨୪),ସାଗଲ ଚନ୍ଦନ (୨୦),ସାଗର ପ୍ରଧାନ (୨୪), ରାଜୁ ପ୍ରଧାନ (୪୧),ରାମ ପ୍ରଧାନ (୩୨), ଦିଲୀପ ପ୍ରଧାନ (୩୮), ରାଜୁ ପ୍ରଧାନ (୨୭), ଗୋପୀ ପ୍ରଧାନ (୨୮), ସିନୁ ପ୍ରଧାନ (୧୯)। ବିଶ୍ୱସନୀୟ ଗୁପ୍ତଚର ଆଧାରରେ ପୋଲିସ ଅପରାଧ ସମୟରେ ବ୍ୟବହୃତ ୮ ଟି ମୋଟରସାଇକେଲ, ଖାଲି ମଦ ବୋତଲ, ପ୍ଲାଷ୍ଟିକ ଚଷମା ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ଗ୍ୟାଙ୍ଗଟି ଜୁଲାଇ ୧୫ ତାରିଖ ପୂର୍ବରୁ ଗୁଇନ୍ଦାଗିରି କରିଥିଲା ଏବଂ ୧୬ତାରିଖରେ କେନ୍ଦୁଝର ସହରରେ ୯୦ ମିନିଟ୍ ମଧ୍ୟରେ ଅତି କମରେ ୯ଟି ଚେନ୍ ଛିନତାଇ ଘଟଣା ଘଟାଇଥିଲା। ଲୁଟ୍ ହୋଇଥିବା ସୁନା ଅଳଙ୍କାରଗୁଡ଼ିକୁ ବଣ୍ଟନ ପାଇଁ ସେମାନଙ୍କ ଜନ୍ମ ଗାଁକୁ ନିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ୨୦୦ରୁ ଅଧିକ ସମ୍ପତ୍ତି ସମ୍ବନ୍ଧୀୟ ଅପରାଧରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର କରିଛନ୍ତି, ଏବଂ ସେମାନଙ୍କ ମଧ୍ୟରୁ ଅନେକ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାଗୁଡ଼ିକରେ ପଞ୍ଜିକୃତ ବହୁ ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡିଛି। ସେମାନଙ୍କର ପୂର୍ବ କାର୍ଯ୍ୟକଳାପରେ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଗୁରୁତର ଅପରାଧ ରହିଥିବା ପୋଲିସ ପ୍ରକାଶ କରିଛି। ତଦନ୍ତରୁ ଜଣାପଡିଛି ଯେ ଗ୍ୟାଙ୍ଗଟି ଯୋଜନାବଦ୍ଧ ବୈଠକ, ରଣନୈତିକ କ୍ୟାମ୍ପିଂ ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସହିତ ସଂଗଠିତ ଭାବରେ କାର୍ଯ୍ୟ କରୁଥିଲା। ସେମାନେ ସନ୍ଧ୍ୟା ସମୟରେ ଦ୍ରୁତ ଗତିର ମୋଟରସାଇକେଲ ବ୍ୟବହାର କରୁଥିଲେ ଏବଂ ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ଏହି ଗୋଷ୍ଠୀର ମହାସମୁନ୍ଦ (ଛତିଶଗଡ଼) ଏବଂ ଆସ୍କା (ଗଞ୍ଜାମ)ରେ ଅପରାଧିକ ତତ୍ତ୍ୱମାନଙ୍କ ସହିତ ସମ୍ପର୍କ ଥିବା ମଧ୍ୟ ସନ୍ଦେହ କରାଯାଉଛି। ସମସ୍ତ ଅଭିଯୁକ୍ତଙ୍କୁ ୨୪.୦୭.୨୦୨୫ ତାରିଖରେ କେନ୍ଦୁଝର ଏସ୍ଡିଜେଏମଙ୍କ କୋର୍ଟକୁ ପୋଲିସ ହେପାଜତ ପାଇଁ ପ୍ରାର୍ଥନା କରାଯାଇଥିଲା। ଅନ୍ୟ ଗ୍ୟାଙ୍ଗ ସଦସ୍ୟମାନଙ୍କୁ ଚିହ୍ନଟ କରିବା, ଲୁଟ ହୋଇଥିବା ସମ୍ପତ୍ତି ଉଦ୍ଧାର କରିବା ଏବଂ ସେମାନଙ୍କର ଆନ୍ତଃରାଜ୍ୟ ଅପରାଧିକ ଲିଙ୍କ୍ ଖୋଜିବା ପାଇଁ ଅଧିକ ତଦନ୍ତ ଚାଲିଛି।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଙ୍କ ପାଇଁ ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଗୁରୁବାର ଦିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ନୂତନ ନାମଲେଖା କାର୍ଯ୍ୟନିର୍ବାହୀ ଅଧିକାରୀ ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା ନୂତନ ଭାବରେ ନାମ ଲେଖାଇ ଥିବା ଛାତ୍ରୀ ମାନଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ଭାବରେ ଅବଗତ କରାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ତଥା ଛାତ୍ରୀ ନିବାସ ଅଧକ୍ଷା ଅର୍ଚ୍ଚନା ମାଝୀ ଛାତ୍ରୀ ନିବାସର ନିୟମ ଶୃଙ୍ଖଳା ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପନା ନିୟମ ସମ୍ପର୍କରେ ଭଲ ପାଠ ପଢିବା ଉପରେ ଦିଗଦର୍ଶନ ଦେଇ ନିଜ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନାମ ରଖିବା ପାଇଁ ଉପଦେଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରୁ ସଂସ୍କୃତ ବିଭାଗ ଅଧ୍ୟାପିକା ଦିବ୍ୟଶ୍ରୀ ବାରିକ ରାଜନୀତି ବିଜ୍ଞାନ ଅଧ୍ୟାପିକା ରୀମା ସେଠୀ ତର୍କଶାସ୍ତ୍ର ଅଧ୍ୟାପିକା ରୂପମଣୀ ଟୁଡୁ ନୁତନ ଛାତ୍ରୀ ମାନଙ୍କୁ ଉଚିତ ମାର୍ଗରେ ଯିବା ପାଇଁ ଅବଗତ କରାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କାର୍ଯ୍ୟକଳାପ, ଅଧ୍ୟାପନା, ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଯୁବ ରେଡକ୍ରସ ତଥା ଆନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ନୂତନ ଛାତ୍ରୀ ମାନଙ୍କ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରାଇଥିଲେ। ଏହି ନୂତନ ପ୍ରବେଶ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ସ୍ମୃତି ରେଖା ପାତ୍ର ଏକ ଭଜନ ପରିବେଷଣ କରିଥିଲେ ଶେଷରେ ଇଂରାଜୀ ଅଧ୍ୟାପିକା ପ୍ରୀୟଙ୍କା ପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନୂତନ ପ୍ରବେଶ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଯୁବତୀଙ୍କ ଏଡିଟ୍ ଫଟୋ, ଭିଡିଓ ଭାଇରାଲ ଘଟଣା

# ୭ ମାସ ପରେ ଗିରଫ ଅଭିଯୁକ୍ତ କୋର୍ଟଚାଲାଣ



ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ଦିବ୍ୟାଙ୍ଗ ଯୁବତୀଙ୍କ ୨ ବର୍ଷ ଧରି ଏଡିଟ୍ ହୋଇଥିବା ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ଘଟଣାରେ ୭ ମାସ ପରେ ପୋଲିସ ଏକ ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଗିରଫ ପରେ ଗତକାଲି କୋର୍ଟ ଚାଲାଣ କରିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, କେନ୍ଦୁଝର ଜିଲା ଘସିପୁରା ବ୍ଲକ ମଦନପୁର ଗ୍ରାମର ଶ୍ରୀକାନ୍ତ ଜେନା ଓରଫ ସିପୁନ ଜେନା (୨୯), ଫୋନ ଯୋଗେ ମାଲକାନଗିରି ଜିଲ୍ଲାର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ସହ ସମ୍ପର୍କ ଗଢ଼ିଥିଲେ। ପରେ ସେ ତାଙ୍କ ଏଡିଟ୍ ହୋଇଥିବା ଅଶ୍ଳୀଳ ଫଟୋ ଭିଡିଓ ଯୁବତୀଙ୍କୁ ଦେଖାଉଥିଲେ। ବାରମ୍ବାର ବାରଣ ସତ୍ତ୍ୱେ ସେ ଗୋଟିଏ ପରେ ଗୋଟିଏ ଭିଡିଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରୁଥିଲେ। ଅଭିଯୁକ୍ତ ବାରମ୍ବାର ଫୋନ ବଦଳାଇ ପୀଡିତା ଓ ତାଙ୍କ ପରିବାରକୁ ଧମକ ଦେବା ସହ, ସେମାନଙ୍କ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ କରୁଥିଲେ। ପୀଡିତାଙ୍କ ଅଭିଯୋଗ ପରେ ଜାନୁଆରୀ ୨ ରେ କୋରୁକୋଣ୍ଡ ସ୍ଥିତ ମାଲକାନଗିରି ସଦର ଥାନାରେ ଧାରା ୩୫୧(୨) ଆଇଟି ଆଇନ ନଂ ୬୬(ଇ), ୬୭ ଓ ୬୭(ଏ) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଆଇଆଇସିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। ଯାହାର ନେତୃତ୍ୱ ଏସ୍ ?ଆଇ ପ୍ରଶାନ୍ତ କୁମାର ସାବତ ନେଇଥିଲେ। ଏହି ଦଳର ୪ ଜଣ ସଦସ୍ୟ ମଦନପୁର ଗ୍ରାମକୁ ଯାଇ ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ ଗିରଫ କରି କୋରୁକୋଣ୍ଡା ଆଣିଲା ପରେ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ବର୍ଷାରେ ବୁଡିଗଲା କନ୍ୟାଶ୍ରମ ପୋଲ

କାଳିମେଳା, (ଭାସ୍କର ନ୍ୟୁଜ୍) : ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ପାଇଁ ମାଲକାନଗିରି ଜିଲ୍ଲାରେ ଗତଦୁଇ ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ଯୋଗୁଁ କାଳିମେଳାରୁ ପଡିଆ ମଧ୍ୟରେ ଯୋଗାଯୋଗ କରୁଥିବା କନ୍ୟାଶ୍ରମ ପୋଲ ଆଜି ସକାଳୁ ବୁଡ଼ିଯାଇଛି। ଆଜି ସକାଳ ୯ଟା ସୁଦ୍ଧା ପୋଲ ଉପରେ ପାଖାପାଖି ୩ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଯାତାୟାତକୁ ବନ୍ଦ କରାଯାଇଥିଲା। ଜିଲାରେ ଗତକାଲି ରାତିରେ ପ୍ରବଳ ବର୍ଷା ଯୋଗୁଁ କନ୍ୟାଶ୍ରମ ପୋଲ ଉପରେ ଆଜି ସକାଳୁ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ଉଭୟ ପଟରେ ଗାଡି ମୋଟର ଅଟକି ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଫଳରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିସହ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ବିଭିନ୍ନ ବିଦ୍ୟାଳୟକୁ ଯାଇପାରୁ ନଥିବା ଦେଖିବାକୁ ମିଳିଛି। ଧୀରେ ଧୀରେ ପାଣି ସ୍ତର ବୃଦ୍ଧି ପାଉଥିବା ବେଳେ ଦିନ ଦୁଇ ଘଣ୍ଟିକା ବେଳକୁ ବର୍ଷାର ପରିମାଣ କମିବା ପାରେ ପୋଲ ଉପରୁ ଜଳ ସ୍ତର କମି ବର୍ତମାନ ଯାତାୟତ ରେ କିଞ୍ଚିତ ସ୍ୱାଭାବିକ ହୋଇଥିବା ବେଳେ ଯଦି ଉପର ମୁଣ୍ଡରେ ପୁଣି ବର୍ଷା ହୁଏ ପୁଣି ଜଳସ୍ତର ବଢିପାରେ ବୋଲି ବ୍ଲକ ପ୍ରଶାସନ ସୂଚନା ଦେଇଛି। ଏପରି ବର୍ଷା ଯଦି ଲାଗିରହେ ମାଲାକାନଗିରି ରୁ ମୋଟୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମଭି ୯୦, ଏମଭି ୯୬ ଠାରେ ଥିବା ତଳିଆ ବ୍ରିଜ ଗୁଡିକ ବୁଡି ଯିବାର ସମ୍ଭାବନା ରହିଛି। ଲଗାଣ ବର୍ଷାରେ ଲୋକମାନେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଏଥିସହ କନ୍ୟାଶ୍ରମ ନଦୀ କୁଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ଭୟଭୀତ ଅବସ୍ଥାରେ ରହିଥିବା ଜଣା ପଡ଼ିଛି।

# ଖଡଗପୁର ଡିଭିଜନର ଡିଆରଏମଙ୍କ ବେତନଟୀ ରେଳଷ୍ଟେସନ ପରିଦର୍ଶନ



ବେତନଟୀ, (ଭାସ୍କର ନ୍ୟୁଜ୍) : ଖଡଗପୁର ଡିଭିଜନର ଡିଆରଏମ କେ. ଆର ଚୌଧୁରୀ ଏକ ସ୍ୱତନ୍ତ୍ର ଟ୍ରେନଯୋଗେ ଆଜି ବେତନଟୀ ରେଳଷ୍ଟେସନରେ ପହଞ୍ଚି ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କରିବା ସହିତ ଷ୍ଟେସନ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବେତନଟୀ ରେଳଷ୍ଟେସନରେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ନିର୍ମାଣାଧୀନ ଅଣ୍ଡରପାସ କାର୍ଯ୍ୟର ଅଗ୍ରଗତି ଏବଂ ଏହାର କାର୍ଯ୍ୟକ୍ଷମ ବାବଦରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପୂର୍ବକ ଅଣ୍ଡରପାସ ବୁଲି ଦେଖିଥିଲେ। ଏହାପରେ ଅମୃତଭାରତ ଯୋଜନାରେ ନିର୍ମାଣାଧୀନ ସୁଉଚ୍ଚ ଅଟ୍ଟାଳିକା ପରିଦର୍ଶନ କରି ଏହାର ସ୍ଥିତି ସମୀକ୍ଷା କରିଥିଲେ। ସେହିଭଳି ଷ୍ଟେସନରେ ଥିବା ସିଗ୍ନାଲ କଣ୍ଟ୍ରୋଲ ସିଷ୍ଟମର ମଧ୍ୟ ଯାଞ୍ଚ କରିଥିଲେ। ଏହି ଅବସରରେ ବେତନଟୀ ରେଲୱେ ପାସେଞ୍ଜର୍ସ ଫୋରମର ସମ୍ପାଦକ ଅମରେନ୍ଦ୍ର ନାଥ ଦାସ ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଦିନକୁ ଥରେ ପରିବର୍ତ୍ତେ ପୂର୍ବଭଳି ତିନିଥର ଯାତାୟାତ ପାଇଁ ସମ୍ପ୍ରସାରଣ କରିବା ସାଙ୍ଗକୁ ଷ୍ଟେସନ ପରିସରରେ ବିଶୁଦ୍ଧ ପାନୀୟଜଳ ଏବଂ ବର୍ଷାଜଳ ନିଷ୍କାସନ ନିମନ୍ତେ ଯୋଜନାବଦ୍ଧ ଡ୍ରେନେଜ ବ୍ୟବସ୍ଥା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଖଡ଼ଗପୁର ଡିଭିଜନର ଡିଆରଏମ କେ. ଆର ଚୌଧୁରୀଙ୍କ ଗସ୍ତ ସମୟରେ ରେଳ ବିଭାଗର ଅଧିନସ୍ଥ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବେତନଟୀ ରେଳଷ୍ଟେସନ ପରିଦର୍ଶନ ପରେ ଡିଆରଏମ ବାରିପଦା ଏବଂ ବାଙ୍ଗିରିପୋଷି ଗସ୍ତରେ ଯାଇଥିଲେ।

## ରେଙ୍ଗାଲିରେ ଜଣ୍ଡିସ ଆତଙ୍କ ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍

କନ୍ଧମାଳ,(ଭାସ୍କର ନ୍ୟୁଜ୍): କନ୍ଧମାଳ ବ୍ଲକ ଅନ୍ତର୍ଗତ ଖଟଖଟିଆ ପଞ୍ଚାୟତ ରେଙ୍ଗାଲି ଗ୍ରାମରେ ଜଣ୍ଡିସ ରୋଗ ବ୍ୟାପିବାରେ ଲାଗିଛି । ଘଟଣା ପ୍ରଘଟ ହେବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମନମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଏବଂ ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଗ୍ରାମକୁ ପହଞ୍ଚି ଆକ୍ରାନ୍ତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନ୍ୟପଟେ ଗ୍ରାମର ପାନୀୟ ଜଳ ପରୀକ୍ଷା କରିଥିଲେ । ପରିବେଶ ସଫା ସୁତରା ରଖିବା ସହ ପାଣିକୁ ଫୁଟାଇ ପିଇବାକୁ ଅଧିକାରୀମାନେ ଲୋକଙ୍କୁ ପରାମର୍ଶ ଦେଇଥିଲେ ।

# ପେଙ୍ଗୁଇନ ଟ୍ରେଡିଂ ଆଣ୍ଡ ଏଜେନ୍ସି କମ୍ପାନୀରେ ଜନଶୁଣାଣୀ

କୋଇଡା, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ରାଇକେଳା ଓ ତନ୍ତରା ଗ୍ରାମରେ ଥିବା ପେଙ୍ଗୁଇନ ଟ୍ରେଡିଂ ଆଣ୍ଡ ଏଜେନ୍ସିଜ ଲିମିଟେଡ୍ କମ୍ପାନୀର ଜନଶୁଣାଣୀ ଗୀତାରାଣୀ ହାଟିଙ୍ଗୀ ବିଦ୍ୟାଳୟ ନିକଟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ୪୯.୩୭୨ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ଓପନକାଷ୍ଟ ମେକାନାଇଜ ଖଣି ପଦ୍ଧତି ମାଧ୍ୟମରେ ଉତ୍ପାଦନ କ୍ଷମତା ୨.୫୯୨ ଏମ୍‌ଟିପିଏରୁ ୪.୯୫ ଏମ୍‌ଟିପିଏକୁ ବୃଦ୍ଧି କରିବା ପାଇଁ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ସର୍ବ ସାଧାରଣ ଜନଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲ୍ଲିକ, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, ବଣାଇ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ କମ୍ପାନୀର ପ୍ରଭନ୍ଧକ ଟଙ୍କଧର ବେହେରା ଜନସାଧାରଣ ମାନଙ୍କୁ ଅବଗତ କରାଇବା ପରେ ଜନସାଧାରଣ ମାନଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା ରାଇକେଳା ଗ୍ରାମର ବସୁମତୀ ନାଏକ, ସୁଦର୍ଶନ ପାତ୍ର, ଶ୍ରମିକ ନେତା ପ୍ରଫୁଲ କୁମାର ସାମଲ, ଚନ୍ଦ୍ରମଣୀ ନାୟକ, ଦୁର୍ଯ୍ୟୋଧନ ନାଏକ, ଲକ୍ଷ୍ମଣ ମହାକୁଡ଼, ଡେଙ୍ଗୁଳା ଗ୍ରାମପଞ୍ଚାୟତ ସରପଞ୍ଚ ବାବୁଲି ମୁଣ୍ଡା, ଟେନସା ଗ୍ରାମପଞ୍ଚାୟତ ସରପଞ୍ଚ ଅନୀତ ପୂର୍ତ୍ତି, ପୂର୍ବତନ ବଣାଇ ବିଧାୟକ ଜନାର୍ଦ୍ଦନ ଦେହୁରୀ, ବିଧାୟକ ଭୀମସେନ ଚୌଧୁରୀ, ଟପୋନ, କୋଇଡା ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ, ମୋହନ ମହାକୁଡ଼ ସମେତ ୫୮ରୁ ଉର୍ଦ୍ଧ୍ୱ ଜନସାଧାରଣ ନିଜ ନିଜର ମତାମତ ଦେବା ସହ ପେଙ୍ଗୁଇନ ଟ୍ରେଡିଂ ଆଣ୍ଡ ଏଜେନ୍ସିଜ କମ୍ପାନୀର ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ସ୍ଥାନୀୟବାସୀଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ରାସ୍ତାର ମରାମତି ଓ ଉନ୍ନତି କରଣ, କାରୋ ନଦୀ ପୁନରୁଦ୍ଧାର, ପାନୀୟ ଜଳ ଯୋଗାଣ, ବୃକ୍ଷ ରୋପଣ ପାଇଁ ଗ୍ରାମବାସୀ ମାନେ ଦାବୀ ଉପସ୍ଥାପନ କରିଥିଲେ। ଖଣି ବୃଦ୍ଧି ହେଲେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ପେଙ୍ଗୁଇନ ଟ୍ରେଡିଂ ଆଣ୍ଡ ଏଜେନ୍ସିଜ କମ୍ପାନୀର କର୍ତ୍ତୃପକ୍ଷ ରଶ୍ମି ରମଣ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ପ୍ରାଣୀ ଚିକିତ୍ସାଳୟ ଓ ସହାୟକ କେନ୍ଦ୍ରରେ କର୍ମଚାରୀ ଅଭାବ

## ପ୍ରାଣୀ ଚିକିତ୍ସାଧିକାରୀଙ୍କ ଡେପୁଟେସନକୁ ବାତିଲ ଦାବି



ବୋଲଗଡ଼, (ଭାସ୍କର ନ୍ୟୁଜ) : ବେଗୁନିଆ ଓ ସିକୋ ପ୍ରାଣୀଧନ ଚିକିତ୍ସାଳୟ ଅଧିନରେ ୮ ଗୋଟି ସହାୟକ କେନ୍ଦ୍ର ଓ ୪ ଗୋଟି ଅଣ ଅନୁଦାନ ପ୍ରାପ୍ତ ସହାୟକ କେନ୍ଦ୍ର ରହିଛି। ସେହି ୪ ଗୋଟି ଅଣ ଅନୁଦାନ ପ୍ରାପ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର ହୋଇ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ୨୦୧୯ ମସିହାରେ ପ୍ରାଣୀଧନ ଗଣନା ଅନୁଯାୟୀ ୩୦ ହଜାରରୁ ଊର୍ଦ୍ଧ୍ୱ ଗୃହ ପାଳିତ ପଶୁ ରହିଥିବାରୁ ସଦର ମହକୁମା, ସିକୋର ପ୍ରାଣୀଧନ ଚିକିତ୍ସାଳୟର ୫ ଜଣ ଅଧିକାରୀଙ୍କ ପରିବର୍ତ୍ତେ ୩ ଜଣ କାର୍ଯ୍ୟରତ ଥିବା ବେଳେ ବିଗତ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡ଼ାକ୍ତର ଅପରାଜିତା ସାମନ୍ତରାୟ ଭୁବନେଶ୍ୱରରେ ଡେପୁଟେସନରେ କାର୍ଯ୍ୟ କରୁଛନ୍ତି। ତେବେ ସାରୁଅ, ବଡ଼ବେରଣା, ବୋତଲମା ଓ ପଙ୍ଗାରସିଂହ ଅଣ ଅନୁଦାନପ୍ରାପ୍ତ ସହାୟକ କେନ୍ଦ୍ର ଅବହେଳିତ ହୋଇ ଦୁର୍ଦ୍ଦିନ ଅବସ୍ଥାରେ ପଡ଼ି ରହିଥିବା ବେଳେ ସୁରକ୍ଷା ପ୍ରାଚୀର, ବିଦ୍ୟୁତ ସଂଯୋଗୀ କରଣ ଓ ଜଳ ଯୋଗାଣ ଆଦି ସୁବିଧା ଉପଲବ୍ଧ ନାହିଁ। ଯାହା କି ରାତ୍ରରେ ମଦ୍ୟପ ବ୍ୟକ୍ତିମାନେ ଆସର ଜମାଇ ଗଦା ଗଦା ବୋତଲ ଗୁଡ଼ିକ ପଡ଼ି ରହିଥିବାର ଦେଖିବାକୁ ମିଳିଛି। ଏହି କେନ୍ଦ୍ର କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର ହୋଇ ନ ଥିବାରୁ କର୍ମଚାରୀ ମାନେ କେବଳ ଅସ୍ଥାୟୀ ଭାବେ କାମ ଚଳାଇ ଆସୁଛନ୍ତି। ବର୍ତ୍ତମାନ ଲାଇଭ ଷ୍ଟକ ଇନିସପେକ୍ଟରଙ୍କ ଆବଶ୍ୟକତା ଦୃଷ୍ଟିରୁ ୮ ଜଣଙ୍କ ଭିତରୁ ୪ ଜଣ କାର୍ଯ୍ୟ କରୁଛନ୍ତି। ତେବେ ଡାଲତୋଳା, ଗୁଡୁମ, ନିଧିପୁର ଓ ଡିଙ୍ଗର ଲାଇଭଷ୍ଟକ ଇନିପେକ୍ଟର ନ ଥିବାରୁ ପ୍ରାଣୀ ଚିକିତ୍ସା ପାଇଁ ଜନ ସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୧୦ ଜଣ ପରିଚାରକ ଭିତରୁ ୭ ଜଣ ପରିଚାରକ କାର୍ଯ୍ୟ କରୁଛନ୍ତି। ଏଥିରେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ମରୁଡି ଯୋଗୁଁ ପଶୁ ଚିକିତ୍ସାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ତୁରନ୍ତ ପରିତ୍ୟକ୍ତ ଅବସ୍ଥାରେ ଥିବା ସହାୟକ କେନ୍ଦ୍ରର ପୁନରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରିବାକୁ କଂଗ୍ରେସ ଦଳର ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ବ୍ଲକ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ସାମ୍ବାଦିକ ଭଗବାନ ପଣ୍ଡା, ଗଣେଶ୍ୱର ମହାପାତ୍ର, ଶିକ୍ଷାବିତ ଗୌର ଚରଣ ପ୍ରହରାଜ, ସମାଜସେବୀ ଅଜୟ କୁମାର ମହାପାତ୍ର, ସନ୍ତୋଷ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମିଶ୍ର ଓ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁଙ୍କ ସମେତ ସାଧାରଣରେ ଦାବି କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ଚଳିତ ବର୍ଷର ନବାଗତ +୨ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ମାନସ ରଞ୍ଜନ ଦାଶ ସଭା ପରିଚାଳନା କରିଥିଲେ । ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ସଂଜୟ କୁମାର ନାୟକ, ପ୍ରତାପ କୁମାର ଜେନା, ପ୍ରଦୀପ ରାଉତ, ବରଦା ପ୍ରସାଦ ଯେନା, ଶିଶିଭୂଷଣ ଯେନା, ବିଶ୍ୱରଞ୍ଜନ ମିଶ୍ର, ଦିବ୍ୟ କୁମାର ଦାସ, ଅଧ୍ୟାପିକା ଝରାଶ୍ରୀ ପରିଜା, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା, ମନିଷା ମହାରଣା, ମନିଷା ଦାସ, ସ୍ମୃତିରେଖା ପଣ୍ଡା, ଶର୍ମିଷ୍ଠା ବେହେରା, ଶାଶ୍ୱତୀ ପ୍ରଜ୍ଞା ସାହୁ ପ୍ରମୁଖ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ଏଥିସହ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ପାଠ୍ୟାଭିମୁଖୀ ଓ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ଅଧ୍ୟକ୍ଷ ଶ୍ରୀ ବଳ ଆତ୍ମ ବିଶ୍ୱାସ, କଠିନ ଅଧ୍ୟବସାୟ, ଏବଂ ଗୁରୁମାନଙ୍କୁ ଭକ୍ତି କଲେ ଛାତ୍ରଛାତ୍ରୀମାନେ ସଫଳତାର ପାହାଚ ଅତିକ୍ରମ କରିପାରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଶେଷରେ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



## ଜିଲ୍ଲାସ୍ତରୀୟ 'ଆନ୍ତର୍ଜାତିକ ସମବାୟ ବର୍ଷ' ସମାରୋହ ପାଳିତ




ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ 'ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫'ର ସମାରୋହ ତା.୨୪.୦୭.୨୦୨୫ରିଖରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ମୟୂରଭଞ୍ଜର ପ୍ରସିଦ୍ଧ ଛଉ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଛଉ ନୃତ୍ୟ ମାଧ୍ୟମରେ କୃଷି ଏବଂ ଖରିଫ ୨୦୨୫-୨୬ ଋତୁ ଧାନକ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣର କୌଶଳ ପ୍ରଦର୍ଶନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନୀୟ ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ, ଡିଡିଏମ୍, ନାବାର୍ଡ, ବରିଷ୍ଠ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବାରିପଦା/କପ୍ତିପଦା/ରାଇରଙ୍ଗପୁର/କରଞ୍ଜିଆ, ଜିଲ୍ଲା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ମିଲ୍କ ୟୁନିଅନ୍‌ର ଅଧିକାରୀ ଯୋଗଦେଇ ସମବାୟ ଆନ୍ଦୋଳନର ପ୍ରାକ୍ ଇତିହାସ ଓ ତା'ର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ । ସମାରୋହରେ ମୟୂରଭଞ୍ଜ ଖଣ୍ଡ ସମବାୟ ସମିତି ସମୂହର ଉପ-ନିବନ୍ଧକ ଅଶୋକ କୁମାର ପାଣି ପୌରୋହିତ୍ୟ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଆଜିର ଆଲୋଚନାଚକ୍ରରେ Initiatives of GOI ଏବଂ Business Diversification ସମ୍ପର୍କରେ ଆଲୋଚନା କରି ଚାଷୀଙ୍କୁ ସଚେତନ କରାଯାଇଥିଲା । ସମବାୟ ସମିତିର ବିଭିନ୍ନ କାର୍ଯ୍ୟକ୍ରମର ଉପକାରିତା ବିଷୟରେ ବରିଷ୍ଠ ସହକାରୀ ନିବନ୍ଧକ, ରାଇରଙ୍ଗପୁର ଚାଷୀମାନଙ୍କୁ ଜଣାଇଥିଲେ । ଜିଲ୍ଲାର ସମସ୍ତ ସମବାୟ ବିଭାଗୀୟ ଅଧିକାରୀ, ସମିତିର କର୍ମଚାରୀ, ପରିଚାଳନା ପରିଷଦର ସଦସ୍ୟ/ସଦସ୍ୟା, ଚାଷୀ ଓ ବିଭିନ୍ନ ବିଭାଗର ଅଧିକାରୀ ମିଶି ମୋଟ ୨୬୫ଜଣ ଯୋଗଦେଇଥିଲେ । ମଞ୍ଚାସୀନ ଅତିଥିମାନେ ଯଥା ମତ୍ସ୍ୟ ବିଭାଗ, ପ୍ରାଣୀ ବିଭାଗ ଏବଂ ଦୁଗ୍ଧ ସଂଗ୍ରହ ବିଭାଗ ନିଜ ନିଜ ବିଭାଗର ଯୋଜନା ଓ ସରକାରୀ ସହାୟତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ସମବାୟ ସମିତିର ତିନି ଜଣ ପରିଚାଳନା ପରିଷଦର ସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସେମାନେ ସମିତିରେ ସଭ୍ୟ ମାନଙ୍କର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ବସନ୍ତ କୁମାର ନାୟକ, ସହକାରୀ ନିବନ୍ଧକ, କରଞ୍ଜିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ତାଲା, ରୋଗୀ ହନ୍ତସନ୍ତ




ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଦୋବଲ ପଞ୍ଚାୟତ ସୋଧ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ଗତ ୨ ମାସ ହେଲା ଅଚଳ ରହିଛି । ଲୋକଙ୍କ ପାଇଁ ଥିବା ଏହି ଉପକେନ୍ଦ୍ରରେ ସବୁବେଳେ ଚାବି ପଡ଼ି ରହୁଥିବା ଦେଖିବାକୁ ମିଳିଛି । ଏଠାରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀ ଜଣକ ଏବେ ପ୍ରସବକାଳୀନ ଛୁଟିରେ ରହିଛନ୍ତି । ଦୁଇ ମାସ ହେଲା ସେ ଛୁଟିରେ ଥିବାରୁ ଉପକେନ୍ଦ୍ର ବନ୍ଦ ରହିଛି । କୌଣସି ପଦକ୍ଷେପ ନିଆନଗଲେ ଆଉ ୪ମାସ ମଧ ଏମିତି ବନ୍ଦ ରହିବ ବୋଲି ଆଶଙ୍କା କରାଯାଉଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସ୍ୱାସ୍ଥ୍ୟସେବା କାରଣରୁ ଦୋବଲ ପଞ୍ଚାୟତର ଇଟୁଆ ଓ ସୋଧ ସମ୍ବେଦନଶୀଳ ଅଞ୍ଚଳ । ଗାଁର ଗୋଟିଏ ପଟେ ଗେଙ୍ଗୁଟି ନଦୀ ପ୍ରବାହିତ । ଆଉ ଗାଁ ଭିତରେ ଗଡ଼ିଆ ପୋଖରୀ ଭର୍ତ୍ତି । ତା'ସହିତ ଗାଁ ଚାରିପଟେ ବାଉଁଶ ବଣ । ଏଣୁ ଏ ଗାଁରେ ବର୍ଷା ଋତୁରେ ଡେଙ୍ଗୁ, ମାଲେରିଆ ଓ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପିଥାଏ । ଏଗାର ବର୍ଷ ତଳେ ୨୦୧୪ରେ ସୋଧ ଗାଁରେ ଡେଙ୍ଗୁ ବ୍ୟାପିବାରୁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା । ଗତବର୍ଷ ଓ ଏ ବର୍ଷ ଝାଡ଼ାବାନ୍ତି ମଧ ବ୍ୟାପିଥିଲା । ଏସବୁ ଦୃଷ୍ଟିରୁ ଏଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଠିକ୍ ଭାବେ କାର୍ଯ୍ୟ କରିବା ଆବଶ୍ୟକ । ଜଣେ କର୍ମଚାରୀଙ୍କୁ ନେଇ ଚାଲିଥିବାରୁ କେନ୍ଦ୍ରଟି ଚାଲି ପାରୁନାହିଁ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ବିଶେଷ କରି ଗର୍ଭବତୀ, ପ୍ରସୂତିଙ୍କ ଯତ୍ନ ଓ ପ୍ରସବ କରାଇବାକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟ କରିଥାଏ । ସେହିପରି ପରିବାର ନିୟୋଜନ, ଗର୍ଭନିରୋଧ, ସଂକ୍ରାମକ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହା କାମ କରିଥାଏ । ଏଥିଲାଗି ଉପକେନ୍ଦ୍ର ଅଧିନରେ ଜଣେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଥାଏ । ହେଲେ ସୋଧରେ କାର୍ଯ୍ୟରତ ଥିବା ସ୍ୱାସ୍ଥ୍ୟ କର୍ମୀ ଜଣକ ପ୍ରସବକାଳୀନ ଛୁଟି ନେଇଥିବାରୁ ଆଉ କାହାକୁ ଦାୟିତ୍ୱ ମଧ ଦିଆଯାଇ ନାହିଁ । ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ବନ୍ଦ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଲୋକେ ୧୦ କିଲୋମିଟର ଦୂର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ଯିବାକୁ ବାଧ ହେଉଛନ୍ତି ରୋଗୀ । ରାତିରେ ଯଦି କେହି ଅସୁସ୍ଥ ହୁଅନ୍ତି, ସେମାନେ ଧାମନଗର ଯିବା ଲାଗି ହଇରାଣ ହୋଇଥାନ୍ତି । ଅପରପକ୍ଷରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ମନ୍ମୟ କୁମାର ସାମନ୍ତସିଂହାର ଏନେଇ କହିଛନ୍ତି ଯେ, ଆମ ପାଖରେ ଆଉ କର୍ମଚାରୀ ନାହାନ୍ତି । ତେଣୁ ସୋଧକୁ କର୍ମଚାରୀ ଯୋଗାଇ ଦିଆଯାଇ ପାରୁନି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜିଲ୍ଲା କଂଗ୍ରେସ ପକ୍ଷରୁ ଏଫ.ଏମ୍ କଲେଜ ମୃତ୍ୟୁ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହ ଉପଲକ୍ଷେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏକ ମିନିଟ୍ ନିରବ ପ୍ରାର୍ଥନା ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସର୍ବେଶ୍ୱର ପଣ୍ଡା, ପ୍ରସନ୍ନ କୁମାର ସାମନ୍ତରାୟ, ସରପଞ୍ଚ ପ୍ରମୋଦ କୁମାର ସାହୁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ଯୁବନେତା ମନୋଜ କୁମାର ମହାପାତ୍ର, ଯୁବନେତା ସତ୍ୟବ୍ରତ ଦାସ, ଛାତ୍ରନେତା କୃଷ୍ଣଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ଜ୍ଞାନରଞ୍ଜନ ଜେନା, ସନ୍ଦୀପ ସ୍ୱାଇଁ, ଶଙ୍କରେଶ୍ୱର ଦାସ, ସ୍ୱରୂପ କାନୁନଗୋ, ସୟଦ ହେଦାୟତ ଅଲ୍ଲୀ, ଅବନୀକାନ୍ତ ମହାରଣା, ଜ୍ଞାନ ରଞ୍ଜନ ପୃଷ୍ଟି, ରବି ଆର୍ଚାଯ୍ୟ, ବିଭୁତି ଭୁଷଣ ଲେଙ୍କା, ବାବୁଲି ମାହାର, ଲକ୍ଷ୍ମୀଧର ମଲ୍ଲିକ, ମାନସ ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ଅଜୟ କୁମାର ମହାପାତ୍ର, ଦୀପକ ପାଲ ପ୍ରମୁଖ ଯୋଗଦେଇ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଜଗତସିଂହପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀ, ବ୍ଲକ ଓ ପୌରାଞ୍ଚଳରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

### ଧାମନଗର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

## କିସାନ ହେଲେ ସଭାପତି, ସରୋଜ ସମ୍ପାଦକ





ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ପ୍ରେସ କ୍ଲବର ସଭାପତି ଭାବେ କିଷାନ କୁମାର ରାଉତ, ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ, ଉପସଭାପତି ବିଭୂତି ଭୂଷଣ ମଲ୍ଲିକ୍, ଦେବେନ୍ଦ୍ର ଆଦିଆ, ସମ୍ପାଦକ ଜଗନ୍ନାଥ ବେହେରା, ଗୌରାଙ୍ଗ ଦାଶ, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ବାସୁଦେବ ତ୍ରିପାଠୀ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବରେ ସନ୍ତୋଷ ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ତାପସ ରଞ୍ଜନ ସାହୁ ଏବଂ ସେକ ହମିଦ ମନୋନୀତ ହୋଇଛନ୍ତି । ପ୍ରେସ କ୍ଲବ କାର୍ଯ୍ୟାଳୟ ଠାରେ ବିଦାୟୀ ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ସହିତ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା । ପୂର୍ବତନ କୋଷାଧ୍ୟକ୍ଷ ଅନନ୍ତ ନାରାୟଣ ଜେନା, ବରିଷ୍ଠ ସଭ୍ୟ ଦୀନବନ୍ଧୁ ଦାଶ, ସୁଧାକର ଦାଶ, ପ୍ରଦୀପ ମହାପାତ୍ର, କୈଳାସ ଗୁପ୍ତା, ଅଭିମନ୍ୟୁ ମଲ୍ଲିକ୍, ସଞ୍ଜୀବ ମହାନ୍ତି, ସୁଦୀପ୍ତ ଖଟୁଆ, କୁଳମଣି ବେହେରା, ଲୋକନାଥ ବେହେରା, ମାନ ଗୋବିନ୍ଦ ଜେନା, ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦାୟୀ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## 'କବିଚନ୍ଦ୍ର କାଳୀଚରଣ ଥିଲେ ଓଡ଼ିଆ ଭାଷା, ସଂସ୍କୃତିର ମହାନ ପୃଷ୍ଠପୋଷକ'

ଫୁଲନଖରା (ଭାସ୍କର ନ୍ୟୁଜ୍) : କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସର୍ବକାଳୀନ ପୃଷ୍ଠପୋଷକ ଥିଲେ ବୋଲି ଗୁରୁବାର ତାଙ୍କ ପୁଣ୍ୟତିଥିରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅବସ୍ଥିତ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କ ପୁଣ୍ୟତିଥି ପାଳନ କରାଯାଇଥିଲା । ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଆବହନୀ ସଙ୍ଗୀତ ଗାନ କରିଥିଲେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଗୋପବନ୍ଧୁ ଟ୍ରଷ୍ଟର ସମ୍ପାଦକ ସୁବାସ ପରିଡା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅଧ୍ୟକ୍ଷ ବିଜୟ ଜେନା, ପ୍ରଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗୁରୁ ନିମା ଚନ୍ଦ୍ର ରାଉତରାୟ, ଗିରିଜା ଶଙ୍କର ମହାପାତ୍ର, ଅମିତ ପାତାଳ ସିଂ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ତାରାତାରିଣୀ ପୀଠରେ ଏଣିକି ଶ୍ରଦ୍ଧାଳୁଙ୍କୁ ମିଳିବ ଅନ୍ନ ପ୍ରସାଦ



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣଙ୍କ ପୀଠରେ ମିଳିବ ଅନ୍ନ ପ୍ରସାଦ । ମନ୍ଦିରର ପାହାଡ ଉପରେ ଯାତ୍ରୀମାନଙ୍କ ପାଇଁ ଦେୟ ପୈଠ ଦେଇ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯିବ ବୋଲି ଆଜି ପାହାଡ ମନ୍ଦିର ପରିଚାଳନା କମିଟି ସିଦ୍ଧାନ୍ତ ନେଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଏଥିପାଇଁ ତତ୍ପରତା ଦେଖାଇଛି । ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଟି. କେ. ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମନ୍ଦିର ପରିଚାଳନା କମିଟି ବୈଠକରେ ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ତହସିଲଦାର ବିନୋଦ ବେହେରା, ପୁରୁଷୋତ୍ତମପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ପୂର୍ତ୍ତବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସୁରେଶ ମିଶ୍ର, ଆଇଆଇସି ରାଜେଶ କୁମାର ନାୟକ, ମନ୍ଦିର କମିଟି ସମ୍ପାଦକ ପ୍ରମୋଦ ପଣ୍ଡା, ପ୍ରସାଦ ରନ୍ଧନ ପ୍ରଶିକ୍ଷକ ସନ୍ତୋଷ ବେହେରାଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଓ ମନ୍ଦିର ସେବାୟତ ବୃନ୍ଦ ଯୋଗ ଦେଇ ବୈଠକରେ ଆଲୋଚନାରେ ଭାଗ ନେଇଥିଲେ । ମନ୍ଦିରକୁ ଆସୁଥିବା ଭକ୍ତମାନେ ଅନ୍ନ ପ୍ରସାଦ ପାଇ ପାରୁନଥିଲେ ଦୂରଦୂରାନ୍ତରରୁ ଆସୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ରାଜ୍ୟ ସରକାର ଅନୁଦାନରେ ମନ୍ଦିରରେ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରି ଅତି ଆଧୁନିକ ସ୍ୱୟଂଚାଳିତ ରନ୍ଧନ ପ୍ରଣାଳୀ ବ୍ୟବସ୍ଥା କରାଯାଇଛି । ଗତ ଚୈତ୍ର ମାସ ମଙ୍ଗଳବାର ଯାତ୍ରାର ଚାରିଗୋଟି ପାଳିରେ ପରୀକ୍ଷା ମୂଳକ ଭାବେ ରୋଷେଇ କରି ଖାଦ୍ୟ ପରିବେଷଣ କରାଯାଇଥିଲା । ଏହାକୁ ପ୍ରତ୍ୟକ ଦିନ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଛି । ଆଗାମୀ ସପ୍ତାହରେ ଏହା ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ଦର ନିର୍ଦ୍ଧାରଣ କରି ଉତ୍ସର୍ଗୀତ କରାଯିବ ବୋଲି ସ୍ଥିର ହୋଇଛି ।

## ଗୁରୁ ସମୀରଙ୍କୁ 'ଗାନ୍ଧର୍ବ କଳା ସମ୍ମାନ'



ଛତ୍ରପୁର (ଭାସ୍କର ନ୍ୟୁଜ୍) : କଳାକାର ଦିବସ ଉପଲକ୍ଷେ 'ଓଡ଼ିଆ କଳାକାରଙ୍କ ସ୍ୱର' ପକ୍ଷରୁ କଳାକାରମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଭଞ୍ଜ କଳା ମଣ୍ଡପ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛତ୍ରପୁରର ଅଗ୍ରଣୀ ଲୋକନୃତ୍ୟ ଅନୁଷ୍ଠାନ ସମୀର ନୃତ୍ୟ କେନ୍ଦ୍ରର ନୃତ୍ୟ ଶିଳ୍ପୀମାନେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଯାନୀ ଯାତ୍ରାରେ ମାଁଙ୍କ ସମ୍ମୁଖରେ ପରିବେଷଣ ହେଉଥିବା କଷ୍ଟ ସାଧ ନୃତ୍ୟକୁ ଗୁରୁ ସମୀର କୁମାର ବେହେରାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ କାଳୀଙ୍କ ରୂପନେଇ 'କାଠ ପାଦ' ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଛୁଇଁଥିଲେ । କାଠ ପାଦ ନୃତ୍ୟରେ ବର୍ଷା ଦାସ, ଆଶା ଦାସ, ଅର୍ଚ୍ଚିତା ପଣ୍ଡା, ଆୟୁସୂର୍ଯ୍ୟ ସେଠି, ସିମରାନ ନାୟକ ଏବଂ ଚାଙ୍ଗୁ ବାଦ୍ୟରେ ସମୀର କୁମାର ବେହେରା, ଅଜିତ କୁମାର ନାୟକ, ରାଜେନ୍ଦ୍ର ନାୟକ ପରିବେଷଣ କରିଥିଲେ । ଏହି ଅବସରରେ ମଞ୍ଚରେ ଗୁରୁ ସମୀର କୁମାର ବେହେରାଙ୍କୁ ଗାନ୍ଧର୍ବ କଳା ସମ୍ମାନରେ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କଳାରେ ସୁନାମ ଅର୍ଜନ କରିଥିବା ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା ।

## ପାଟରଙ୍ଗା ପଞ୍ଚାୟତ ମଣ୍ଡପଡା ଗ୍ରାମର ଭତ୍ତା ହିତାଧିକାରୀ ଅସଲି ନା ନକଲି ?

ରଗଡି (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ଚଞ୍ଚକତା କରି ବାର୍ଦ୍ଧକ୍ୟ ଭତ୍ତା ହାତେଇ ନେଇଥିବା ବହୁ ହିତାଧିକାରୀ ତଦନ୍ତ ସମୟରେ ଧରା ପଡିଛନ୍ତି । ଏହି ଚଞ୍ଚକତାରେ କୋରାଇ ବ୍ଲକର ପାଟରଙ୍ଗା ଗ୍ରାମ ପଞ୍ଚାୟତ ବାଦ୍ ପଡ଼ିନାହିଁ । ଏହି ପଞ୍ଚାୟତରେ କିଛି ଘୋଟଲା ହୋଇଥିବାର ଖବର ପାଇ ସୂଚନା ଅଧିକାର କର୍ମୀ ନାରାୟଣ କୁମାର ରାଉତରାୟ ମଣ୍ଡଳ ଉନ୍ନୟନ ଅଧିକାରୀ, କୋରାଇଙ୍କୁ ସୂଚନା ଅଧିକାର ଆଇନ ବଳରେ ପାଟରଙ୍ଗା ଗ୍ରାମ ପଞ୍ଚାୟତରେ କେଉଁମାନେ ଭତ୍ତା ପାଉଛନ୍ତି ଓ କେତେ ଜଣ ହିତାଧିକାରୀ ଭତ୍ତା ପାଇବାକୁ ଆବେଦନ କରିଛନ୍ତି, ସେମାନଙ୍କ ସମ୍ପର୍କରେ ତଥ୍ୟ ମାଗିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, କୋରାଇ ତରଫରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚିଠି ନଂ - ୬୦, ତା ୧୦.୦୪.୨୦୨୫.ରେ ପ୍ରାପ୍ତ ହୋଇଥିବା ତଥ୍ୟରୁ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପାଟରଙ୍ଗା ପଞ୍ଚାୟତରେ ୫୦୫ ଜଣ ହିତାଧିକାରୀ ଭତ୍ତା ଗ୍ରହଣ କରୁଅଛନ୍ତି । ଭତ୍ତା ପାଇବା ନିମନ୍ତେ ୮୪ ଜଣ ଆବେଦନ କରିଛନ୍ତି । ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ ମଣ୍ଡପଡା ଗ୍ରାମର ଶାନ୍ତିଲତା ସାହୁ, ଅନ୍ନପୂର୍ଣ୍ଣା ସାହୁ, ବାବାଜୀ ଚରଣ କର, ପୀତବାସ ସାହୁ, ଦୀନବନ୍ଧୁ ସାହୁ, ସ୍ନେହଲତା ସାହୁ, ମଣି ଚରଣ ସାହୁ, ଯାନଞ୍ଜଳି ସାହୁ, ଭଗବାନ ରାଉତ, ତିଳୋତ୍ତମା କର, ଜିତିରାୟ ମାରାଣ୍ଡି, ଶଶୀଭୁଷଣ ରାଉତ ପ୍ରମୁଖ ହିତାଧିକାରୀ ମାନେ ମଣ୍ଡପଡା ଗ୍ରାମର ଅଧିବାସୀ ନୁହନ୍ତି । ଏହି ଗ୍ରାମରେ ସମ୍ପୂର୍ଣ୍ଣ ଭାବେ ହରିଜନ, ଆଦିବାସୀ ଶ୍ରେଣୀର ଲୋକମାନେ ବସବାସ କରନ୍ତି । ଯାହା ଜଣାପଡ଼େ ଏମାନେ ଚଞ୍ଚକତା କରି ଭତ୍ତା ପାଇ ଆସୁଛନ୍ତି । ପ୍ରକୃତରେ ଏମାନେ କେଉଁ ଗ୍ରାମର ହିତାଧିକାରୀ, ତାହା ତଦନ୍ତ କରିବାକୁ ଗ୍ରାମର ଜନସାଧାରଣ ଦାବି କରିଛନ୍ତି ।

## ପାଣି ପଞ୍ଚାୟତକୁ କାମ ଦେଇ ନିଘୋଡ଼ ନିଦ୍ରାରେ ଜଳ ସମ୍ପଦ ବିଭାଗ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ସମୟ ବଢୁଛି ଦିନ ବି ଗଡୁଛି ହେଲେ ସରୁନି କେନାଲ ସଫେଇ । ଚିନ୍ତାରେ ଚାଷୀ, ନିଘୋଡ଼ ନିଦ୍ରାରେ ଶୋଇ ରହିଛନ୍ତି ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ତାଳଦଣ୍ଡା କେନାଲ ଓ ଶାଖା କେନାଲ ଗୁଡ଼ିକର ଶଯ୍ୟା ଓ ଦଳ ସଫେଇ କାର୍ଯ୍ୟ ଏପର୍ଯ୍ୟନ୍ତ ସରିନାହିଁ । କିଛି କେନାଲରେ ଜେସିବି ଲଗାଇ ନାମକୁ ମାତ୍ର ଅର୍ଥାତ ଲୋକ ଦେଖାଣିଆ ସଫେଇ କରାଯାଇଥିବା ବେଳେ କାର୍ଯ୍ୟର ତଦାରଖ କରିବା ପାଇଁ କେହି ନଥିବା ଅଭିଯୋଗ ହୋଇଛି । ଯାହାଫଳରେ କେନାଲରେ ପାଣି ଛାଡ଼ିବା ବିଳମ୍ବ ହେବା ସହିତ ଉଚ୍ଚା ଜମିରେ ତଳି ପକାଇ ହନ୍ତସନ୍ତ ହେଉଥିବା ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି । ତେବେ ଜୁନ୍ ମାସରେ ମୁଖ୍ୟ କେନାଲ ଓ ବିଭିନ୍ନ ଶାଖା କେନାଲର ଶଯ୍ୟା ସଫେଇ କରାଯାଇଥାଏ । ଯାହାଫଳରେ କେନାଲର ଉପର ମୁଣ୍ଡରୁ ତଳ ମୁଣ୍ଡ ଯାଏଁ ଜଳ ପ୍ରବାହରେ ସମାନତା ରହିଥାଏ । ମାତ୍ର ଏବେ ଜୁଲାଇ ମାସ ଶେଷ ହେବାକୁ ଦିନ କେଇଟା ଥିବାବେଳେ ଏହି ସଫେଇ କାର୍ଯ୍ୟ ନାମକୁ ମାତ୍ର କରାଯାଉଛି । ତେବେ କୁଜଙ୍ଗ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ତାଳଦଣ୍ଡା କେନାଲର ୧୪ନଂ କେନାଲ ହେଉଛି ସବୁଠାରୁ ବୃହତ କେନାଲ । ଏହି କେନାଲରେ ଘୋଡ଼ାମରା, ବଉଳାଙ୍ଗ, ବଦବନ୍ଧ ଆଦି ୩ଟି ଉପଶାଖା କେନାଲ ରହିଛି । ଏହି କେନାଲ ଜରିଆରେ ପ୍ରାୟ ୩ହଜାର ୧୬୮ହେକ୍ଟର ଜମି ଜଳସେଚିତ ହୋଇଥାଏ । ଏହି କେନାଲ ଶଯ୍ୟା ସଫେଇ ଦାୟିତ୍ୱ ଘୋଡ଼ାମରା, ଗୋପିଆକୁଦ, ବଡବନ୍ଧ, ବଉଳାଙ୍ଗ ପାଣି ପଞ୍ଚାୟତ ଅଧୀନରେ ରହିଥିବା ବେଳେ କେନାଲ ସଫେଇ ନାମରେ ସରକାରୀ ଅର୍ଥକୁ ଚଳୁ କରିବା ପାଇଁ ନାମକୁ ମାତ୍ର ଅର୍ଥାତ ଲୋକ ଦେଖାଣିଆ ଜେସିବି କେନାଲ ବନ୍ଧ ଉପରେ ରଖି ଲୋକଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଉଛି । ସେହିପରି ୧୫ନଂ ଶାଖା କେନାଲର ଦୁଇଟି ଉପଶାଖା କେନାଲ ଜରିଆରେ ୩୪୨ହେକ୍ଟର ଚାଷ ଜମି ଜଳସେଚିତ ହୋଇଥାଏ । ତେବେ ୧୬ନଂ ଶାଖା କେନାଲ ଦ୍ୱାରା ୮୬୨ହେକ୍ଟର ଓ ନୂଆଗଡ଼-ପାରାଦ୍ୱୀପ ଗଡ଼ ଶାଖା କେନାଲ ଜରିଆରେ ୪୦୪ହେକ୍ଟର ଜମି ଜଳସେଚିତ ହୋଇଥାଏ । ସେହିପରି ୧୮ନଂ ମୂଷାଡିଆ ଶାଖା କେନାଲ ଦ୍ୱାରା ୧୮୨ହେକ୍ଟର ଜମି ଜଳ ସେଚିତ ହୋଇଥାଏ । ମାତ୍ର ଏବେ ଜୁଲାଇ ମାସ ଶେଷ ହେବାକୁ ଆଉ କିଛିଦିନ ବାକି ଥିବାବେଳେ କୌଣସି ଶାଖା କେନାଲର ଶଯ୍ୟା ସଫେଇ କାର୍ଯ୍ୟ ଶେଷ ହୋଇନଥିବା ନବ ନିର୍ମାଣ କୃଷକ ସଙ୍ଗଠନର ବ୍ଲକ୍ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁ ଅଭିଯୋଗ କରିଛନ୍ତି । ଏପରିକି ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଠିକ୍ ସମୟରେ କେନାଲ ସଫେଇ ହୋଇ ନ ପାରିଲେ ଜଳ ପ୍ରବାହରେ ବାଧାପ୍ରାପ୍ତ ହେବ ଓ ଖରିଫ ଚାଷ ବାଧାପ୍ରାପ୍ତ ହେବ । ଏଥିସହିତ ଯଦି କୁଜଙ୍ଗ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ ନକରନ୍ତି ତାହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି ।

## ବିଧାୟକଙ୍କ ଦ୍ୱାରା ପାନୀୟ ଜଳ ବିଭାଗର ସମୀକ୍ଷା

ଏରସମା (ଭାସ୍କର ନ୍ୟୁଜ୍): ଏରସମା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ପକ୍ଷରୁ ଏରସମା ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏହି ସମୀକ୍ଷା ବୈଠକ କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଏରସମା ବିଡ଼ିଓ ଦାସରଥି ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ରାଉତ, ଏରସମା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସୀ ବେହେରା, ବରିଷ୍ଠ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା, ମନୋରଞ୍ଜନ ଦେହୁରୀ ଓ ବାଲିକୁଦା କନିଷ୍ଠ ଯନ୍ତ୍ରୀ ବିଭୁତି ଭୂଷଣ ଲେଙ୍କା ଏବଂ ଏଲ୍ ଆଣ୍ଡ ଟି ପ୍ରୋଜେକ୍ଟ ମ୍ୟାନେଜର କମଲ୍ ଜିନ୍ଦଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଜେନା ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବା ସହିତ, ଏଲ୍ ଆଣ୍ଡଟି କମ୍ପାନୀର ମେଗା ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ନେଇ କମ୍ପାନୀ ଉପରେ ଜୋରଦାର ବର୍ଷିଥିଲେ । ଶିଖର ଘାଟରୁ ପାଣି ଆସି ବାଲିକୁଦା ଆମ୍ବଶାଳ ସ୍ଥିତ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ବିଶୋଧନ କରାଯାଇ ସୁଉଚ୍ଚ ଟାଙ୍କି ମାଧ୍ୟମରେ ଟ୍ୟାପ ଯୋଗେ ସବୁ ଘରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ ସହିତ ନିଶ୍ଚିତ କରାଇବା ପାଇଁ କମ୍ପାନୀକୁ ତାଗିଦ୍ କରିଥିଲେ । ବର୍ତ୍ତମାନ ମେଗା ପ୍ରକଳ୍ପ ଦ୍ୱାରା ପରୀକ୍ଷା ମୂଳକ ଭାବେ ଚାଲିଥିବା ଏରସମାର ୧୩ଟି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସବୁ ପରିବାରରେ ପହଞ୍ଚାଇବାକୁ ତଥା ଏରସମା ଏକ ପାନୀୟ ଜଳକ୍ଲିଷ୍ଟ ଅଞ୍ଚଳ ହୋଇଥିବାରୁ, ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଚେତନ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏରସମା ବ୍ଲକ ପୋଖରୀୟାପଡା ପଞ୍ଚାୟତ ମଧୁପୁର ସାନ୍ତାଳ ଗ୍ରାମକୁ ମେଗା ପ୍ରକଳ୍ପରୁ ଯୋଗାଇ ଦିଆ ଯାଉଥିବା ପାନୀୟ ଜଳ ଠିକ୍ ଭାବରେ ପହଞ୍ଚୁନଥିବା ଅଭିଯୋଗକୁ ଭିତ୍ତିକରି ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦାସ ଉକ୍ତ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିବାର ଜଣାପଡିଛି ।

## ରାଶିଫଳ

**ଶନିବାର, ୨୬ ଜୁଲାଇ ୨୦୨୫**



**ମେଷ:** ଆଜି ଆପଣ ମାନସିକ କ୍ଳାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ । ଆପଣ ନିଜ ପିଲା ବିଷୟରେ ଚିନ୍ତିତ ହୋଇପାରନ୍ତି । ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ । କିନ୍ତୁ ଆପଣ କାର୍ଯ୍ୟରେ ସଫଳତା ପାଇବେ ।



**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ । ଅସ୍ଥିରତା ଆପଣଙ୍କ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ ।



**ମିଥୁନ:** ଆଜି ମଧ୍ୟମ ଦିନ ହେବ । ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି । ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ । ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ । ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ ରହିବ । ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ।



**ସିଂହ:** ଆଜି ଆପଣଙ୍କର ଦିନ ଶୁଭ ଅଟେ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ । ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି । ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ । କଳା କ୍ଷେତ୍ରରେ ବିଶେଷ ଆଗ୍ରହ ରହିବ ।



**କନ୍ୟା:** ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ ଖୁସି ହେବ । ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ ।



**ତୁଳା:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ । ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ । ଆଦର୍ଶଗତ ଭାବରେ ଦୃଢ ରହିବେ । ମନ ସୃଜନଶୀଳ ଧାରାରେ ରହିବ । ଦିନଟି ଖୁସିରେ ବିତାଇବ । ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି । ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ । ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ । ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ । ଶାରୀରିକ ଅସୁସ୍ଥ ରହିବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ । ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ । ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି । ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ । ଲାଭ ପାଇବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ): ପଞ୍ଚାୟତ ସମିତିର ବିଭିନ୍ନ ସମସ୍ୟାକୁ ନେଇ ପ୍ରତ୍ୟେକ ତିନି ମାସ କୁ ଥରେ ସମିତି ପରିସରରେ ଏକ ବୈଠକର ଆୟୋଜନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ପଞ୍ଚାୟତ ସମିତି ପରିସରରେ ସମିତି ବୈଠକର ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ଗତ ଜାନୁଆରୀ ୨୯ ତାରିଖରେ ଏକ ବୈଠକ ହୋଇଥିଲା। ସେହି ବୈଠକରେ ଭାରପ୍ରାପ୍ତ ଡାବୁଗାଁ ବିଡ଼ିଓ ଶରତ ମାଝୀଙ୍କୁ ମଞ୍ଚରେ ବସିବା ପାଇଁ କୁର୍ସି ମିଳିନଥିଲା। ଫଳରେ ସେ ମଞ୍ଚ ତଳେ ବସିଥିବା ସରପଞ୍ଚ, ସମିତି ସଭ୍ୟମାନଙ୍କ ସହ ବସିଥିଲେ କାରଣ ମଞ୍ଚ ଉପରେ ମନ୍ତ୍ରୀ ପ୍ରତିନିଧି, ସାଂସଦ ପ୍ରତିନିଧି, ଝରିଗାଁ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ସହ ଅନ୍ୟାନ୍ୟ ଲୋକ ପ୍ରତିନିଧି ବସିଥିଲେ। କିନ୍ତୁ ଆଜିର ଏହି ବୈଠକରେ ବିଡ଼ିଓଙ୍କୁ ମଞ୍ଚରେ କୁର୍ସି ମିଳିଥିଲା ଯଦିଓ ସାଂସଦ, ମନ୍ତ୍ରୀ ଓ ଝରିଗାଁ ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ କୁର୍ସି ଖାଲି ପଡିଥିଲା। ଏଠାରେ ଏହି ତିନି ଜଣଙ୍କ କୌଣସି ପ୍ରତିନିଧି ମଧ୍ୟ ଆସିନଥିଲେ। ଯାହାଫଳରେ ପଞ୍ଚାୟତ ସମିତିର ବିଭିନ୍ନ ସମସ୍ୟା ବିଷୟରେ କାହାକୁ ଜଣେଇବୁ ଓ କିଏ ସମାଧାନ କରିବେ ବୋଲି ପ୍ରଶ୍ନ ଉଠିଥିଲା। ବୈଠକ କିଛି ସମୟ ପାଇଁ ସ୍ଥଗିତ କରାଯାଇଥିଲା। ଏହି ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଡ଼ିଓ ନିଜ ନିଜ ମଧ୍ୟରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ଗ୍ରାମୀଣ ଅଦାଲତର ନୂତନ କୋଠା ଉଦ୍‌ଘାଟିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ୨୦୧୯ ମସିହାରୁ କାଶୀନଗରର ଏକ ଅସ୍ଥାୟୀ କୋଠାରେ ଆରମ୍ଭ ହୋଇଥିବା ଗ୍ରାମୀଣ ଅଦାଲତର ନୂତନ କୋଠାକୁ ଆବାସୀ ମାଧ୍ୟମରେ ଓଡ଼ିଶା ହାଇକୋର୍ଟ, କଟକର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ସିଧା ପ୍ରସାରଣ କଟକରୁ କରାଯାଇଥିଲା। ଗ୍ରାମୀଣ ଅଦାଲତର ଉଦଘାଟନ ଅବସରରେ ଏକ ରଙ୍ଗାରଙ୍ଗ ସମାରୋହ ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲ୍ଲା ଜଜ୍ ଜଷ୍ଟିସ୍ ଜଗଦୀଶ ପ୍ରସାଦ ମହାନ୍ତି, ଜିଲ୍ଲା ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ଜିଲ୍ଲା ଏସ୍.ପି ଜତିନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା କଲେକ୍ଟର ଫାଲଗୁନ ମାଝୀ ଏବଂ କାଶୀନଗର ଗ୍ରାମୀଣ କୋର୍ଟର ବିଚାରପତି ସୁଶ୍ରୀ ମୋନାଲି ବେହେରା, ସଭାପତି ବାର ସଂଘର ବକ୍ତା ଜିତେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଏମ୍. ପୃଥ୍ୱୀରାଜ, ବରିଷ୍ଠ ସଚିବ ଭି. ଏସ୍. ଏନ. ରାଓ, ଆର. ଶ୍ରୀନିବାସ ଏବଂ ତହସିଲଦାର ସୁଧୀର କୁମାର ନନ୍ଦ ଏବଂ ପୋଲିସର ଏସ୍.ଆଇ ସୁନୀଲ କୁମାର ବେହେରା ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥି ଏବଂ କୋର୍ଟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ଗୁରୁତର ରୋଗୀର ଜୀବନ ବଞ୍ଚାଇଲେ ଯବାନ



ମାଲକାନଗିରି (ଭାସ୍କର ନ୍ୟୁଜ): ମାନବ ସେବା ହିଁ ପ୍ରକୃତ ମାଧବ ସେବା। ସୀମାନ୍ତି ରାଜ୍ୟର ଲାଲଗଡ଼ରେ ଗରିବ ରୋଗୀଙ୍କ ପାଇଁ ଦେବଦୂତ ସାଜି ଏଭଳି ବାର୍ତ୍ତା ଦେଇଛନ୍ତି ଯବାନ। ଦୁର୍ଗମ ଅଞ୍ଚଳରୁ ଗୁରୁତର ରୋଗୀକୁ ଖଟିଆରେ ବୋହି ଡାକ୍ତରଖାନାରେ ପହଞ୍ଚାଇ ଜୀବନ ବଞ୍ଚାଇଛନ୍ତି। ଗୁରୁତର ରୋଗୀଙ୍କ ଜୀବନ ବଞ୍ଚାଇ ସାଧାରଣରେ ବେଶ ପ୍ରଶଂସାର ପାତ୍ର ହୋଇଛନ୍ତି ଯବାନ। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ବିଜାପୁର ଜିଲ୍ଲାର ଅତି ଦୁର୍ଗମ ତଥା ମାଓପ୍ରବଣ ପଟେଲପାରା ଗାଁରେ। ଉକ୍ତ ଗାଁର ୪୮ ବର୍ଷୀୟ କବାସୀ ଆଡମା ଜଣେ ଅତ୍ୟନ୍ତ ଗରିବ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି, ସେ ଅନେକ ଦିନ ଧରି ବାତ ରୋଗରେ ପିଡିତ ଥିଲେ। ତେବେ ହଠାତ ଆଜି ତାଙ୍କୁ ବାତ ମାରିବା ପରେ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇ ପଡି ଥିଲେ। ରକ୍ତଚାପ ସାଙ୍ଗକୁ ସୁଗାର ଲେବୁଲ ମଧ୍ୟ ଖସି ଯାଇଥିଲା। ଅସୁସ୍ଥ କବାସି ଆଡମା ଜୀବନ ମରଣ ସହ ସଂଗ୍ରାମ କରୁ ଥିବାବେଳେ ଏହି ଖବର ମାଓ ଦମନ ଅପରେସନରେ ନିୟୋଜିତ ଥିବା କୋରେଗୁଟ୍ଟା ସ୍ଥିତ ୧୫୧ ସିଆରପିଏଫ ବାଟାଲିୟନର ଯବାନ ମାନେ ଜାଣିବାକୁ ପାଇଥିଲେ। ପରେ ସିଆରପିଏଫ ବାହିନୀର ଡାକ୍ତରୀ ଦଳ ଗାଁରେ ପହଞ୍ଚି ଥିଲେ । ତୁରନ୍ତ କବାସି ଆଡମାଙ୍କୁ ପ୍ରାଥମିକ ଚିକିତ୍ସା ଦେଇ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସ୍ଥିରତା ଆଣିବାରେ ସକ୍ଷମ ହୋଇଥିଲେ। ଗାଁର ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଗାଁକୁ ସହଜରେ ଆମ୍ବୁଲାନସ ଆସିବା କଷ୍ଟସାଧ ଥିଲା। ତେଣୁ ଯବାନ ମାନେ ଆଡମାଙ୍କୁ ଖଟରେ ବୋହି ନେଇ ଟ୍ରାକ୍ଟର ଯୋଗେ ପାମେଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଯେଉଁଠାରେ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସେ ଏବେ ସମ୍ପୂର୍ଣ ସୁସ୍ଥ ରହିଥିବା ଜଣାପଡିଛି। ଯବାନ ମାନଙ୍କ ଏହି ସେବା କାର୍ଯ୍ୟ ପାଇଁ ଉକ୍ତ ଗ୍ରାମର ଗ୍ରାମବାସୀ ଏବଂ ଆଡ଼ମାଙ୍କ ପରିବାର ପକ୍ଷରୁ ଧନ୍ୟବାଦ ଦିଆଯିବା ସହ ଭୂରି ଭୂରି ପ୍ରଶଂସା କରିଛନ୍ତି।

## କଣ୍ଟାବାଞ୍ଜି ପ୍ରେସ୍ କ୍ଲବ୍‌ର ପଞ୍ଚମ ବାର୍ଷିକ ଉତ୍ସବ

# ସତ୍ୟତା ଉପରେ ଫୋକସ୍ କରିବା ଉଚିତ: ଉପମୁଖ୍ୟମନ୍ତ୍ରୀ




ମୁରିବାହାଲ /କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍): ସାମ୍ବାଦିକ କୌଣସି ଅଭିଯୋଗକୁ ନେଇ ଖବର କରିବାକୁ ହେଲେ ଅଭିଯୋଗକାରୀ ଏବଂ ଯାହା ନାଁ ରେ ଅଭିଯୋଗ ଆସିଛି ଉଭୟ ପକ୍ଷର ପ୍ରତିକ୍ରିୟାକୁ ନେଇ ଖବର କରିବ,କେବେ ହେଲେ ଏକ ତରଫା ଖବର କରିବା କଥା ନୁହେଁ। ଟିଆରପି ପଛରେ ନପଡି ଲୋକଙ୍କ ପାଇଁ ଖବର କରିବା ଉଚିତ ବୋଲି କଣ୍ଟାବାଞ୍ଜି ପ୍ରେସ କ୍ଲବ ପଞ୍ଚମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସତ୍ୟବ୍ରତ ମିଶ୍ର, ପ୍ରେସ କ୍ଲବ ସଭାପତି ପ୍ରଭାଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, କୋଷାଧ୍ୟକ୍ଷ କମଲଜିତ୍ ସିଂ ମାଖିଜା ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା ଉପସଭାପତି ମନୋଜ ଶର୍ମା କରିଥିବା ବେଳେ ବାର୍ଷିକ ବିବରଣୀ ପାଠ ସମ୍ପାଦକ ସୁରୁଦାସ ବାଗ କରିଥିଲେ। କଣ୍ଟାବାଞ୍ଜି ପ୍ରେସ କ୍ଲବ ସାମ୍ବାଦିକ ମାନଙ୍କୁ ନେଇ କାମ କରୁଥିବାବେଳେ ସବୁ ସମୟରେ ଜନମଙ୍ଗଳ କାମ ନିଜ ହାତକୁ ନେଇ ପ୍ରଶଂସିତ ହୋଇ ଆସୁଛି। ତେବେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁଁ ଡାକ୍ତର ଆୟୁଷ ଜୈନ, ଡୋଲେଶ୍ୱରି ନାଗ, ସୁମନ ନାଏକ, ସନ୍ତୋଷ ନାଗ, କ୍ରିଶୁ ସାଲୁଜା, ନେହା ଜୈନ, କଣ୍ଟାବାଞ୍ଜି ଗୋ ସେବା ସଂଘ, ସାମ୍ବାଦିକ ଘଟେଶ୍ୱର ମିଶ୍ର, ଖରିଆର ରୋଡର ରାକେଶ ଜୈନ, ନାରାୟଣ ଏମଏମଆଇ ହସ୍ପିଟାଲ, ଯୁବା ମଞ୍ଚ ବିକାଶ ଶାଖା, ଟିଟିଲାଗଡ ଏସସିଡି ଚକ୍ଷୁ ହସ୍ପିଟାଲ, ଅଗ୍ରୱାଲ ସଭା ଟ୍ରଷ୍ଟ, ସ୍ୱେଚ୍ଛାସେବୀ ଆଶିଷ ଅଗ୍ରୱାଲ, କଣ୍ଟାବାଞ୍ଜି ବ୍ଲଡ ବ୍ୟାଙ୍କ, କଣ୍ଟାବାଞ୍ଜି ସାମ୍ବାଦିକ ସଂଘ, ମୁରିବାହାଲ ସାମ୍ବାଦିକ ସଂଘ, ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ, ୱେବ ମିଡ଼ିଆ ସଂଘ, ବରିଷ୍ଠ ସାମ୍ବାଦିକ ସଦାଶିବ ସରାଫ , ସେଣ୍ଟ ଜାଭିୟର୍ସ ହାଇସ୍କୁଲ କୁ ସମ୍ବର୍ଦ୍ଧିତ କରାଯାଇଥିଲା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ କ୍ଲବର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଆଶିଷ ଖୈତାନ ପରିଚାଳନା କରିଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା ପ୍ରେସ କ୍ଲବର ବିଗତ ବର୍ଷ ମାନଙ୍କରେ କରାଯାଇଥିବା ବିଭିନ୍ନ ଜନ ମଙ୍ଗଳ କାର୍ଯ୍ୟର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପ୍ରେସ କ୍ଲବ୍ ଉପ ସଭାପତି ସୁଶାନ୍ତ ବେହେରା, ସୁବ୍ରତ ମହାକୁଡ଼, ସହ ସମ୍ପାଦକ ଅନିଲ ତ୍ରିପାଠୀ, ବିଶିକେଶନ ମାଝି, କାର୍ଯ୍ୟକାରୀ ସଦସ୍ୟ, ଅଙ୍କୁର ଅଗ୍ରୱାଲ, ଜଗମୋହନ ତାଣ୍ଡି , ଗଣେଶ ଦାସ, ଦେବେଶ ସିଂଘଲ, କମଳ ଅଗ୍ରୱାଲ, ଅମିତ୍ ଶର୍ମା, ଦୀପକ ପାଣିଗ୍ରାହୀ, ଦିନେଶ ଜୈନ,ଶ୍ରୀବତ୍ସ ବେହେରା, କେଦାର ବଡ଼ଜେନା, ଅମରେଶ ମାଝୀ, ସୁଦାମ ଚରଣ ବଘାର, ପ୍ରଫୁଲ୍ଲ ବଘାର, ଲକ୍ଷ୍ମୀକାନ୍ତ ଧରୁଆ,ଆଇନ ପରାମର୍ଶ ଦାତା ବିବେକ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ କ୍ଲବର ଉପ ସଭାପତି ଅନିଲ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ସହ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ, ମୁରିବାହାଲ ସାମ୍ବାଦିକ ସଂଘ, କଣ୍ଟାବାଞ୍ଜି ସାମ୍ବାଦିକ ସଂଘ, ୱେବ ମିଡିଆ ସାମ୍ବାଦିକ ସଂଘର କର୍ମକର୍ତ୍ତା ସହ ଅଞ୍ଚଳର ବହୁ ଲୋକ ସାମିଲ ହୋଇଥିଲେ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ପାଳିତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ଭାରତୀୟ ମଜଦୁର ସଂଘର ୭୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତିଷ୍ଠା ଦିବସ ବଢ଼ିଗାଁ ଠାରେ ସଂଗଠନ ତରଫରୁ ପ୍ରତିଷ୍ଠା ଦିବସ ପାଳନ ହେବା ସହ ଜିଲ୍ଲା ଉପସଭାପତି ମନୋରଞ୍ଜନ ମିଶ୍ର ସଭାପତିତ୍ୱ ରେ ସାଂଗଠନିକ ବିଷୟରେ ଆଲୋଚନା କରିଥିଲେ ସମ୍ପାଦକ ଲୋକନାଥ ଶତପଥି ସଂଗଠନ ନିର୍ମାତା ରାଷ୍ଟ୍ର ଋଷି ବାପୁରାଓ ଦତ୍ତପନ୍ଥ ଥେଙ୍ଗଡେ ଜୀଙ୍କ ବିଷୟ ଆଲୋକପାତ କରିଥିଲେ। ଏହି ପ୍ରତିଷ୍ଠା ଦିବସରେ ବୌଦ୍ଧ ଅଙ୍ଗନୱାଡ଼ି ବ୍ଲକ ସଭାପତି ସୋଭାଗିନୀ ଭୋଇ ସୁଚିତ୍ରା ଦେହୁରୀ, ଇନ୍ଦିରା ଦାସ , ସୁନନ୍ଦା ନାୟକ ଗୋଷ୍ଠୀ ସହାୟିକା ଜିଲ୍ଲା ସଭାପତି ସୁଜାତା ପରିଡ଼ା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମହିଳା କୃଷି ଶ୍ରମିକ ଅଭାବ, ଚିନ୍ତାରେ ଚାଷୀ



ଉମରକୋଟ(ଭାସ୍କର ନ୍ୟୁଜ୍): ପ୍ରଥମେ ଚାଷୀଙ୍କୁ ବର୍ଷା କନ୍ଦେଇଲା। ଏବେ ଚାଷୀଙ୍କୁ ମହିଳା ଶ୍ରମିକ କନ୍ଦେଇଲାଣି। ଯାହା ଫଳରେ ଚାଷୀ ଆର ବର୍ଷକୁ ଚାଷ କରିବେ କି ନାହିଁ ଏବେଠାରୁ ଚିନ୍ତା କଲେଣି। ଜୁନ ମାସରେ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ କାଳ ବୈଶାଖୀ ରେ କିଛି ପରିମାଣରେ ବର୍ଷା ହୋଇଥିଲା। ଯାହାକୁ ଦେଖି ଚାଷୀମାନେ ଚାଷ କାମ ଆରମ୍ଭ କରିଥିଲେ। କିନ୍ତୁ ଠିକ ବିହନ ଗଜା ହେବା ସମୟରେ ବର୍ଷା ଗାଏବ ହୋଇଗଲା। ଯେଉଁ ଚାଷୀ ମାନଙ୍କ ପାଣି ସୁବିଧା ଥିଲା ସେମାନଙ୍କର କିଛି ଅସୁବିଧା ହୋଇନଥିଲା। କିନ୍ତୁ ଯେଉଁ ଚାଷୀଙ୍କ ପାଣି ଅସୁବିଧା ଥିଲା ସେମାନେ ଭଗବାନଙ୍କ ଭରସାରେ ରହିଲେ। ବର୍ତ୍ତମାନ ଚାଷୀଙ୍କୁ ବର୍ଷାରୁ ମୁକ୍ତି ମିଳୁଥିବା ବେଳେ ଏବେ ଚାଷୀଙ୍କୁ ମହିଳା ଶ୍ରମିକ ଚିନ୍ତା ଘାରିଲାଣି। କାରଣ ଯେଉଁ ତଳି ପକେଇ ଥିଲେ ତାହା ବୁଢା ହେବାକୁ ବସିଲାଣି। ଚାଷୀ ଜିତେନ୍ଦ୍ର ମହାନ୍ତି ଙ୍କ କହିବାନୁଯାୟୀ ଗତବର୍ଷ ମହିଳା ଶ୍ରମିକ ଧାନ ତଳି ରୋଇବାକୁ ଏକର ପ୍ରତି ୫୦୦୦/ ଟଙ୍କା ନେଉଥିଲେ। ଚଳିତ ବର୍ଷ ଏକର ପ୍ରତି ୬୦୦୦ ରୁ ୬,୫୦୦ ଟଙ୍କା ନେଉଛନ୍ତି। ତାହା ପୁଣି ସେମାନଙ୍କ ନିର୍ଦ୍ଧାରିତ ଦିନ ଗୁଡିକରେ। ଅନ୍ୟ କେଉଁଠାରୁ ମହିଳା ଶ୍ରମିକ ଆଣି ଚାଷ କରିବା ସମ୍ଭବ ନୁହେଁ ବୋଲି ଅନ୍ୟ ଚାଷୀମାନେ କହିଛନ୍ତି। କାରଣ ବର୍ତ୍ତମାନ ଚାରିଆଡ଼େ ଚାଷ କାମ। ସମସ୍ତ ମହିଳା ଶ୍ରମିକ ମାନେ ତଳି ରୁଆ କାମ ପାଇଁ ଅଗ୍ରୀମ ନେଇ ସାରିଛନ୍ତି। ଯଦି ଏବର୍ଷ ଏଭଳି ମହିଳା ଶ୍ରମିକ ଅଭାବ ଦେଖାଦେଇଛି ତାହେଲେ ଆଗାମୀ ବର୍ଷକୁ ଚାଷ କରିବୁ ନାହିଁ ବୋଲି ଚାଷୀମାନେ କହିଛନ୍ତି।

# ଜିଲ୍ଲା ଦକ୍ଷତା ବିକାଶ ମିଶନ ଓ ଦକ୍ଷତା କମିଟି ବୈଠକ

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଦକ୍ଷତା ବିକାଶ ମିଶନ ଓ ଜିଲ୍ଲା ଦକ୍ଷତା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ରାଜୀବ ଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଥମେ ଜିଲ୍ଲା କର୍ମ ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇ କମିଟି ବୈଠକର ଉଦ୍ଦେଶ୍ୟ ସହ ଗତ କମିଟି ବୈଠକର ନାନୋ ଉନିକର୍ନ, ପିଏମ ଇଣ୍ଟରସିପ, ନିଯୁକ୍ତି ମେଳା, ପି ଏଲଟିପି, ନୂଆ ଓଡ଼ିଶାର ଜିଲ୍ଲାର ଦକ୍ଷତା ବୃଦ୍ଧି , ପ୍ରଶିକ୍ଷଣ ଓ ନିଯୁକ୍ତି ଉପରେ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ୫ ଗୋଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ବୈଦ୍ୟୁତିକ ଯାନ ଟେକ୍ନିସିଆନ ପ୍ରଶିକ୍ଷଣ ପାଇଁ ସ୍କାଏ ସ୍କିଲ୍ ଏକାଡେମୀ , ପେଷ୍ଟ କଣ୍ଟ୍ରୋଲ ଓ ଖାଦ୍ୟ ପ୍ରସ୍ତୁତି ସେବା ପ୍ରଶିକ୍ଷଣ ପାଇଁ ଆଡାମାସ ବିଶ୍ୱବିଦ୍ୟାଳୟ, ବ୍ୟାଟେରୀ ସିଷ୍ଟମ ମରାମତି ଟେକ୍ନିସିଆନ, କାରାଗାର ଅନ୍ତେବାସୀ ମାନଙ୍କ ପାଇଁ ଛତୁ ଚାଷ ଓ ପ୍ରାକୃତିକ ଚାଷ ପ୍ରଣାଳୀ, ଶକ୍ତି ସଦନ ଅନ୍ତେବାସୀମାନଙ୍କ ପାଇଁ ଝୋଟ ବ୍ୟାଗ୍ ତିଆରି ପ୍ରଶିକ୍ଷଣ ପାଇଁ ଗାୟତ୍ରୀ ଏଜୁକେଶନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ , ଡିଟିପି, ଫ୍ଲେକ୍ସ ତିଆରି ପ୍ରଶିକ୍ଷଣ ପାଇଁ ଡାଟା ପ୍ରୋ କମ୍ପ୍ୟୁଟର, ଘରୋଇ ମିକ୍ସର, ଗ୍ରାଇଣ୍ଡର , ଆଇରନ ଇତ୍ୟାଦି ମରାମତି ପାଇଁ ଇନୋଡଷ୍ଟ ଟେକ୍ ସୋଲୁସନ୍ ନିଜର ପି ପି ଟି ମାଧ୍ୟମରେ ଗୃହରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ନିଯୁକ୍ତି ଉପରେ ବିଶେଷ ତଥ୍ୟ ରଖିଥିଲେ। ଜିଲ୍ଲାପାଳ ଡ଼ା ମହାପାତ୍ର ଜିଲ୍ଲାରେ ବିଶେଷତଃ ଯୁବକମାନଙ୍କୁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର,ଏଲଇଡି ଟିଭି, କମ୍ପ୍ୟୁଟର, ଲାପଟପ୍, ଜେନେରେଟର, କୃଷି ପମ୍ପ, ନଳକୂପ ମରାମତି ଉପରେ ଅଧିକରୁ ଅଧିକ ପ୍ରଶିକ୍ଷଣ ପାଇଁ ଗୁରୁତ୍ୱ ଦେଇ କହିଥିଲେ। ଆଇଟିଆଇ ଓ ପଲିଟେକ୍ନିକ କର୍ମକର୍ତ୍ତା ଆଇ ଟିଆଇରୁ ଉତ୍ତୀର୍ଣ୍ଣ ହୋଇଥିବା ଅଟୋ ମୋବାଇଲ ଟ୍ରେଡ୍‌ର ଯୁବକମାନଙ୍କୁ ନୂଆ ଭାବେ ଆରମ୍ଭ ହୋଇଥିବା ଭଲଭୋ ବସ ମରାମତିରେ ନିଯୁକ୍ତି, ଟିପିଏସଓ ଡିଏଲରେ ଇଲେକ୍ଟ୍ରି ଟ୍ରେଡର ଯୁବକମାନଙ୍କୁ ଲାଇନ ମେନ୍ ଓ ଟେକ୍ନିସିଆନ ପଦବୀରେ ନିଯୁକ୍ତି ପାଇଁ ଗୃହରେ କହିଥିଲେ। ଜିଲ୍ଲାପାଳ ଏହା ଉପରେ ବିଶେଷ ଦୃଷ୍ଟି ଦେବେ ବୋଲି କହିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ଜିଲ୍ଲାରେ ୧୮ ରୁ ୩୫ ବର୍ଷ ମଧ୍ୟରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇଁ ବିଭିନ୍ନ ଟ୍ରେଡରେ ୫୭୦ ଏବଂ ସ୍ୱତନ୍ତ୍ର ପ୍ରଶିକ୍ଷଣରେ ୧୨୦ ଜଣଙ୍କୁ ଚଳିତ ବର୍ଷ ପ୍ରଶିକ୍ଷଣ ଦିଆଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏସ ଡବ୍ଲୁଓ ଦ୍ରୌପଦୀ କହଁର, ଡିଆଇପିଆର୍ ଓ ମନୋଜ ବେହେରା, ଡିସିପିଓ ସୁରେଶ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ୍): ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ପକ୍ଷରୁ ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକନ୍ୟା ସମୃଦ୍ଧି ଯୋଜନାର ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ ପ୍ରାକ ସୂଚନା ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ସ୍ୱଚ୍ଛ ସଞ୍ଚୟ ଯୋଜନା ଏବଂ ସ୍ୱଳ୍ପ ସଞ୍ଚୟ କିପରି ବଡ ଧନ ରାଶିରେ ପରିଣତ ହୋଇଥାଏ ଏହି ବିଷୟରେ ଆଲୋକପାତ କରିଥିଲେ । ଏଲଡିଏମ ତନବାସ କୋଟି ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିଷୟରେ ଓ ଦୁର୍ଘଟଣା ଜନିତ ମୃତ୍ୟୁ ନିମନ୍ତେ ଥିବା ବୀମା ଯେପରି ଅଟଳ ପେନ୍‌ସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଓ ଡିଜିଟାଲ ଲେଣଦେଣ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଆଇପିଓ, ବୌଦ୍ଧ କୃଷ୍ଣ ଶତପଥୀ ବିଭିନ୍ନ ଡାକଘର ଯୋଜନା ଯେପରି କିଷାନ ବିକାଶ ପତ୍ର, ବ୍ଲକ ପ୍ରୋଭିଡେଣ୍ଟ ଫଣ୍ଡ, ପୋଷ୍ଟାଲ ଲାଇଫ ଇନସ୍ୟୁରାନ୍ସ, ଗ୍ରୁପ ଆକ୍ସିଡେଣ୍ଟାଲ ଇନସ୍ୟୁରାନ୍ସ, ବିଶେଷ କରି ସୁକନ୍ୟା ସମୃଦ୍ଧି ଯୋଜନା ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର ଆର୍ଥିକ ସାକ୍ଷରତାର ମୁଖ୍ୟ ବିଷୟ ଯେପରି ସଞ୍ଚୟ, ଋଣ ପରିଚାଳନାର ଦକ୍ଷତା, ନିବେଶ ଓ ଏହାଦ୍ୱାରା ନାରୀମାନେ କିପରି ଆତ୍ମନିର୍ଭର ହୋଇପାରିବେ ଏହି ବିଷୟରେ ଆଲୋକପାତ କରିଥିଲେ । ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ସାକ୍ଷରତା ଏବଂ ଆର୍ଥିକ ସାକ୍ଷରତା ମଧ୍ୟରେ ପାର୍ଥକ୍ୟକୁ ଦର୍ଶାଇଥିଲେ ଓ ଆୟ, ବ୍ୟୟ, ସଞ୍ଚୟ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବାଖ୍ୟା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଜୀବନରେ ଧନର ମହତ୍ୱ ଟଙ୍କାର ସଦୁପଯୋଗ ଓ ଲୁଟ୍/ଠକେଇ ଠାରୁ କିପରି ଟଙ୍କାକୁ ସୁରକ୍ଷିତ ରଖାଯାଇପାରିବ ଏହି ବିଷୟରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ସାଇବର/ଡିଜିଟାଲ ଠକେଇ ଓ ଅନଲାଇନ ଗ୍ୟାମ୍ବଲିଂ ଏବଂ ଅପରିଚିତ ଲୋକଙ୍କଠୁ ଆସୁଥିବା ଏସ୍‌ଏମ୍‌ଏସ୍, କଲ ଠାରୁ ସାବଧାନ ରହିବା ଓ ଦୂରେଇ ରହିବା ନିମନ୍ତେ ଉପଦେଶ ପ୍ରଦାନ କରିଥିଲେ। ସଚେତନତା ପଦକ୍ଷେପ ଅବଲମ୍ବନ ନିମନ୍ତେ ଅନୁରୋଧ କରିଥିଲେ । ବୌଦ୍ଧ ବ୍ଲକର ସେକ୍ସନ ଅଫିସର ନିରଞ୍ଜନ ପାଢ଼ି, ସ୍ୱଳ୍ପ ସଞ୍ଚୟ ବିଭାଗର ମହେଶ୍ୱର ମହାରଣା ଓ ବିଦ୍ୟାଧର ମେହେର ଏବଂ ଧରଣୀଧର ମେହେର ଓ ସମସ୍ତ ସ୍ୱଳ୍ପ ସଞ୍ଚୟ ଏଜେଣ୍ଟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଏନ୍‌ଏସ୍‌ଏସ୍‌ଆଇ ସମ୍ପାଦକ ସୁକାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଜଣାଇଥିଲେ ।

# ନାନୋ ୟୁନିକର୍ନ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ସ୍ଥାପନ ପାଇଁ ସ୍ଥାନୀୟ ଆଶାୟୀ ଯୁବକ ଯୁବତୀ ମାନଙ୍କୁ ୧ ଲକ୍ଷ ଟଙ୍କା ସୁଧ ମୁକ୍ତ ଋଣ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଦୁଇ ଦିନିଆ ସାକ୍ଷାତକାର ଓ ପ୍ରମାଣ ପତ୍ର ଯାଞ୍ଚ ପ୍ରକ୍ରିୟା ସଫଳତା ସହ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମ ଦିନ ୨୩.୦୭.୨୦୨୫ ରେ ୨୨ ଜଣ ଯୁବକ ଯୁବତୀ ଓ ଦ୍ୱିତୀୟ ଦିନ ୨୪.୦୭.୨୦୨୫ରେ ୨୫ ଜଣ ଯୁବକ ଯୁବତୀ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଜିଲ୍ଲା ସାଧାରଣ ପରିଚାଳକ ସୁନାରାମ ସିଂ, ଲିଡ୍ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ମଣ୍ଡଳ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଗଣ୍ଡାପାଜୁ ଗ୍ରାମର ଦୁର୍ଲଭା ନାଏକ ହତ୍ୟା ମାମଲା

# ସ୍ୱାମୀକୁ ଆଜୀବନ କାରାଦଣ୍ଡ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଜିଲ୍ଲା ଓ ଦୌରା ଜଜଙ୍କ ଅଦାଲତରେ ପୁରୁଣା କଟକ ଥାନା ଗଣ୍ଡାପାଜୁ ଗ୍ରାମର ଦୁର୍ଲଭା ନାଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ କିଶୋରୀ ନାଏକଙ୍କୁ ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ର ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଗତ ତା ୨୨. ୦୭.୨୦୨୩ ରିଖରେ ଗଣ୍ଡାପାଜୁ ଗ୍ରାମର କିଶୋରୀ ନାଏକ ନିଜ ପତ୍ନୀ ଦୁର୍ଲଭା ନାଏକ ସାମାନ୍ୟ ଘଟଣାକୁ ନେଇ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା । ପୁରୁଣା କଟକ ଥାନାରେ ଏ ନେଇ କନ୍ଧମାଳ ଜିଲ୍ଲା ଚକାପାଦ ଗ୍ରାମର ଦୁର୍ଲଭାଙ୍କ ବାପା ପୁରନ୍ଦର ନାଏକ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି ଓ ମାନ୍ୟବର ଜିଲ୍ଲା ଜଜ ପ୍ରତାପ କୁମାର ପାତ୍ର ପତ୍ନୀ ହତ୍ୟାକାରୀ କିଶୋରୀ ନାଏକକୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ୬ ମାସ୍ ଅତିରିକ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ପି ପି ସବିତା କୁମାରୀ ପଣ୍ଡା ମାମଲା ପରିଚାଳନା କରୁଥିଲେ ।

# କୋର୍ଟ ପରିସରରୁ ଅସହାୟ ଭିନ୍ନକ୍ଷମ ବୃଦ୍ଧା ଉଦ୍ଧାର



ବୌଦ୍ଧ(ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା କୋର୍ଟ ପରିସରରୁ ଜଣେ ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର କରିଛି ଜିଲ୍ଲା ପ୍ରଶାସନ । ମିଳିଥିବା ସୂଚନା ଅନୁଯାୟୀ ବୁଟୁପାଲି ଠାରେ ନିଜ ସ୍ୱାମୀ ରାଘବ ପାତ୍ରଙ୍କ ସହ ବୟସ୍କା ଭିନ୍ନକ୍ଷମ ବୃଦ୍ଧା ଲକ୍ଷ୍ମୀ ପାତ୍ର ରହି ଆସୁଥିଲେ । ୨୦୦୫ ମସିହାରେ ବୌଦ୍ଧ ଥାନା ଛତିଆକଟା ଗ୍ରାମରେ ଘଟିଥିବା ନବୀନ ପ୍ରଧାନ ହତ୍ୟାକାଣ୍ଡ ମାମଲାରେ ମାନ୍ୟବର ଅଦାଲତ ରାଘବ ପାତ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ଫଳରେ ସ୍ୱାମୀ ଜେଲ ଯିବା ପରେ ଲକ୍ଷ୍ମୀଙ୍କ ସେବା ଶୁଶ୍ରୁଷା ପାଇଁ କେହି ନଥିବାରୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ଲକ୍ଷ୍ମୀ ପାତ୍ରଙ୍କୁ ଉଦ୍ଧାର ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଶାସନର ନିର୍ଦ୍ଦେଶକ୍ରମେ ବୁଧବାର ସନ୍ଧ୍ୟାରେ ଏସ୍‌ୟୁଏଚ ପକ୍ଷରୁ ଉଦ୍ଧାର କରାଯାଇଥିବା ବେଳେ ଆସନ୍ତାକାଲି ଝାଡ୍ରାଜିଙ୍ଗ ଜରାଶ୍ରମକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି ।

## ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ବୌଦ୍ଧ( ଭାସ୍କର ନ୍ୟୁଜ): ବସ ବାଇକ ମୁହାଁମୁହିଁ ଧକ୍କା। ଜଣେ ମୃତ ତିନି ଗୁରୁତର। ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଠାରେ ଘଟିଛି ଏଭଳି ସଡକ ଦୁର୍ଘଟଣା । ମୃତକ ଜଣକ ହେଲେ ପୁରୁଣାକଟକ ଥାନା ବଘୁଆ କଟା ଗ୍ରାମର କାହ୍ନୁ ମଲିକ । ସୂଚନା ଅନୁଯାୟୀ କାହ୍ନୁ ମଲିକ ରାମ୍ଭିକଟା ଗ୍ରାମର ନିଜ ଭଉଣୀ ମମତା ନାଏକ, ଭିଣୋଇ ବିମଳ ନାଏକ ଓ ୨ବର୍ଷ ର ଭଣଜାକୁ ଏକ ବାଇକ ଯୋଗେ କୌଣସି କାର୍ଯ୍ୟରେ ଚାରିଛକ ଯାଉଥିବା ବେଳେ ବିପରୀତ ଦିଗରୁ ଡ୍ରାଇଭର ସଂଘର ରିଜରଭେସନ ବସ ପୁରୁଣାକଟକ ବଜାର ନିକଟରେ ମୁହାଁମୁହିଁ ଧକା ଦେଇଥିଲା ଫଳରେ ଘଟଣା ସ୍ଥଳରେ କାହ୍ନୁର ମୃତ୍ୟୁ ଘଟିଥିବା ବେଳେ ଗୁରୁତରଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଛି । ବସ୍‌ଟି କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ରିଜରଭେସନରେ ଦେବଗଡ଼ ଜିଲ୍ଲାର ଏକ ବୈଠକ ଅଭିମୁଖେ ଯାଉଥିବା ସୂଚନା ମିଳିଛି।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବ୍ଲକସ୍ତରୀୟ ବୈଠକ

# ୧୬ରେ ଭୁବନେଶ୍ୱରରେ ବିଶାଳ ଶିକ୍ଷକ ସମାବେଶ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ମୋହନା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟ ସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ମୋହନା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବ୍ଲକର ଅବସରପ୍ରାପ୍ତ ପୂର୍ବତନ ଗୋଷ୍ଠି ଶିକ୍ଷାଧିକାରୀ ଦେବଦାସ ତାମରାପୁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଇନ୍ଦିରା ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଦୀପ କୁମାର ପାଣିଗ୍ରାହୀ, ଲାଲ ବାହାଦୂର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବି.ଗୌରୀ, ସଂସ୍କୃତ ଶିକ୍ଷକ କୁମୁଦ ପାଢ଼ୀ,ବ୍ଲକ୍ ସମ୍ପାଦକ ସୌମ୍ୟରଞ୍ଜନ ଦାଶ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ବୈଠକର ଉଦ୍ଦେଶ୍ୟ, ଲକ୍ଷ୍ୟ, ବିଦ୍ୟାଳୟ ଗୁଡ଼ିକରେ ରହିଥିବା ବିଭିନ୍ନ ସମସ୍ୟା ଏବଂ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲା ଓ ରାଜ୍ୟସ୍ତରୀୟ ବିକ୍ଷୋଭ ଓ ଧାରଣା ସଂପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସମାଜର ରହିଥିବା ଦାବି ଗୁଡ଼ିକ ମଧ୍ୟରେ ଦୀର୍ଘଦିନ ଧରି ଅନୁଦାନ ପାଇନଥିବା ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ, ଖାଲି ପଡ଼ିଥିବା ପଦବୀ ପୂରଣ, ବିଭିନ୍ନ ଗ୍ରେଡପେ'ରେ ଥିବା ଅସଙ୍ଗତି ଦୂରୀକରଣ,୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ବରିଷ୍ଠତା ପ୍ରଦାନ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ଅବସର ବୟସ ସୀମାକୁ ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ପୂରଣ ନ ହେବାରୁ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଆନ୍ଦୋଳନରେ ଶିକ୍ଷକ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ଛାତ୍ର ସଂଗଠନ, ରାଜନୈତିକ ଦଳ, ପରିଚାଳନା କମିଟି ସଦସ୍ୟ, ବୁଦ୍ଧିଜୀବୀ ଓ ଜନସାଧାରଣ ଆଗାମୀ ମହାସମାବେଶରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଥିଲା। ଜୁଲାଇ ୨୬ ରେ ଜିଲ୍ଲା ସ୍ତରୀୟ ବୈଠକ, ଅଗଷ୍ଟ ୨ରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ୮ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ପ୍ରତିବାଦ ସଭା, ୧୬ରେ ଦାବି ଦିବସ ପାଳନ ଓ ଭୁବନେଶ୍ୱର ଲୋୟର ପିଏମଜି ଠାରେ ବିଶାଳ ଶିକ୍ଷକ ସମାବେଶ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସମ୍ପାଦକ ଶ୍ରୀ ପଣ୍ଡା କହିଛନ୍ତି।

# ସତ୍ୟନାରାୟଣ ମହାବିଦ୍ୟାଳୟରେ ସ୍ୱାଗତ ସଭା ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସ୍ଥିତ ସତ୍ୟନାରାୟଣ ଆବାସିକ ବିଜ୍ଞାନ ଓ ବାଣିଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରର ସ୍ୱାଗତ ସଭା ପାଳିତ ହୋଇଯାଇଛି। +୨ ନବାଗତ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ ପୂର୍ବକ ମହାବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ରାମକୃପା ନାୟକ ସଭାପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧକ୍ଷା ତଥା ସମ୍ପାଦିକା ମମତା ପାଣିଗ୍ରାହୀ ସ୍ୱୀୟ ଅନୁଷ୍ଠାନର କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳା ଉପରେ ଅଭିଭାଷଣ ଉପସ୍ଥାପନା କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ଦୀର୍ଘ ୧୪ ବର୍ଷର ସଫଳତାର ସୂତ୍ର ଓ ବିବରଣୀ ପ୍ରଦାନ ସହ ଅନୁଷ୍ଠାନର ପରମ୍ପରା ଓ ଗୁରୁ ଶିଷ୍ୟର ସମ୍ପର୍କ ଉପରେ ନୂତନ ନାମଲେଖା ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ଏ. ସ୍ୱାତୀ ପାଠ୍ୟ ଖସଡା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର କୁମାର ଖରା, ବିଜୟ ସରକାର, ରଞ୍ଜିତ କୁମାର ପାଣିଗ୍ରାହୀ, ଅଦିତ୍ୟ ନାରାୟଣ ମିଶ୍ର, ରଶ୍ମିତା ପଟ୍ଟନାୟକ, ଦୁଷ୍ମନ୍ତି ମଣ୍ଡଙ୍ଗି, ଦିପ୍ତିଲତା କଂସାରୀ, ରାହୁଲ ସରକାର, ସୁନୀଲ ଚୌଧୁରୀ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନା କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ରଶ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସଦର ମହକୁମାରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଶୁକ୍ରବାର ଅପରାହ୍ନ ୪ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସରକାରୀ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି ଶୃଙ୍ଖଳା ଓ ଉତ୍ସାହର ସହିତ ପବିତ୍ର ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଭିଷେକ ବେହେରା ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ପବିତ୍ର ଦିବସ ପାଳନ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅଗଷ୍ଟ ୧୫ ତାରିଖ ପୂର୍ବାହ୍ନ ୯.୧୫ ମିନିଟ୍ ସମୟରେ ଷଷ୍ଠିୟୋମରେ ମୁଖ୍ୟଅତିଥି ଆନୁଷ୍ଠାନିକ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯୋଗାଭ୍ୟାସ ପ୍ରଦର୍ଶନ କରାଯିବ । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲା ସ୍ତରୀୟ ଉଚ୍ଚ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧ ସଂଗୀତ ଗାନ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଓ ଦେଶାତ୍ମବୋଧ ସଂଗୀତ ଗାନ ପ୍ରତିଯୋଗିତା ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି । ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ଏହା ସହିତ ପ୍ରତିବର୍ଷ ଏହି କନକ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଓଡ଼ିଶାର ବସ୍ତ୍ର ଶିଳ୍ପ ବହୁତ ପ୍ରାଚୀନ । ଆମ ସଂସ୍କୃତି ଏବଂ ପରମ୍ପରା ସହିତ ଆମ ପୋଷାକ ଓ ପରିଧାନ ଜଡିତ ହୋଇ ରହିଛି । ପଶ୍ଚିମ ଓଡ଼ିଶାର ପାରମ୍ପରିକ ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା, ବ୍ରହ୍ମପୁରର ରେଶମ, ଗଞ୍ଜାମ, କେନ୍ଦୁଝରର ଟସର ଏବଂ ମାଣିଆବନ୍ଧ ସୂକ୍ଷ୍ମକଳାର ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ସମସ୍ତ ପୋଷାକର ପ୍ରଚାର ପ୍ରସାର ମାଧ୍ୟମରେ ଓଡ଼ିଶାକୁ ଟେକ୍ସଟାଇଲ ହବ୍ କରିବା ପାଇଁ ଆମ ସରକାର ଉଦ୍ୟମ କରୁଛନ୍ତି । ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି କରିବା ସହିତ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବା ଦିଗରେ ଆମ ସରକାର ଯୋଜନା କରୁଛନ୍ତି । ସେ ପୁଣି କହିଥିଲେ ଓଡିଶା ପୁଞ୍ଜିନିବେଶକାରୀ ମାନଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି । ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ନିବେଶର ୪୦ ପ୍ରତିଶତ ଓଡିଶାକୁ ଆସିଛି । ଏହା ବିଶ୍ୱର ଉଦ୍ୟୋଗ ଜଗତର ଆମ ସରକାରଙ୍କ ଉପରେ ଥିବା ଆସ୍ଥାକୁ ଦର୍ଶାଉଛି । ଏହା ଭରସାକୁ ଅତୁଟ ରଖିବା ଦିଗରେ ଆମର ଉଦ୍ୟମ ଜାରି ରହିବ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଅନ୍ୟାନ୍ୟ ଶିଳ୍ପ ସହିତ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦେଶର ସବୁଠାରୁ ଆକର୍ଷଣୀୟ ସ୍ଥାନ ଭାବରେ ପରିଗଣିତ ହୋଇପାରିଛି । ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ର ସବୁଠାରୁ ବଡ ଆକର୍ଷଣ ହେଉଛି ଏ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି । ବିଶେଷକରି ମହିଳା ମାନଙ୍କ ଅଧିକ ନିଯୁକ୍ତି ସୁଯୋଗ ମିଳିପାରିବ । ଓଡ଼ିଶାର ଗ୍ରାମାଞ୍ଚଳ ଓ ଅର୍ଥନୈତିକ ପଛୁଆ ବର୍ଗର ଯୁବକ ଯୁବତୀମାନଙ୍କ ପାଇଁ ଏହା ବ୍ୟାପକ ସୁଯୋଗ ସୃଷ୍ଟି କରିବା ସହିତ ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି ଯେ 'ଓଡିଶା ଟେକ୍ସ ୨୦୨୫ ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି । ଦକ୍ଷତା ଏବଂ ଶିଳ୍ପ ଦ୍ୱାରା, ଓଡ଼ିଶାର ସ୍ଥାୟୀ ଅଭିବୃଦ୍ଧି, ଆଞ୍ଚଳିକ ବିକାଶ ଏବଂ ଏକ ଉତ୍ସର୍ଗୀକୃତ ଟାସ୍କ ଫୋର୍ସ ମାଧ୍ୟମରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛି । ଓଡ଼ିଶାରେ କଞ୍ଚାମାଲ ଉପଲବ୍ଧତା ଠାରୁ ବନ୍ଦର ସଂଯୋଗୀକରଣ ଏବଂ ଏକ ସହାୟକ ନୀତି ବୟନ ଏବଂ ପୋଷାକ ନିବେଶ ପାଇଁ ସବୁଠାରୁ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ପାଲଟିଛି । ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ଯେ, 'ଆମର ପ୍ରତିବଦ୍ଧତା ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁଦୃଢ଼ କରିବା ସହିତ ଆଧୁନିକ ବୟନ ନିବେଶକୁ ଦ୍ୱିଗୁଣିତ କରିବା । ଏକ ଦୃଢ଼ ବୟନ ଇକୋସିଷ୍ଟମର ବିକାଶକୁ ପ୍ରାଥମିକତା ଦେଇ, ପାରମ୍ପରିକ ବୁଣାକାରମାନଙ୍କୁ ସଶକ୍ତ ଏବଂ ବଜାର ବ୍ୟବସ୍ଥାକୁ ବୃଦ୍ଧି କରି, ସରକାର ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତି ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଥିଲେ ।

### ଜଙ୍ଗଲବାବୁଙ୍କ...

ଭିଜିଲାନ୍ସ ସୂଚନା ଦେଇଛି । ଚଢାଉ ଜାରି ରହିଥିବାରୁ ସମ୍ପତ୍ତିର ପରିମାଣ ଆଗକୁ ଅଧିକ ହେବ ବୋଲି ଆଶା କରାଯାଉଛି । ଚଢାଉ ଶେଷ ପରେ ସମ୍ପୂର୍ଣ୍ଣ ବିବରଣୀ ମିଳିପାରିବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

### ପ୍ରବଳରୁ ଅତି ପ୍ରବଳ...

ପ୍ରଭାବ ଜାରି ରହିବ । ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ଥିବାରୁ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାପାଇଁ ବାରଣ କରାଯାଇଛି । ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ସୂଚନା ପରେ ସ୍ୱତନ୍ତ୍ର ରିଲିଫ କମିଶନର ସମସ୍ତ ଜିଲ୍ଲାପାଳଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୟୂରଭଞ୍ଜରେ ସମସ୍ତ ସ୍କୁଲକୁ ବନ୍ଦ ରଖାଯାଇଛି । ଏ ନେଇ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ନେଇ ବିଭିନ୍ନ ସ୍ଥାନରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ମାଲକାନଗିରିରେ କନିଆ ଆଶ୍ରମ ପୋଲ ଉପରେ ୩ ଫୁଟର ପାଣି ଚାଲୁଥିବାରୁ କାଲିମେଳା-ପଡ଼ିଆ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ତଳି ଅଞ୍ଚଳରେ ବର୍ଷାପାଣି ଜମି ରହିବାରୁ ଲୋକମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଟ୍ୱିନସିଟି ରାଜଧାନୀ ଭୁବନେଶ୍ୱର ଓ କଟକରେ ମଧ୍ୟ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି । କୋରାପୁଟର କୋଟପାଡ଼ରେ ସର୍ବାଧିକ ୧୨୯ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବାବେଳେ ୨୦ଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

### ମନ୍ତ୍ରୀଙ୍କୁ ପରଫର୍ମାନ୍ସ...

ରାଜଭବନ ଯାଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଥିଲେ । ଏଥିସହ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ସଂଗଠନ ସଂପାଦକ ମାନସ ମହାନ୍ତି ମଧ୍ୟ ଦିଲ୍ଲୀରେ ଯାଇ ଡେରା ପକାଇଛନ୍ତି । ସେ ସେଠାରେ ବିଜେପିର ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି । ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବିଭିନ୍ନ ନିଗମ ଓ ବୋର୍ଡଗୁଡ଼ିକର ଅଧ୍ୟକ୍ଷ ପଦବୀ ପୂରଣ ପାଇଁ ମଧ୍ୟ ମାନସମନ୍ଥନ ଜାରି ରହିଛି ।

### ସମସ୍ୟା ସମାଧାନରେ...

ଓ ଜନତାଙ୍କ ମଧ୍ୟରେ ଥିବା ଦୂରତା କିପରି କମ୍ ହେବ ତାକୁ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି । ରାଜ୍ୟପାଳଙ୍କ ଏଭଳି ପରିବର୍ତ୍ତିତ ଭାବମୂର୍ତ୍ତିକୁ ବିରୋଧୀ ସ୍ୱାଗତ କରି କହିଛନ୍ତି ଯେ ବ୍ରିଟିଶରାଜ ବ୍ୟବସ୍ଥାରୁ ବାହାରି ରାଜ୍ୟପାଳ ଲୋକଙ୍କୁ ଭେଟିବା ସହ ବିରୋଧୀ ନେତାଙ୍କୁ ଭେଟିବା ଏକ ଭଲ ପରମ୍ପରା । ରାଜ୍ୟପାଳ ପ୍ରୋଟକଲ ଭାଙ୍ଗି ଲୋକଙ୍କ ସହ ମିଶିଲେ ପ୍ରଶାସନ ଚଳଚଞ୍ଚଳ ହେବା ସହ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି ।

### ପୀଡ଼ିତାଙ୍କ...

ବରିଷ୍ଠ ଅଧିକାରୀଙ୍କୁ ପ୍ରଦାନ ସରିଛି । ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ଶନିବାର ଦିଲ୍ଲୀରୁ ଫେରିବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର ଏମ୍ସରେ କରାଯାଇଛି । ଏମ୍ସ ପକ୍ଷରୁ ଜାରି ସ୍ୱାସ୍ଥ୍ୟ ବୁଲେଟିନ୍‌ରେ କୁହାଯାଇଛି ଯେ ପୀଡ଼ିତାଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଛି । ତାଙ୍କର ଉତ୍ତମ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନିୟୋଜିତ ହୋଇଛନ୍ତି । ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ସ୍ପଟ୍‌ରୁ ମିଳିଥିବା ରୁପା ମୁଦିକୁ ନେଇ ମଧ୍ୟ ତଦନ୍ତକୁ ଜୋରଦାର କରିଥିଲା । ଅଳଙ୍କାର ଦୋକାନୀଠାରୁ କ୍ରାଇମବ୍ରାଞ୍ଚ ବହୁ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ ପୁରୀଜିଲ୍ଲା ବଳଙ୍ଗା ଥାନା ବାୟାବରର ଏହି ନାବାଳିକା ଜଣକ ଗତ ଶନିବାର ପୂର୍ବାହ୍ନରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିବାବେଳେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅପହରଣ କରି ନଦୀପଠାକୁ ନେବା ସହ ସେଠାରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ । ନାବାଳିକା ଜଣକ ନିଜକୁ ବଞ୍ଚାଇବା ପାଇଁ ଦୌଡ଼ିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରିଥିଲେ । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି ।

## ୮୫ତମ ସଂସ୍କୃତି ଚର୍ଚ୍ଚା ସମାରୋହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୫ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ଅବସରପ୍ରାପ୍ତ ନିର୍ଦ୍ଦେଶକ, ଜାତୀୟ ପ୍ରସାରଣ ଏବଂ ମଲ୍ଟିମିଡ଼ିଆ ଏକାଡ଼େମୀ, ଭୁବନେଶ୍ୱର ଡ. ଦୀପକ ସାମନ୍ତରାୟ । ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅଭିଲେଖାଗାରର ଅଧ୍ୟକ୍ଷ ଡ. ଶୋଭା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର । ସମାରୋହର ମୁଖ୍ୟ ବକ୍ତା ଡ.ଦୀପକ ସାମନ୍ତରାୟ କହିଥିଲେ ଯେ ବାରବାଟୀକୁ ବାସଦେବ ଓଡ଼ିଶାର ଇତିହାସ କଳ୍ପନା କରିବା ସମ୍ଭବ ନୁହେଁ । ଗଙ୍ଗବଂଶ କପିଳେନ୍ଦ୍ର ଦେବ ଅଙ୍ଗ, ବଙ୍ଗ, କଳିଙ୍ଗ ଏବଂ କୋଶଳ ଇତ୍ୟାଦି ଅଞ୍ଚଳ ସମସ୍ତଙ୍କୁ ଗୋଟିଏ ଶାସନ ଅଧୀନକୁ ଆଣିଥିଲେ । ବାରବାଟୀ ସବୁ ସମୟରେ ପ୍ରେରଣାର ଉତ୍ସ ଭାବରେ ଓଡ଼ିଆ ଜାତିକୁ ଉଦବୁଦ୍ଧ କରିଛି । ବାରବାଟୀକୁ ନେଇ ସର୍ଜନଶୀଳ ଓଡ଼ିଆ କବିମାନେ ଅନେକ କବିତା ଏବଂ ସାହିତ୍ୟ କୃତି । ପରିତାପର ବିଷୟ ଆଜି ଓଡ଼ିଆ ଜାତିର ଅସ୍ମିତାର ପ୍ରଭାବଶାଳୀ ପ୍ରତୀକ ବାରବାଟୀ ସମ୍ପୂର୍ଣ୍ଣ ଭାବେ ଅବହେଳିତ । ଗଡ଼ଖାଇର ପୁନରୁଦ୍ଧାର, ସାଉଣ୍ଡ୍ ସଂଗ୍ରହାଳୟ ସ୍ଥାପନ, ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିଲେ ଆମେ କହି ପାରିବା ଆମେ ବାରବାଟୀର ଡାକ ଶୁଣିଲୁ । ଐତିହ୍ୟକୁ ସମ୍ମାନ ଦେବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ । ଆସନ୍ତୁ ଆମ ଐତିହ୍ୟକୁ ସୁରକ୍ଷା ଦେବା କାରଣ ଆମ ଐତିହ୍ୟ ହିଁ ଆମ ଅସ୍ମିତା କହିଥିଲେ । ସମାରୋହରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ପାଇଁ ୧ହଜାର ଅନଲାଇନ୍ ପଞ୍ଜିକରଣ ଶେଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ସୋମବାର ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ୧ହଜାର ଜଣ ଆବେଦନକାରୀ ସେମାନଙ୍କର ନାମ ଅନ୍ ଲାଇନ୍ ଯୋଗେ ପଞ୍ଜୀକରଣ କରିସାରିଛନ୍ତି । ଏହି ଅନଲାଇନ ପଞ୍ଜୀକରଣ ଶୁକ୍ରବାର ଜୁଲାଇ ୨୫ ତାରିଖ ସକାଳ ୧୦ଟା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିଥିଲା । ତେବେ ଆଜି ଅପରାହ୍ଣ ସୁଦ୍ଧା ସମସ୍ତ ପଞ୍ଜୀକରଣ ସରିଥିବା ( ବୁକ୍ ହୋଇସାରିଥିବା) ଜଣାଯାଇଛି । ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଇଚ୍ଛୁକ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ଏଥର ଜୁଲାଇ ୨୮ ତାରିଖ ସୋମବାର ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ବ୍ୟବସ୍ଥା ରହିଛି ।

## ୧୮ ପ୍ରକଳ୍ପରେ ସବୁ ଘରକୁ ହର ଘର ଜଳ ବ୍ୟବସ୍ଥା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାନୀୟ ଜଳ ବ୍ୟବସ୍ଥା ଆଜି ମଧ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ । ୨୦୭ ମେଗା ପ୍ରକଳ୍ପ ଦ୍ୱାରା ପାଣି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ୧୮ଟି ପ୍ରକଳ୍ପରେ ସବୁ ଘରକୁ ହର୍ ଘର୍ ଜଳ ବ୍ୟବସ୍ଥା ହୋଇଛି । ଅଗଷ୍ଟରେ ୨୧ ଟି ସେପ୍ଟେମ୍ବର ଶେଷ ସୁଦ୍ଧା ୧୧ ଟି ଡିସେମ୍ବର ସୁଦ୍ଧା ୨୨ ଟି ପ୍ରକଳ୍ପ ଶେଷ ହେବ । ୨୦୧୬ ମସିହା ଠାରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୫ରେ ସରିବ । ୨୦୧୬ରୁ ଆରମ୍ଭ ହୋଇଥିଲା ଲୋକମାନେ ଆତୁର ହୋଇ ପାଣି ପାଇଁ ଅପେକ୍ଷା କରିଥିଲେ ପାଣି ପହଞ୍ଚାଇବାରେ ବିଳମ୍ବ ହୋଇଥିଲା । ୨୯ ହଜାର ୫୧୨ଟି ନଳକୂପ ଏବର୍ଷ ଦିଆଯାଇଥିଲା ୨୦ ହଜାର ୮୯୧ ଟି ନଳକୂପ ଖନନ ହୋଇ ଲୋକେ ପାଣି ପାଉଛନ୍ତି ।

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.09.2024 & MSGL, SPL 16, One Plus, Guide prepaid, Super value, ADGL and all other 6 months tenure gold loans upto 31.12.2024 and MSGB, SME Suvarna & EMI due upto 30.06.2025. Also those gold loans where interest is due and not paid up to 30.06.2025 are also included in this auction. ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 21.08.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

KENDRAPARA DISTRICT-KENDRAPARA: [illegible] BARIPADA: [illegible] DISTRICT-NAYAGARH: [illegible] ODAGAON: [illegible] PURI DISTRICT-KAKATPUR: [illegible] NIMAPARA: [illegible] PIPILI: [illegible] 425501929, 425501967, 425501983, 425501992, 425501996, 425501998, 425502007, 425502015, 425502018, 425502019, 425502027, 425502028. PURI: 3985000049, 3985000100, 3985000105, 3985000114, 3985000116, 3985000122, 3985000127, 3985000128, 3985000130, 3985000139, 3985000156, 3985000180, 3985000190, 3985000197, 3985000209, 3985000217, 3985000218, 3985000220, 3985000222, 3985000224, 3985000225, 3985000226, 3985000242, 3985000248, 3985000261, 3985000269, 3985000272, 3985000275, 3985000282, 3985000286, 3985000295, 3985000307, 3985000310, 3985000313, 3985000321, 3985000337, 3985000351, 3985000352, 3985000355, 3985000368, 3985000373, 3985000376, 3985000381, 3985000393, 3985000395, 3985000410, 3985000420, 3985000422, 3985000425, 3985000428, 3985000433, 3985000434, 3985000438, 3985000457, 3985000462, 3985000482, 3985000485, 3985000487, 3985000490, 3985000493, 3985000495, 3985000496, 3985000500, 3985000504, 3985000506, 3985000520, 3985000522, 3985000524, 3985000530, 3985000532, 3985000534, 3985000538, 3985000539, 3985000545, 3985000548, 3985000549, 3985000551, 3985000557, 3985000558, 3985000577, 3985000580, 3985000597, 3985000601, 3985000608, 3985000611, 3985000612, 3985000618, 3985000628, 3985000630, 3985000639, 3985000642, 3985000643, 3985000653, 3985000656, 3985000664, 3985000666, 3985000673, 398501965, 398501967, 398501971, 398502048, 398502050, 398502164, 398502239, 398502266, 398502384, 398502401, 398502447, 398502450, 398502527, 398502570, 398502581, 398502588, 398502631, 398502662, 398502707, 398502730, 398502749, 398502753, 398502754, 398502761, 398502762, 398502763, 398502764, 398502776, 398502779, 398502786, 398502789, 398502790, 398502792, 398502801, 398502802, 398502805, 398502806, 398502807.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 04.09.2025 ସକାଳ 10 KENDRAPARA: First Floor, Baldevjew Bajaj Show Room Building, Plot No-23/3, Mauja-Mahiapl, Po-Kendrapara, Town Road, Besidehdfc Bank, Kendrapara, Orissa, 754211. NAYAGARH: Ground Floor, Nayak Complex , Plot No 1328/3051, Khandapada Road, Besideidbi Bank, Nayagarh, Orissa, 752069. BARIPADA: First Floor,Plot No-223/391, Khatyan No-142/34, Ward No-5, Roxy Cinema Hall Road, Baripada, Mayurbhanj-757001. PURI: First Floor, Above Odisha Gramya Bank, Plot No -935, Grand Road, Daitapadasahi, Oppositebagala Dharmasala, Puri, Orissa - 752001 ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରନ୍ତୁ । ସଫଳ ନିଲାମୀଦାତା
ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



INDEL MONEY | Corporate office: Indel Money Limited,
IIIrd Floor Indel House, Changampuzha Nagar,
South Kalamassery, Ernakulam -682033 ,
Ph: 0484-2933999 E:customercare@indelmoney.com

GOLD AUCTION NOTICE

ଏତଦ ଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି କି ନିମ୍ନଲିଖିତ ଆକାଉଣ୍ଟରେ ବନ୍ଧକ ରଖିଥିବା ସୁନା ଅଳଙ୍କାର ନିମ୍ନପ୍ରଦତ୍ତ ଶାଖାରେ ଆଗାମୀ 11-08-2025 ତାରିଖ ଦିନ ପୂର୍ବାହ୍ନ ୧୧ଟାରେ ନିଲାମ କରାଯିବ। ବିଭିନ୍ନ ପ୍ରକାର ଯୋଗାଯୋଗ କରିଆରେ ସୂଚନା ଦେବାସତ୍ତ୍ୱେ ସୁନା ଅଳଙ୍କାର ବନ୍ଧା ଦେଇ ଋଣ ନେଇଥିବା ଋଣ ଗ୍ରହିତାମାନେ ଋଣ ପରିଶୋଧ କରିବାରେ ବିଫଳ ହେବା ଯୋଗୁଁ ଆମେ ସେମାନଙ୍କର ସୁନା ଅଳଙ୍କାର ନିଲାମ କରିବାକୁ ଯାଉଛୁ। ସେହିପରି ନିଲାମ ଆଇଟମସ ପରବର୍ତ୍ତୀ ସମୟରେ ତାରିଖ ଓ ଦିନ ଅପରିବର୍ତ୍ତିତ ରଖି ବିନା ସୂଚନାରେ ନିଲାମ କରାଯିବ। ସେହିପରି କୌଣସି ସୂଚନା ନଦେଇ ସମ୍ପୃକ୍ତ ଶାଖାରେ ଏହା ପ୍ରଦର୍ଶିତ କରାଯିବ।

**ବାଲେଶ୍ୱର** - 23903770002742, 0377/02744, 0377/02748, 0377/02755, 0377/02756, 0377/02801, 0377/02814, 0377/02815, 23904080002794, 0408/02818, 23904100002747, 0410/02750, 0410/02802, 0410/02803, 0410/02804, **ବାଲୁଗାଁ** - 25203110003271, 25203460003282, 25203760003909, 0376/03911, 0376/03925, 0376/03935, 0376/03940, 0376/03948, 25203770003856, 0377/03861, 0377/03863, 0377/03865, 0377/03866, 0377/03871, 0377/03898, 0377/03971, 25203980003857, 25204080003907, 0408/03986, 25204090003923, 0409/03947, 25204100003867, 0410/03885, 0410/03893, 0410/03895, 0410/03900, 0410/03902, 0410/03955, 0410/03956, 0410/03965, 0410/03973, 0410/03974, 0410/03975, **ବାରିପଦା** - 28303110001572, 28303760002077, 0376/02080, 28303770002024, 0377/02025, 0377/02101, 0377/02103, 0377/02122, 28304080002118, 28304090002071, 0409/02074, 0409/02081, 0409/02082, 28304100002032, 0410/02036, 0410/02041, 0410/02044, 0410/02045, 0410/02047, 0410/02092, 0410/02104, **ବ୍ରହ୍ମପୁର ଆସିକା ରୋଡ** - 28503760004919, 0376/04934, 0376/04935, 0376/04936, 0376/04939, 0376/04940, 0376/04944, 0376/04945, 0376/04946, 0376/04947, 0376/04959, 0376/04960, 0376/04964, 0376/04965, 0376/04966, 0376/04968, 0376/04970, 0376/04977, 0376/04978, 0376/04979, 0376/04996, 28503770004767, 0377/04768, 0377/04814, 0377/04817, 0377/04818, 0377/04820, 0377/04870, 0377/04871, 0377/04876, 0377/05033, 0377/05036, 0377/05037, 0377/05039, 0377/05042, 0377/05132, 0377/05134, 28503860004942, 28503980004764, 28504070004912, 0407/04918, 0407/04933, 0407/04963, 0407/05013, 0407/05025, 28504080004792, 0408/04800, 0408/04801, 0408/04845, 0408/04859, 0408/04864, 0408/04889, 0408/04897, 0408/04900, 0408/04901, 0408/05069, 0408/05120, 28504100004766, 0410/04874, 0410/04875, **ଭଦ୍ରକ** - 25603760003957, 0376/04518, 0376/04519, 25603770004460, 0377/04564, [illegible] **ଢେଙ୍କାନାଳ**- 24703760002769, 0376/02770, [illegible] **ଜଗତସିଂହପୁର** [illegible] **ଯାଜପୁର ଟାଉନ** [illegible] **କେନ୍ଦ୍ରାପଡ଼ା** - 24903770004062 [illegible] **ଖୋର୍ଦ୍ଧା** - 24303760004905, [illegible] **ଲୁଇସ୍ ରୋଡ୍** - 24503760003712, [illegible] **ଲିଙ୍କରୋଡ୍- କଟକ** [illegible] **ନୟାଗଡ଼** - 25503760004857, [illegible] **ନିମାପଡ଼ା** [illegible] **ପାରାଦୀପ** [illegible] **ପଟ୍ଟାମୁଣ୍ଡାଇ** [illegible] 0410/04440, 0410/04458, 0410/04478, 0410/04482, 0410/04543, 0410/04546, 0410/04549, 0410/04596, 0410/04603, **ପିପିଲି** - 24103760006334, 24103870006463, 24104080006297, 24104090006341, 0409/06351, 24104100006209, 0410/06222, 0410/06277, 0410/06375, 0410/06398, 0410/06447, 0410/06459, 24110920004719, **ପୁରୀ** - 25103760004978, 0376/04999, 25103770005016, 25104090004976, 25104100004947, 0410/04952, **ସାଲେପୁର** - 24203770004918, 0377/04944, 0377/04949, 0377/05020, 0377/05021, 24204090004994, 0409/05005, 0409/05007, 24204100004932, 0410/04941, 0410/04948, 0410/04950, 0410/04957, 0410/04964, 0410/04967, 0410/05024, 0410/05031, 0410/05054, 0410/05058, 0410/05061, 0410/05065, 0410/05069, 0410/05076, 0410/05090, 24210920003866, **ଛତ୍ରପୁର** - 30504090001583, 0409/01616, 30504100001532, 0410/01557, **ଚଣ୍ଡିଖୋଲ** - 25303850003323, 0385/03324, 0385/03325 0385/03326, 0385/03414, 0385/03420, 25304090003403, 0409/03421, 25304100003377, 0410/03378, 0410/03379, 0410/03380, 0410/03381, 0410/03388, **ବଲାଙ୍ଗୀର** - 36403770000285, 0377/00288, 0377/00297, 36404070000339, **ଜଳେଶ୍ୱର** - 32704100001095, 0410/01107, 0410/01135, **ଝାରସୁଗୁଡ଼ା** - 36904070000310, 0407/00320, 36904080000281, 0408/00338, **ବାସୁଦେବପୁର** - 37003770000124, 37004070000144, 0407/00156, 37004080000120, 0408/00139,

ଯଦି ନିର୍ଦ୍ଧାରିତ ତାରିଖରେ ଆମେ ନିଲାମ ସମ୍ପୂର୍ଣ୍ଣ କରିବାରେ ଅସମର୍ଥ ହେବୁ, ତେବେ ସେହି ସମାନ ନିଲାମ ଶ୍ରୀରାମ ଅଟୋମଲ ଇଣ୍ଡିଆ ଲିମିଟେଡ୍ (ସାମିଲ) ପକ୍ଷରୁ ଅନଲାଇନରେ ଇ-ନିଲାମ ପ୍ଲାଟଫର୍ମ https://gold.samil.in କିମ୍ବା ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିମିଟେଡ୍ (ଅକ୍ସନ ଟାଇଗର) ପକ୍ଷରୁ ସେମାନଙ୍କ ଅନଲାଇନ ଇ-ଅକ୍ସନ ପ୍ଲାଟଫର୍ମ https://egold.auctiontiger.net ରେ 13-08-2025 ଅପରାହ୍ନ 12.30ରୁ 3.30 ମଧ୍ୟରେ କରାଯିବ। ଦୟାକରି ନୋଟ୍ କରନ୍ତୁ, ଯଦି 13-08-2025ରେ ଏହି ନିଲାମ ସମ୍ପୂର୍ଣ୍ଣ ନହୁଏ ତେବେ ସମାନ ସର୍ତ୍ତ ଓ ନିୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଏହା କରାଯିବ।

By Authorized Officer, Indel Money Limited



ଭୋଜନ ହିଁ ଜୀବନର ଆଧାର । ତେଣୁ ଶାସ୍ତ୍ରରେ ମଧ୍ୟ ଭୋଜନର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଏହାସହ ଭୋଜନ ସହ ଜଡିତ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି । ମାତ୍ର ଆପଣ ଜାଣନ୍ତି କି ଭୋଜନକୁ ନେଇ ଅନେକ ଶୁଭ ଓ ଅଶୁଭ ଘଟଣାର ସଙ୍କେତ ମଧ୍ୟ ମିଳିଥାଏ । ଅନେକ ସମୟରେ ଦେଖିଥିବେ ଖାଦ୍ୟରୁ ବାରମ୍ବାର କେଶ ବାହାରିଥାଏ । ଭୋଜନ ଗ୍ରହଣ ସମୟରେ ବାରମ୍ବାର କେଶ ବାହାରିବା ଶୁଭଙ୍କର ନୁହେଁ । ମାନ୍ୟତା ଅନୁଯାୟୀ ଗ୍ରହଙ୍କ ଅଶୁଭ ପ୍ରଭାବ ଥିଲେ ଏପରି ହୋଇଥାଏ । ରାହୁଙ୍କ ସ୍ଥିତି ଖରାପ ଥିଲେ କେବଳ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରୁହେ ନାହିଁ ବରଂ ଧନହାନୀ, ଆର୍ଥିକ କ୍ଷେତ୍ରରେ ସମସ୍ୟା, ଅକାରଣେ କ୍ଷତିର କାରଣ ପାଲଟିଥାଏ । ରୋଗ ଲାଗି ରହି ଅଯଥାରେ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥାଏ । ଭୋଜନରେ ସର୍ବଦା କେଶ ବାହାରିବା ପିତୃଦୋଷ ରହିଥିବାର ସଙ୍କେତ ଦେଇଥାଏ । ଖାଦ୍ୟ ଖାଇବାକୁ ବସିବା ମାତ୍ରେ ସେଥିରୁ କେଶ ବାହାରିବା ପିତୃ ଦୋଷର ସଙ୍କେତ ଦେଇଥାଏ । ଆପଣଙ୍କ ସହ ଏଭଳି ହେଉଥିଲେ, ରାହୁ ଓ ପିତୃଦୋଷରୁ ମୁକ୍ତି ପାଇବା ପାଇଁ ଉପାୟ ଆପଣାନ୍ତୁ । ଭୋଜନ କରିବା ପୂର୍ବରୁ କେଶକୁ ଭଲ ଭାବେ ବାନ୍ଧି ଭୋଜନ କରନ୍ତୁ । ମାନ୍ୟତା ଅନୁଯାୟୀ, ଭୋଜନ ପରଷିବା ସମୟରେ ଖାଦ୍ୟ ବାରମ୍ବାର ହାତରୁ ଖସିବା, ଭୋଜନ କରିବା ସମୟରେ ଅଶୁଭ ଖବର ଶୁଣିବା ମଧ୍ୟ ଶୁଭ ନୁହେଁ । ଭୋଜନ ପୂର୍ବରୁ ଭଗବାନଙ୍କୁ ସ୍ମରଣ କରି ହାତଗୋଡ ପରିଷ୍କାର ଭାବେ ଧୋଇ ଆସନରେ ବସି ଭୋଜନ ଗ୍ରହଣ କରନ୍ତୁ ।



# 'ୱାର-୨'ର ଟ୍ରେଲର ରିଲିଜ

ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଆଗାମୀ ଆକ୍ସନ ଫିଲ୍ମ 'ୱାର - ୨' ଘୋଷଣା ହେବା ପରଠାରୁ, ଦର୍ଶକ ଏହାର ରିଲିଜକୁ ନେଇ ଉତ୍ସାହିତ ଅଛନ୍ତି। ଫିଲ୍ମଟି ରିଲିଜ୍ ହେବାକୁ ଆଉ ମାତ୍ର ତିନି ସପ୍ତାହ ବାକି ଥିବା ବେଳେ ଏବେ ଏହାର ବହୁ ପ୍ରତୀକ୍ଷିତ ଚମତ୍କାର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ୨ ସୁପରଷ୍ଟାରଙ୍କ ଦମଦାର ଆକ୍ସ ଦେଖିବାକୁ ମିଳିଛି। ଟ୍ରେଲରରେ ଦୁଇ ସୁପରଷ୍ଟାର ହ୍ରିତିକ୍ ରୋସନ ଏବଂ ଜୁନିଅର ଏନଟିଆରଙ୍କ ମଧ୍ୟରେ ଭୟଙ୍କର ଲଢ଼େଇ ଦେଖିବା ପରେ ପ୍ରଶଂସକମାନେ ଫିଲ୍ମ ରିଲିଜ୍‌କୁ ନେଇ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। 'ୱାର ୨'ର ଟ୍ରେଲରରେ ଦମଦାର ଆକ୍ସନ ସହ ରୋମାନ୍ସ ମଧ୍ୟ ଦେଖିବାକୁ ମିଳିଛି। ଫିଲ୍ମରେ ପ୍ରଥମ କରି ଅଭିନେତ୍ରୀ କିଆରା ଆଡଭନୀ ବିକିନିରେ ନଜର ଆସିବେ। ହ୍ରିତିକଙ୍କ ସହ କିଆରାଙ୍କ ରୋମାନ୍ସ ମଧ୍ୟ ଟ୍ରେଲରରେ ଦର୍ଶକ ପସନ୍ଦ କରୁଥିବା ଦେଖାଯାଇଛି। ଜୁନିଅର ଏନଟିଆର 'ୱାର ୨' ସହିତ ବଲିଉଡରେ ଡେବ୍ୟୁ କରୁଛନ୍ତି। ୨୦୧୯ରେ ରିଲିଜ ହୋଇଥିବା 'ୱାର'ର ସିକ୍ୱେଲ ହେଉଛି 'ୱାର ୨'। ଏଥିରେ ହ୍ରିତିକ୍ ରୋଶନ ପୁଣି ଥରେ କବୀର ଭୂମିକାରେ ନଜର ଆସିବେ। ଫିଲ୍ମରେ କିଆରା ଆଡଭାନୀ ଏବଂ ଆଶୁତୋଷ ରାଣା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଯଶ ରାଜ ସ୍ୱାଏ ୟୁନିଭର୍ସର ଏହି ଫିଲ୍ମ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ଅବସରରେ ସିନେମା ହଲରେ ମୁକ୍ତିଲାଭ କରିବ।



# କମିଲା ସଲ୍ଲୁଙ୍କ ଫି'

ଆସନ୍ତା ଅଗଷ୍ଟ ୩୦ରୁ ଜିଓ ହଟ୍‌ଷ୍ଟାର୍‌ରେ ଆରମ୍ଭ ହୋଇପାରେ ରିୟଲିଟି ଶୋ 'ବିଗ୍ ବସ୍-୧୯ । ଏଥର ଶୋ'ର ନୂଆ ଏପିସୋଡ୍ ପ୍ରଥମେ ଓଟିଟିରେ ଆସିବ । ପ୍ରାୟ ଦେଢ଼ ଘଣ୍ଟା ପରେ କଲର୍ସ ଟିଭିରେ ପ୍ରସାରିତ ହେବ । ଏ ଥର ସିଜନ୍ ପୂର୍ବାପେକ୍ଷା ଅଧିକ ଲମ୍ବା ହେବ, ଅର୍ଥାତ୍ ୫ ମାସ ଧରି ଚାଲିବ ବୋଲି ଚର୍ଚ୍ଚା ହେଉଛି । ପ୍ରଥମ ୩ ମାସ ସଲମାନ ଖାନ୍ ଶୋ' ସଂଚାଳନା କରିବେ । ଶେଷ ୨ ମାସ ଅତିଥିମାନେ ସଂଚଳାନା କରିବେ । ଫରାହ ଖାନ୍, କରନ ଜୋହର ଓ ଅନିଲ କପୁରଙ୍କ ଭଳି ଷ୍ଟାର୍ ଅତିଥି ହୋଷ୍ଟ୍ ଭାବେ ଦେଖିବାକୁ ମିଳିପାରନ୍ତି । ରିପୋର୍ଟ ଅନୁସାରେ, ସଲମାନ ଏ ସିଜନ୍‌ରେ ୧୫ ସପ୍ତାହ ହୋଷ୍ଟ୍ କରିବେ। ପ୍ରତି ସପ୍ତାହ ତାଙ୍କୁ ୮-୧୦ କୋଟି ଟଙ୍କା ପାରିଶ୍ରମିକ ମିଳିବ । ମୋଟାମୋଟି ତାଙ୍କ ପାରିଶ୍ରମିକ ୧୨୦-୧୫୦ କୋଟି ହୋଇପାରେ । ଏହା ପୂର୍ବରୁ ବିଗ୍ ବସ୍-୧୮ ପାଇଁ ସଲମାନ ୨୫୦ କୋଟି ଏବଂ ବିଗ୍ ବସ୍ ୧୭ ପାଇଁ ୨୦୦ କୋଟି ଟଙ୍କା ନେଇଥିଲେ । ଏହି ଦୁଇ ସିଜନ୍ ଟିଭିରେ ପ୍ରସାରିତ ହୋଇଥିଲା । ଅନ୍ୟପକ୍ଷେ, ବିଗ୍ ବସ୍ ଓଟିଟି-୨ ପାଇଁ ତାଙ୍କ ପାରିଶ୍ରମିକ ୯୬ କୋଟି ଟଙ୍କା ଥିଲା । ଏ ଥର ଓଟିଟିରେ ପ୍ରାଇମେରୀ ଷ୍ଟ୍ରିମିଂ ଯୋଗୁ ଶୋ'ର ବଜେଟ୍ ପୂର୍ବାପେକ୍ଷା କମ୍ ରଖାଯାଇଛି । ଶୋ' ପ୍ରଥମେ ଓଟିଟି, ତା'ପରେ ଟିଭିରେ ରିଲିଜ୍ ହେଉଥିବାରୁ ସଲମାନଙ୍କ ପାରିଶ୍ରମିକ ବିଗ୍ ବସ୍ ଓଟିଟି-୨ଠୁ ଅଧିକ, କିନ୍ତୁ ଟିଭି ସଂସ୍କରଣଠୁ କମ୍ । ତେବେ ପ୍ରତିଯୋଗୀଙ୍କ ନାଁ ଅଦ୍ୟାବଧି ଘୋଷଣା ହୋଇନାହିଁ । ତଥାପି ପ୍ରାୟ ୨୦ ସେଲିବ୍ରିଟିଙ୍କ ନାଁ ଚର୍ଚ୍ଚାରେ ଅଛି । ତନ୍ମଧ୍ୟରେ ଗୌତମ କପୁର, ଧୀରଜ ଧୂପର, ଅଲିଶା ପନ୍‌ୱାର, ଖୁସି ଦୁବେ, ଗୌରବ ତନେଜା, ମିଷ୍ଟର ଫୈସୁ, ଅପୂର୍ବା ମୁଖିଜା, ପୂରବ ଝା, ଗୌରବ ଖାନ୍ନା, ଧନଶ୍ରୀ ବର୍ମା, ଶ୍ରୀରାମ ଚନ୍ଦ୍ରା, ଅର୍ଶିଫା ଖାନ୍ ଓ ମକ୍କି ମେକ୍‌ଓଭରଙ୍କ ନାଁ ସାମିଲ ।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.






# 'ଦ ରାଜା ସାବ୍' ପାଇଁ ୧୫୦ କୋଟି ନେଇଛନ୍ତି ପ୍ରଭାସ

ପ୍ୟାନ୍ ଇଣ୍ଡିଆ ପ୍ରଭାସଙ୍କ ଫିଲ୍ମ 'ଦ ରାଜା ରିଲିଜ୍ ହେବାକୁ ଆହୁରି ପାଞ୍ଚମାସ ବାକି ଅଛି। କିନ୍ତୁ ବକ୍ସ ଅଫିସ୍‌ରେ ଏହା ରେକର୍ଡ ଆୟ କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି। ମାରୁତିଙ୍କ ନିର୍ଦ୍ଦେଶିତ ଏହି ହରର୍ କମେଡି ଫିଲ୍ମର ବଜେଟ୍ ୪୫୦ କୋଟି ରହିଛି । ପ୍ରଭାସ ପାରିଶ୍ରମିକ ବାବଦରେ ନେଇଛନ୍ତି ୧୫୦ କୋଟି। ତେବେ 'ଦ ରାଜା ସାବ୍'କୁ ବକ୍ସ ଅଫିସ୍‌ରେ ସଫଳ ହେବା ପାଇଁ ଅତି କମ୍‌ରେ ୯୦୦ କୋଟି ଆୟ କରିବାକୁ ହେବ। ଯଦି ଫିଲ୍ମଟି ସର୍ବଭାରତୀୟ ସ୍ତରରେ ବଜେଟ୍‌ର ୧୦୦ ପ୍ରତିଶତ ରିଟର୍ଣ୍ଣ ଦିଏ ତାହେଲେ ଯାଇ ଏହା ୯୦୦ କୋଟି ଆୟ କରିପାରିବ। ଯାହା ଏକପ୍ରକାର ଅସମ୍ଭବ ଜଣାପଡୁଛି। 'ଦ ରାଜା ସାବ୍'ରେ ପ୍ରଭାସଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ନିଧି ଅଗ୍ରୱାଲ, ମାଳବିକା ମୋହନନ୍, ରିଦ୍ଧି କୁମାର, ଯୋଗୀ ବାବୁ ଆଦି କାମ କରୁଛନ୍ତି। ଏହା ଡିସେମ୍ବର ୫, ୨୦୨୫ରେ ରିଲିଜ୍ ହେବ।

## ବୟସ ଅନୁସାରେ ପିଲାଙ୍କ ଉଚ୍ଚତା ଏବଂ ଓଜନ କେତେ ରହିବା ଦରକାର ଜାଣନ୍ତୁ...

*ବୟସ ଅନୁସାରେ କେତେ ରହିବା ଦରକାର ପିଲାଙ୍କ ଉଚ୍ଚତା ଏବଂ ଓଜନ, ଜାଣନ୍ତୁ ସମ୍ପୂର୍ଣ୍ଣ ତଥ୍ୟ...*

■ ୧ ବର୍ଷ ବୟସ ସୁଦ୍ଧା, ଜଣେ ପିଲାର ଉଚ୍ଚତା ପ୍ରାୟ ୭୫ ରୁ ୮୦ ସେମି ଏବଂ ଓଜନ ପ୍ରାୟ ୯ ରୁ ୧୧ କିଲୋଗ୍ରାମ ହେବା ଉଚିତ। ■ ୨ ବର୍ଷ ବୟସରେ, ଉଚ୍ଚତା ୮୫ ରୁ ୯୦ ସେମି ଏବଂ ଓଜନ ୧୧ ରୁ ୧୩ କିଲୋଗ୍ରାମ ହେବା ଉଚିତ। ■ ୩ ବର୍ଷ ବୟସ ସୁଦ୍ଧା, ପିଲାମାନଙ୍କର ଉଚ୍ଚତା ୯୫ ରୁ ୯୮ ସେମି ଏବଂ ଓଜନ ପ୍ରାୟ ୧୩ ରୁ ୧୫ କିଲୋଗ୍ରାମ ହେବା ଉଚିତ। ■ ୪ ବର୍ଷ ବୟସରେ, ୧୦୦ ରୁ ୧୦୫ ସେମି ଉଚ୍ଚତା ଏବଂ ୧୫ ରୁ ୧୭ କିଲୋଗ୍ରାମ ଓଜନ ସ୍ୱାଭାବିକ। ■ ୫ ବର୍ଷ ବୟସ ସୁଦ୍ଧା, ଯଦି ଜଣେ ପିଲାର ଉଚ୍ଚତା ୧୦୬ ରୁ ୧୧୪ ସେମି ଏବଂ ଓଜନ ପ୍ରାୟ ୧୭ ରୁ ୨୦ କିଲୋଗ୍ରାମ ହୁଏ ତେବେ ତାହାକୁ ସ୍ୱାଭାବିକ ବୋଲି କୁହାଯାଇଥାଏ। ଡାକ୍ତର କହିଛନ୍ତି ଯେ, ପିଲାର ଉଚ୍ଚତା ଏବଂ ଓଜନ ବଜାୟ ରଖିବା ଲାଗି ତାକୁ ଏକ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟ ଦିଅନ୍ତୁ, ତାକୁ ପ୍ରତିଦିନ ଟିକେ ଖେଳିବାକୁ ଦିଅନ୍ତୁ, ପର୍ଯ୍ୟାପ୍ତ ପରିମାଣରେ ଶୁଆନ୍ତୁ ଏବଂ ପ୍ରତି ୬ ମାସରେ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ।

CKA Birla Group | orient electric

**ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍**

ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍-୮, ପ୍ଲଟ୍ ନଂ.୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା
ଟେଲିଫୋନ୍: ୦୬୭୪-୨୩୯୬୯୩୦, ଇମେଲ୍: investor@orientelectric.com
ୱେବସାଇଟ୍: www.orientelectric.com, ସିଆଇଏନ୍: ଏଲ୍‌୩୧୧୦୦ଓଆର୍‌୨୦୧୬ପିଏଲ୍‌ସି୦୨୫୮୯୨

ଜୁନ୍ ୩୦,୨୦୨୫ ତ୍ରୈମାସିକ ଓ ନଅ ମାସର ଶେଷ ହୋଇଥିବା ବାର୍ଷିକ ସଠିକ୍ ହିସାବ ଆର୍ଥିକ ଫଳାଫଳ (କୋଟି ହିସାବରେ)

| କ୍ର.ସ. | ବିବରଣୀ | ତ୍ରୟମାସିକ ଶେଷ | | ବର୍ଷଶେଷ |
|---|---|---|---|---|
| | | ଜୁନ୍ ୩୦,୨୦୨୫ | ଜୁନ୍ ୩୦,୨୦୨୪ | ମାର୍ଚ୍ଚ ୩୧,୨୦୨୫ |
| | | ଅଣ ହିସାବ | | ହିସାବ |
| ୧ | ମୋଟ ରାଜସ୍ୱ | ୭୬୯.୦୮ | ୭୫୪.୮୬ | ୩,୦୯୩.୬୮ |
| ୨ | ଏହି ଅବଧିର ମୋଟ ଲାଭ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୨୩.୬୬ | ୧୯.୨୬ | ୧୧୨.୨୫ |
| ୩ | ଏହି ଅବଧିର ମୋଟ ଲାଭ ଟିକସ ପୂର୍ବରୁ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/ କିମ୍ବା ଅସାଧାରଣ ଦ୍ରବ୍ୟ) | ୨୩.୬୬ | ୧୯.୨୬ | ୧୧୨.୨୫ |
| ୪ | ଏହି ଅବଧିର ମୋଟ ଲାଭ ଟିକସ ପରେ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/ କିମ୍ବା ଅସାଧାରଣ ଦ୍ରବ୍ୟ) | ୧୭.୫୨ | ୧୪.୩୪ | ୮୩.୨୧ |
| ୫ | ଏହି ଅବଧିରେ ମୋଟ କମ୍ପ୍ରେନ୍‌ସିଭ୍ ଆୟ | ୧୭.୫୬ | ୧୪.୪୨ | ୮୩.୭୭ |
| ୬ | ଇକ୍ୱିଟି ସେୟାର କ୍ୟାପିଟାଲ | ୨୧.୩୪ | ୨୧.୩୪ | ୨୧.୩୪ |
| ୭ | ଅନ୍ୟାନ୍ୟ ଇକ୍ୱିଟି | | | ୬୭୨.୯୬ |
| ୮ | ସେୟାର ପିଛା ଆୟ (ପ୍ରତି ୧ ଟଙ୍କା ପିଛା) | | | |
| | ବେସିକ୍: | ୦.୮୨ | ୦.୬୭ | ୩.୯ |
| | ଡାଇଲ୍ୟୁଟେଡ୍ | ୦.୮୨ | ୦.୬୭ | ୩.୯ |

ନୋଟ୍:
୧. କମ୍ପାନୀର ଉପରୋକ୍ତ ଆର୍ଥିକ ଫଳାଫଳ ଅଡିଟ୍ କମିଟି ଦ୍ୱାରା ସମୀକ୍ଷା ହେବା ସହ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟରଙ୍କ ଜୁଲାଇ ୨୫, ୨୦୨୫ ଅନୁଷ୍ଠିତ ବୈଠକରେ ରେକର୍ଡକୁ ନିଆଯାଇଛି।
୨. ଅଡିଟେଡ୍ ଫାଇନାନ୍ସିଆଲ ରେଜଲ୍ଟ ଜୁନ୍ ୩୦,୨୦୨୫ ବର୍ଷ ଶେଷ ତ୍ରୟମାସିକ ପାଇଁ ସର୍ବିଶେଷ ଫର୍ମାଟ ପୂରଣ ସହିତ ଷ୍ଟକ୍ ଏକ୍ସଚେଞ୍ଜର୍ସ ସେବିର ରେଗୁଲେସନ ୩୩ ଅଧିନରେ (ଲିଷ୍ଟିଂ ଓବ୍ଲିଗେସନସ ଓ ଡିସପ୍ଲୋଜର ଆବଶ୍ୟକ) ରେଗୁଲେସନ ୨୦୧୫। ଅଡିଡେଟ୍ ଫାଇନାନ୍‌ସିଆଲ ରେଜଲ୍ଟର ସଂପୂର୍ଣ୍ଣ ଫର୍ମାଟ ଜୁନ୍ ୩୦,୨୦୨୫ ବର୍ଷ ଶେଷ ଓ ତ୍ରୟୋମାସିକ ପାଇଁ ଷ୍ଟକ ଏକ୍ସଚେଞ୍ଜର ୱେବ୍‌ସାଇଟ୍ (www.bseindia.com/www.nseindio.com) ଓ କମ୍ପାନିର ୱେବ୍‌ସାଇଟ୍(www.orientelectric.com) ରେ ଉପଲବ୍ଧ ଅଛି। ନିମ୍ନରେ ଦିଆଯାଇଥିବା ସ୍କାନର କିମ୍ବା କ୍ୟୁଆର କୋଡ୍ ମାଧ୍ୟମରେ ଏସବୁକୁ ଆପଣ ଦେଖିପାରିବେ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ଜୁଲାଇ ୨୫, ୨୦୨୫

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ରବିନ୍ଦ୍ର ସିଂ ନେଗୀ
ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆଳି (ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ବଡ଼ାମିଲା ପଞ୍ଚାୟତରେ ଥିବା କେଶବାନନ୍ଦ ବାଳିକା ବିଦ୍ୟାପୀଠ ରେ ବିଦ୍ୟାଳୟର ପ୍ରତିଷ୍ଠାତା କେଶବାନନ୍ଦ ଦାଶଙ୍କର ୧୭ତମ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସେଇ ମହାନ ବ୍ୟକ୍ତିତ୍ୱଙ୍କ ଫଟୋ ଚିତ୍ରରେ ପୁଷ୍ପହାର ସହିତ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ସଭାଟିକୁ ଆରମ୍ଭ କରାଯାଇଥିଲା । ଏହି ସଭାରେ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ପ୍ରାକ୍ତନ ରିଜର୍ଭ ବ୍ୟାଙ୍କ ଅଧିକାରୀ ଚକ୍ରଧର ଦାଶ, ସମାଜସେବୀ ପ୍ରଦ୍ୟୁମ୍ନ ଦାଶ, ସଚ୍ଚିଦାନନ୍ଦ ସାହୁ, କବି ଗୋବିନ୍ଦଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ରାଉତ ଓ ବୃନ୍ଦାବନ ପଣ୍ଡା ପ୍ରମୁଖ ଅତିଥି ଉପସ୍ଥିତ ଥିଲେ । ଏହି ସଭାରେ ବିଦ୍ୟାଳୟର କିଛି ଛାତ୍ରୀ ଶ୍ରୀଯୁକ୍ତ ଦାଶଙ୍କ ବିଷୟରେ ଅଭିଭାଷଣ ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା କୁମାରୀ ଦାସ, ସହଶିକ୍ଷକ ଓ ଶିକ୍ଷୟିତ୍ରୀ ସୌଭାଗ୍ୟ କୁମାର ଦାସ, ସୁରଚିତା ଜେନା, କଜ୍ଜନା କୁମାରୀ ପତି, ମମତା ନାୟକ,ଶଶୀରେଖା ଆଚାର୍ଯ୍ୟ, ବିଦ୍ୟାଳୟର କାର୍ଯ୍ୟକାରୀ ସଦସ୍ୟ ରଞ୍ଜନ ବେହେରା, ରତ୍ନାକର ଦଳାଇ, ପ୍ରଭାତୀ କର ପ୍ରମୁଖ ପରିଚାଳନା କରିବା ସହିତ ଏହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।



# ‘ଏକ ପେଡ୍ ମା’କେ ନାମ୍’ ବନ ମହୋତ୍ସବ ପାଳିତ

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ସ୍ଥାନୀୟ ସୋମନାଥ ଅଭ୍ୟାସ ଉଚ୍ଚ ବିଦ୍ୟାଳୟ ଠାରେ ୭୬ ତମ ବନମହୋତ୍ସବ ପାଳନ ସହିତ ‘ଏକ ପେଡ୍ ମା କେ ନାମ’ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ର ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସୋମନାଥ ଅଭ୍ୟାସ ଉଚ୍ଚ ବିଦ୍ୟାଳୟ ଠାରୁ ବିଜିଡି କଲେଜ, ମେଇନ୍ ରୋଡ଼, ଲଣ୍ଡେଇ ସାହି ଓ ରାମମନ୍ଦିର ସାହି ପରିକ୍ରମା କରି ବିଦ୍ୟାଳୟରେ ଶୋଭାଯାତ୍ରା ଶେଷ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀଚରଣ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରବୀଣ କୁମାର ଖାଡଙ୍ଗା, ସଂସ୍କୃତ ଶିକ୍ଷକ ବାସୁଦେବ ମିଶ୍ର, ବିଦ୍ୟାଳୟ କର୍ମଚାରୀ ରବିନ୍ଦ୍ର ପ୍ରଧାନ ଓ ପ୍ରଶାନ୍ତ ଚୌଧୁରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପୂର୍ବତନ ରେଞ୍ଜ ଅଫିସର ତଥା ସମାଜସେବୀ ଅନୁପମ ବାନାର୍ଜୀ, ପ୍ରକୃତି ବନ୍ଧୁ ଶିକ୍ଷକ ଦ୍ୱିତୀକୃଷ୍ଣ ଲେଙ୍କା, ସିଆରସିସି ମନୋଜ କୁମାର ଗୌଡ଼ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ବନପାଳକ ବବୁଲ୍ କୁମାର ସେଠୀ, ଗାର୍ଡ ସଙ୍ଗୀତା ପଟ୍ଟନାୟକ, ବନ ସୁରକ୍ଷା ବାହିନୀର କର୍ମଚାରୀ ସାଗର ସାହୁ, ମିଥୁନ ପ୍ରଧାନ ଓ ସଞ୍ଜୟ କୁମାର ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ପରିବେଶ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ସ୍ଲୋଗାନ ଦେଇ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀଚରଣ ପରିଡ଼ା ଓ ପ୍ରକୃତି ବନ୍ଧୁ ତଥା ପରିବେଶ ପ୍ରେମୀ ଦ୍ୱିତୀକୃଷ୍ଣ ଲେଙ୍କା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ମଧ୍ୟରେ ବନମହୋତ୍ସବ ପାଳନ ସହିତ ସଚେତନତା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳୀଚରଣ ପରିଡାଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ଯୋଗଦେଇ ସମସ୍ତଙ୍କୁ ପ୍ରାଣୀମାନେ ଜୀବନ ଯାପନ କରିବାପାଇଁ ବୃକ୍ଷ ର ଆବଶ୍ୟକତା, ପରିବେଶ ସୁରକ୍ଷା ଓ



ପ୍ରକୃତି ସଂରକ୍ଷଣ ତଥା ବର୍ତ୍ତମାନ ସମୟରେ ଜଙ୍ଗଲର ସ୍ଥିତି ଓ ପରିସଂଖ୍ୟାନ ଉପରେ ଉଦବୋଧନ ଦେଇଥିଲେ। ଅନ୍ୟାନ୍ୟ ବରେଣ୍ୟ, ସମ୍ମାନିତ ଅତିଥି ଓ ବକ୍ତାଭାବେ ମଞ୍ଚାସୀନ ଥିଲେ ମୁଜାଗଡ ରେଞ୍ଜ ଅଫିସର ବିଧ୍ୟାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଏବିଇଓ ଗଜେନ୍ଦ୍ର କୁମାର ସେଠୀ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନମୋହନ ରଥ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ସମ୍ବାଦ ସାହିତ୍ୟ ଘରର ସଂପାଦକ ସନ୍ତୋଷ କୁମାର ଯେନା, ପୂର୍ବତନ ରେଞ୍ଜ ଅଫିସର ତଥା ସମାଜସେବୀ ଅନୁପମ ବାନାର୍ଜୀ, ସିଆରସିସି ତଥା ପ୍ରକୃତି ବନ୍ଧୁ ଦ୍ୱିତୀକୃଷ୍ଣ ଲେଙ୍କା, ସିଆରସିସି ମନୋଜ କୁମାର ଗୌଡ଼। ମଞ୍ଚାସୀନ ସମସ୍ତ ଅତିଥି ବୃକ୍ଷର ମହତ୍ତ୍ୱ, ଆବଶ୍ୟକତା ଓ ଉପକାରୀତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇବା ସହ ବୃକ୍ଷ ଚାରା ରୋପଣ ଉପରେ ଗୁରୁତ୍ୱ ଦେବାପାଇଁ ଆହ୍ୱାନ ଦେଇ ଅନୁରୋଧ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଷମା ଦିଗାଲ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଯେନା ସଭା ସଂଯୋଜନା କରିଥିବା ବେଳେ ଅନୁପମ ବାନାର୍ଜୀ ମୁଖ୍ୟବକ୍ତା ରୂପେ କାର୍ଯ୍ୟ ନିର୍ବାହ କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଆକୃଷ୍ଟ କରିବା ସହ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଅଭିନୀତ ନାଟକ ସମସ୍ତଙ୍କୁ ମୋହିତ କରିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଭାପତି ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ କାର୍ଯ୍ୟାଳୟ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଫଳ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା।

# ଗୋଡିବନ୍ଧ-ବଆଁରପାଳ ରାସ୍ତା ଶୋଚନୀୟ

## ବସ୍ ଚଳାଚଳ ବନ୍ଦ ପାଇଁ ମାଲିକ ସଂଘ ପକ୍ଷରୁ ଦାବିପତ୍ର

ତାଳଚେର (ଭାସ୍କର ନ୍ୟୁଜ୍): ତାଳଚେର ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ଗୋଡିବନ୍ଧ ଠାରୁ ବଆଁରପାଳ ପର୍ଯ୍ୟନ୍ତ ଭାୟା ବହ୍ଲର ରାସ୍ତା ଶୋଚନୀୟ ନେଇ ଆସନ୍ତା ୨୯ ରିଖ ଠାରୁ ତାଳଚେରରୁ ବସ୍ ଚଳାଚଳ ବନ୍ଦ କରିବା ନେଇ ବସ୍ ମାଲିକ ସଂଘ ପକ୍ଷରୁ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ତାଳଚେର ବସ୍ ମାଲିକ ସଂଘର ସଭାପତି ଇଂ. ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକ ମାନେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ତାଳଚେରରୁ ଯାଉଥିବା ବସ୍ ଗୁଡିକର ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ ଏବଂ ରାସ୍ତା ଅତ୍ୟନ୍ତ ଖରାପ୍ ଯୋଗୁଁ ବସ୍ ଗୁଡିକର ଯାନ୍ତ୍ରିକ କ୍ଷତି ହେବା



ସଙ୍ଗେ ସଙ୍ଗେ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାମାନ ଘଟୁଅଛି। ଯାହା ଫଳରେ ତାଳଚେର ବସ୍ ଗୁଡିକ ଅନ୍ୟ ଷ୍ଟାଣ୍ଡରେ ସମୟ ସାରଣୀ ଅନୁସାରେ ପହଞ୍ଚି ନପାରିଲେ ଯାତ୍ରୀ ନଉଠାଇ ପାରିବାରୁ ମାଲିକ ମାନଙ୍କର ଆର୍ଥିକ କ୍ଷତି ଘଟୁଅଛି । ଏହାକୁ ସହୃଦୟତାର ସହ ସମାଧାନ ନକରିଲେ ବାଧ୍ୟ ହୋଇ ସଂଘ ପକ୍ଷରୁ ଆସନ୍ତା ତା୨୯/୦୭/୨୦୨୫ ରିଖ ଠାରୁ ବସ୍‌ଗୁଡିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଲିଖିତ ଭାବେ ଜଣାଇ ଦିଆଯାଇଛି । ଏହାର ନକଲ ରାଜ୍ୟ ପରିବହନ କମିଶନର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ବସ୍ ମାଲିକ ସଂଘ ଏବଂ ତାଳଚେର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ସଂପାଦକ ସୁରେଶ ଚନ୍ଦ୍ର ସାହୁ, ମଦନ ମୋହନ ମହାନ୍ତି, ତୁଷାର ପଟ୍ଟନାୟକ, ନରେଶ ଚନ୍ଦ୍ର ସାହୁ, ଅଭିନାଶ ସାହୁ, ସୁଧାଂଶୁ ଶେଖର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଠିକା କର୍ମଚାରୀଙ୍କୁ ନିର୍ଦ୍ଧାରିତ ଦରମା ଓ ପିଏଫ୍ ଲାଗୁ ପାଇଁ ଦାବିପତ୍ର



ତାଳଚେର(ଭାସ୍କର ନ୍ୟୁଜ୍): ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଦରମା ଓ ପିଏଫ୍ ସୂଚାରୁ ରୂପେ ଲାଗୁ କରିବା ନିମନ୍ତେ ତାଳଚେର ସ୍ଥିତ ପବିତ୍ର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ତରଫରୁ ଏମ୍‌ସିଏଲ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ପୃକ୍ତ ଠିକା କର୍ମଚାରୀଙ୍କ ସୂଚନା ଅନୁସାରେ ତାଳଚେର ସ୍ଥିତ ପବିତ୍ର ମୋହନ ମେଡ଼ିକାଲ କଲେଜ ଓ ହସପିଟାଲରେ ଓମ୍‌ନାଥ ଜଏଣ୍ଟ ଭେଞ୍ଚର ଅଧିନରେ ବହୁ ଠିକା କର୍ମଚାରୀ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ହେବ ସଫେଇ ଏବଂ ମାଳି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ତେବେ ସରକାର ନିର୍ଦ୍ଧାରୀତ କରିଥିବା ଦରମା ଓ ପିଏଫ୍ ସମ୍ପୃକ୍ତ ଠିକା ସଂସ୍ଥା ପ୍ରଦନ କରୁନାହାନ୍ତି । ଏ ସମ୍ପର୍କରେ ଠିକା ସଂସ୍ଥା ଏବଂ ଏମସିଏଲ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଏଣୁ ସମ୍ପୃକ୍ତ ଠିକା କର୍ମଚାରୀମାନେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଛି । ଏଣୁ ଆଗାମୀ ୭ ଦିନ ମଧ୍ୟରେ ସେମାନଙ୍କର ସମସ୍ୟାର ସମାଧାନ କରା ନଗଲେ, ଠିକା କର୍ମଚାରୀମାନେ ଜଗନ୍ନାଥ କ୍ଷେତ୍ର କାର୍ଯ୍ୟାଳୟ ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

## ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟର ନୂତନ କର୍ମକର୍ତ୍ତା ଚୟନ

କଣିହାଁ (ଭାସ୍କର ନ୍ୟୁଜ୍): ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁର ସଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏନଟିପିସି ଗଙ୍ଗୋତ୍ରି ଗେଷ୍ଟ ହାଉସ ପରିସରରେ ଟ୍ରଷ୍ଟ ର ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟର ବିଗତ ବର୍ଷ ର ଆୟ ବ୍ୟୟ ହିସାବର ବିବରଣୀ ପ୍ରଦାନ କରାଯାଇଥିଲା । ପରେ ସଭାରେ ସଭାପତି ମୌଖିକ ଭାବରେ ତାଙ୍କ ପଦ ତଥା ସଭ୍ୟ ପଦରୁ ଇସ୍ତଫା ଦେଇ ସଭା ଛାଡି ଚାଲି ଯାଇଥିଲେ। ଏହାପରେ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଧନେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ

▶ମହେଶ୍ୱର ସଭାପତି

▶କୁମୁଦ ବାନ୍ଧବ ସଧାରଣ ସମ୍ପାଦକ

ମହେଶ୍ୱର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦେବଦତ୍ତ ପ୍ରସାଦ ପ୍ରଧାନ, ସାଧାରଣ ସମ୍ପାଦକ ଭାବରେ ଟ୍ରଷ୍ଟ ର ପ୍ରତିଷ୍ଠାତା ସଦସ୍ୟ କୁମୁଦ ବାନ୍ଧବ ପ୍ରଧାନ, ସହ ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ ଓ କୋଷାଧ୍ୟକ୍ଷ ଭାବରେ ଆଲୋକ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ପରେ ଆଗାମୀ ସେପ୍ଟେମ୍ବର ମାସ ୬ ତାରିଖ ଦିନ ହେବାକୁ ଥିବା ପ୍ରଜାମଣ୍ଡଳ ଦିବସକୁ କିପରି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

# ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର୍ ଶାସନ ପଞ୍ଚାୟତ, ପୋଖରିସାହି ଗ୍ରାମର ପ୍ରଣତି ମଲିକଙ୍କ ୩, ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଖବର ମୁତାବକ ପ୍ରଣତି ମଲିକଙ୍କ ସ୍ୱାମୀ ପ୍ରକାଶ ମଲିକ ସୁଦୂର ହାଇଦ୍ରାବାଦ ରହି କାମ କରନ୍ତି। ଘରେ ପ୍ରଣତି ମଲିକ ଓ ତାଙ୍କର ଦୁଇ ଝିଅ ଗୋଟେ ପୁଅଙ୍କୁ ନେଇ ଘରେ ରହୁଥିଲେ। ଗତ ଶୁକ୍ରବାର ରାତ୍ରି ୧୨ଘଟିକା ସମୟରେ ପରିବାର ଲୋକ ଶୋଇଥିବା ସମୟରେ କୌଣସି ଏକ କାରଣରୁ ଘରେ ନିଆଁ ଲାଗି ଯାଇଥିଲା। ବହୁ କଷ୍ଟ ରେ ଛୁଆ ପିଲାଙ୍କୁ ଧରି ପ୍ରଣତି ମଲିକ ବାହାରକୁ ବାହାରି ଆସିଥିଲେ। ସଙ୍ଗେ, ସଙ୍ଗେ ଗ୍ରାମବାସୀ ମାନେ ପହଞ୍ଚି ଦମକଳ ବାହିନୀଙ୍କୁ ଯୋଗାଯୋଗ କରିଥିଲେ। କିଛି ସମୟ ମଧ୍ୟରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ବଡ ଦୁଃଖର ବିଷୟ ସମସ୍ତଙ୍କ ଚେଷ୍ଟା ସତ୍ତ୍ୱେ ଘରଟି ସଂପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା। ଘରେ ଯାହା ଧାନ, ଚାଉଳ, ବିରି, ମୁଗ, ସୁନା, ରୂପା, ଟଙ୍କା ପଇସା ଓ ଘରର ଆସବାପତ୍ର ଥିଲା ସବୁ କିଛି ପୋଡ଼ି ନଷ୍ଟ ହୋଇଯାଇଛି। ଯାହା ଶୁଣିବାକୁ ମିଳୁଛି ପାଖାପାଖି ୭ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଛି। ଏତେ ବଡ ଦୁର୍ଘଟଣା ପରେ ସଂପୂର୍ଣ୍ଣ ପରିବାର ଭାଙ୍ଗିପଡ଼ିଥିବା ବେଳେ ଏହିଭଳି ଏକ ଅଭାବନୀୟ ଦୁଃଖଦ ଘଟଣା ବିଷୟରେ ଶୁଣି ଆଳି ବ୍ଲକ୍ ଅନ୍ତର୍ଗତ ପତ୍ରପୁର ଅଞ୍ଚଳର ଓଡ଼ିଶାର ଅଗ୍ରଣୀ ସେଚ୍ଛାସେବୀ ସଙ୍ଗଠନ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟର ସଭାପତି ଚନ୍ଦନ କୁମାର ମହାରଣାଙ୍କ ନେତୃତ୍ୱରେ ଟ୍ରଷ୍ଟର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କ ସାହାଯ୍ୟ ସହଯୋଗରେ ଆଜି ଅଗ୍ନି ବିପନ୍ନ ପ୍ରଣତି ମଲିକ ପରିବାରଙ୍କ ନିକଟରେ ପହଞ୍ଚି ୨,ମାସର ରାସନ୍ ସାମଗ୍ରୀ ସହିତ ଗୋଟେ ପାଲ ଓ ବାଲ୍ଟି, ମଗ, ସପ, ବସ୍ତ୍ର ଏବଂ କିଛି ଆର୍ଥିକ ସାହାଯ୍ୟ ରାଶି ପ୍ରଦାନ୍ କରାଯାଇଛି। ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଏହି ଅଗ୍ନି ବିପନ୍ନ ପ୍ରଣତି ମଲିକ ପରିବାରଙ୍କୁ



ଖଣ୍ଡେ ବାସଗୃହ ଯୋଗାଇ ଦିଆଯାଉ ବୋଲି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିମାନଙ୍କୁ ନିବେଦନ କରିଛନ୍ତି ଏହି ଦୁଃଖୀ ପରିବାରଙ୍କ ନିକଟରେ ପହଞ୍ଚି ତାଙ୍କ ଓଠରେ ଟିକେ ହସ ଫୁଟାଇବା ପାଇଁ। ଆଜିର ଏହି ପ୍ରୋଗ୍ରାମ୍‌ରେ ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟର ସଭାପତି ଚନ୍ଦନ କୁମାର ମହାରଣା, ସେକ୍ରେଟାରୀ, ପ୍ରଦ୍ୟୁମ୍ନ ରାଉତ୍, ଉପଦେଷ୍ଟା ବିଜନ କୁମାର୍ ପଢ଼ିଆରି, ଡ଼ କୈଳାସ ଚନ୍ଦ୍ର ମଲିକ, ଜୟନ୍ତି ରାଉତ୍, ସରୋଜିନି ରାଉତ୍ ମହାନ୍ତି, ସଞ୍ଜୟ କୁମାର ପଣ୍ଡା, ରଜତ ରଞ୍ଜନ ବେହୁରା, ଅମର ମଲିକ,ସୌମ୍ୟରଞ୍ଜନ ସାହୁ, ସୁ’ସାନ୍ତିନୀ ମହାରଣା, ଲକ୍ଷ୍ମୀଧର ବେହେରା, ବାସୁଦେବ ସେଠୀ, ସମସ୍ତେ ଉପସ୍ଥିତ ରହି ଅଗ୍ନି ବିପନ୍ନ ପରିବାରଙ୍କୁ ଶାନ୍ତ୍ୱନା ଦେବା ସହିତ ସ୍ଥାନୀୟ ସରପଞ୍ଚ ସଂଗ୍ରାମ୍ କେଶରୀ ବାରିକ୍ ମହୋଦୟଙ୍କୁ ଏହି ଅଗ୍ନି ବିପନ୍ନ ପରିବାରଙ୍କୁ ଆଗକୁ କେମିତି ସରକାରୀ ସାହାଯ୍ୟ ସହଯୋଗ ମିଳିପାରିବ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ। ଏଭଳି ଏକ ମହତ୍ତ୍ୱ ସେବା କାର୍ଯ୍ୟ ଦେଖି ସ୍ଥାନୀୟ ଅଞ୍ଚଳର ସରପଞ୍ଚ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ବାରିକ୍ ମହୋଦୟ ଓ ଗ୍ରାମବାସୀ ବୃନ୍ଦ ଶ୍ରୀ ସତ୍ୟନାରାୟଣ ସେବା ଟ୍ରଷ୍ଟ ପରିବାରଙ୍କୁ ଧନ୍ୟବାଦ ଦେବା ସହିତ ସାଧୁବାଦ ଜଣାଇଥିଲେ ।

# ପାଣିରେ ବୁଡ଼ି ଯୁବକ ମୃତ

ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଗୁରୁଜାନିଗୁଡା ଗ୍ରାମର ପରମାନନ୍ଦ ସୌରା(୩୫)ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି । ସୂଚନାନୁସାରେ ବୁଧବାର ସକାଳୁ ନିତ୍ୟକର୍ମ ଓ ଗାଧୋଇବା ପାଇଁ ସ୍ଥାନୀୟ ସର୍ଗି ତୋଟା ବନ୍ଧକୁ ଯାଇଥିଲେ, କିନ୍ତୁ ଫେରି ନଥିଲେ । ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ଖୋଜାଖୋଜି କରିଥିଲେ ଏବଂ ବିଭିନ୍ନ ଗାଁର ସମ୍ପର୍କୀୟଙ୍କୁ ମଧ୍ୟ ଫୋନ୍ ଯୋଗେ ପଚାରି ଥିଲେ କିନ୍ତୁ ସେହି ଦିନ କୌଣସି ସନ୍ଧାନ ପାଇ ପାରି ନଥିଲେ । ଗୁରୁବାର ସକାଳେ କିଛି ଲୋକ ଉକ୍ତ ବନ୍ଧରେ ଶବକୁ ଦେଖି ତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ । ପରିବାର ଲୋକ ଶବକୁ ଉଦ୍ଧାର କରିବା ସହ ତେନ୍ତୁଲିଖୁଣ୍ଟି ଥାନାକୁ ଏଫଆଇଆର୍ ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରିବା ସହ



ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଗୁରୁବାର ଅପରାହ୍ନରେ ଶବ ହସ୍ତାନ୍ତର ପରେ ପରିବାର ଲୋକେ ଗୁରୁଜାନିଗୁଡ଼ା ଗ୍ରାମ ଶ୍ମଶାନରେ ଶବ ସତ୍କାର କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ମୃତ ପରମାନନ୍ଦ ପିତା ହରି ସୌରାଙ୍କ ଜନ୍ମ ମାଟି ତେନ୍ତୁଲିଖୁଣ୍ଟି ବ୍ଲକ ଲମତାଗୁଡା ପଞ୍ଚାୟତ ଅନ୍ତର୍ଗତ କନ୍ହେଇମୁଣ୍ଡା ଗ୍ରାମରେ ହୋଇଥିଲା। ଘରଜ୍ୱାଇଁ ରୂପେ ଗୁରୁଜାନିଗୁଡାର ଶ୍ୱଶୁର ଦଶରଥ ସୌରାଙ୍କ ଘରେ ସପରିବାର ରହୁଥିଲେ । ତେନ୍ତୁଲିଖୁଣ୍ଟି ପୁଲିସ ୮/୨୦୨୫ ସଂଖ୍ୟାରେ ଏକ ଅପମୃତ୍ୟୁ ମାମଲା ଦାୟର କରିଛି । ମୃତ ପରମାନନ୍ଦଙ୍କ ପରିବାର କହିଲେ ସ୍ତ୍ରୀ ଓ ଦୁଇ ସନ୍ତାନ । ସାଢ଼େ ତିନି ବର୍ଷର ପୁଅଟିଏ ରହିଥିବା ବେଳେ କନ୍ୟା ସନ୍ତାନ ଛଅ ମାସର ରହିଛି । ପରିବାର ଲୋକ ବର୍ତ୍ତମାନ ନିଃସହାୟ ହୋଇ ମାନସିକ ଚାପଗ୍ରସ୍ତରେ ଭାଙ୍ଗିପଡ଼ିଛନ୍ତି । କିଛି ସରକାରୀ ଆର୍ଥିକ ସହାୟତା ମିଳିଲେ କୁନି ପିଲାଦ୍ୱୟଙ୍କ ଭବିଷ୍ୟତ ଗଢିବାରେ ସହାୟକ ହେବ ବୋଲି ଗ୍ରାମବାସୀ କହିଛନ୍ତି । ଅପମୃତ୍ୟୁ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ପ୍ରମାଣ ସଂଗ୍ରହ ପରେ ସରକାରୀ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ କହିଛନ୍ତି ।

## ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ତାଳଚେର (ଭାସ୍କର ନ୍ୟୁଜ୍): ତାଳଚେର ସତ୍ୟସାଇ ସେବା ସମିତି ପକ୍ଷରୁ ଜଗନ୍ନାଥ ମନ୍ଦିର ନିକଟସ୍ଥ ତାଳଚେର ମ୍ୟୁନିସିପାଲିଟି ହାଇସ୍କୁଲ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଘଟିକା ଠାରୁ ମଧ୍ୟାହ୍ନ ୧ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଯୁବକ ଯୁବତୀମାନେ ଓ ସତ୍ୟସାଇ ସେବା ସମିତିର ସଦସ୍ୟମାନେ ଉପସ୍ଥିତ ହୋଇ ରକ୍ତଦାନ କରିଥିଲେ । ତାଳଚେର ରକ୍ତଭଣ୍ଡାରର ସହଯୋଗରେ ଏହି ଶିବିରରେ ମୋଟ ୬୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆଜିର ସମାଜରେ ରକ୍ତଦାନ ହେଉଛି ଅତି ମହତପୂର୍ଣ୍ଣ ତଥା ମହତ କାର୍ଯ୍ୟ । ଦାନ କରାଯାଉଥିବା କେଇବୁନ୍ଦା ରକ୍ତ କାହାର ଜୀବନ ବଂଚାଇ ପାରିବ। ତାଳଚେର ଉପଖଣ୍ଡରେ ରକ୍ତର ଅଭାବକୁ ଦୂର କରିବା କୌଣସି ରୋଗୀ ରକ୍ତ ପାଇଁ ଅସୁବିଧାର ସମ୍ମୁଖୀନ ନହେବାର ଉଦ୍ଦେଶ୍ୟ ନେଇ ସତ୍ୟସାଇ ସେବା ସମିତି ପକ୍ଷରୁ ଏପରି ପଦକ୍ଷେପ ନିଆଯାଇ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ସତ୍ୟସାଇ ସେବାସମିତି ତାଳଚେରର ପ୍ରତିଷ୍ଠାତା ପଙ୍କଜଲୋଚନ ପତି, ଆବାହକ କମଳ ଲୋଚନ ପତି, ବିରଚିଂ ନାରାୟଣ ଦାସ, ଶକ୍ତିପ୍ରସାଦ ସାହୁ, ବାବୁଲି ନାଥ, ପୂର୍ବତନ ସାଂସଦ ମହେଶ ସାହୁ, ଅକ୍ଷୟ ମହାରଣା, ସୁଚିତ୍ରା ମହାରଣା, ବିଷ୍ଣୁପ୍ରିୟା ପତି, ମାମାଲି ଦାସ,ସମାଜସେବୀ କ୍ଷୀରୋଦ ସାହୁଙ୍କ ସମେତ ସତ୍ୟସାଇ ସମିତିର ସମସ୍ତ ଜିଲ୍ଲା କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଶିବିରକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



୬୪ ୟୁନିଟ ରକ୍ତ ସଂଗ୍ରହ

## ବିଧାନସଭାରେ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ମାରକପତ୍ର



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ରାଜ୍ୟ ବିଧାନସଭା ପରିସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ଭେଟି ଘୁମୁସର ଉନ୍ନୟନ ମଞ୍ଚ ଓ ଘୁମୁସର ବିକାଶ ପରିଷଦ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭଞ୍ଜନଗର କେଏସୟୁବି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବାଲ୍ମୀକି ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ବାର୍ତ୍ତା ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଓ ବରିଷ୍ଠ ବିଜେପି ନେତା ମହେଶ ମହାନ୍ତି ପ୍ରମୁଖ ବାଚସ୍ପତିଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତକାର କରି ଏଭଳି ଦାବି କରିଛନ୍ତି। ବାଚସ୍ପତି ମଧ୍ୟ ସହୃଦୟତାର ସହିତ ସଂସ୍କୃତି ବିଭାଗକୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରି ଜଣେ ଯୋଗଜନ୍ମା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲେ ସେ ସବୁଠାରୁ ଅଧିକ ଖୁସି ହେବେ ଓ ନିଜକୁ ଧନ୍ୟମନେ କରିବେ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ପ୍ରତିନିଧି ମଣ୍ଡଳୀ ଙ୍କୁ କହିଥିଲେ। ଆଉ ଏଥିପାଇଁ ପ୍ରତିନିଧିମାନେ ବାଚସ୍ପତିଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

# ଏନ୍‌ଟିପିସି ବିଏମ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ



କଣିହାଁ (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ଭାରତୀୟ ମଜଦୂର ସଂଘର ୭୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏନଟିପିସି କଣିହାଁ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଭବ୍ୟ ଆୟୋଜନ କରାଯାଇଥିଲା। ସକାଳେ ସଂଘ କାର୍ଯ୍ୟାଳୟ ଠାରେ ସଭାପତି ବିରେନ୍ଦ୍ର କୁମାର କାନୁନଗୋ, ସଂପାଦକ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବିଏମ୍‌ଏସର ପତାକା ଉତ୍ତୋଳନ କରାଯାଇଥିଲା। ପରେ ବିଜିଗୋଳ ମା ଭୈରବୀ ପୀଠ ପରିସରରେ ଥିବା କଳ୍ପତରୁ ଶିଶୁ ବିଦ୍ୟା ମନ୍ଦିର ରେ ୧୨୦ଜଣ ଛାତ୍ର ଓ ଛାତ୍ରୀ ମାନଙ୍କୁ ପାଠ୍ୟ ସାମଗ୍ରୀ ବିତରଣ କରାଯାଇଥିଲା ।ସାମୁହିକ ବୃକ୍ଷ ରୋପଣ ପର୍ଯ୍ୟାବରଣ ପ୍ରତି ସଂଘର କର୍ତ୍ତବ୍ୟ ପାଳନ ଅବସରରେ ଛାତ୍ର ଓ ଛାତ୍ରୀ ମାନଙ୍କୁ ନେଇ ବିଦ୍ୟାଳୟ ପରିସର ରେ ବୃକ୍ଷରୋପଣ କରାଯାଇଥିଲା । ସେବାନିବୃତ୍ତ କାର୍ଯ୍ୟକର୍ତ୍ତା ଓ ପରିବାର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ସଂଘ ତରଫରୁ ଭବ୍ୟ ସ୍ୱାଗତ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏମଏସର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର କେନ୍ଦୁଝର ଗସ୍ତ

କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ୭ ଜଣିଆ ବିଧାନସଭା ଷ୍ଟାଡିଙ୍ଗ କମିଟିର ସ୍ୱାସ୍ଥ୍ୟ ସେବା ଯାଞ୍ଚ କରିବା ସହ ବିଭିନ୍ନ ମେଡିକାଲ ଓ ଧରଣୀଧର ମେଡିକାଲ କଲେଜ ଯାଇ ସ୍ଥିତି ପରଖିଛନ୍ତି। ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ଅଧକ୍ଷତାରେ ୭ ଜଣିଆ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ବୁଧବାର ଦିନ ତେଲକୋଇ ଓ ଗୁରୁବାର ଦିନ ଜିଲ୍ଲା ସଦର ମହକୁମା ସହ ଘଟଗାଁ ଗସ୍ତ କରିଛନ୍ତି। କେନ୍ଦୁଝର ଜିଲ୍ଲା ଗସ୍ତ କରି ଧରଣୀଧର ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ନେଇ ଜିଲା ପ୍ରଶାସନ ଓ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ସହ ଆଲୋଚନା କରିଛନ୍ତି । କମିଟିର ଅଧକ୍ଷ ଶ୍ରୀ ପ୍ରଧାନ କହିଛନ୍ତି ଯେ ସାରା ରାଜ୍ୟରେ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ମୋହନ ସରକାର ଙ୍କ ପକ୍ଷରୁ ଅଭିନବ ପ୍ରୟାସ ଗ୍ରହଣ କରାଯାଉଛି । ଏହିକ୍ରମରେ ଓଡିଶା ବିଧାନସଭାର ଷ୍ଟାଣ୍ଡିଂ କମିଟି–୫ ଧରଣୀଧର ମେଡିକାଲ କଲେଜ , ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ଷ୍ଟାଣ୍ଡିଂ କମିଟି ଓପିଡି , ଟ୍ରମା କେୟାର ସେଣ୍ଟର,ଆଶୁ ଚିକିତ୍ସା ବିଭାଗ , ନିରାମୟ ଔଷଧ ବିତରଣ କେନ୍ଦ୍ର ଆଦି ବୁଲି ବୁଲି ଦେଖିବା ସହ ରୋଗୀ ମାନଙ୍କୁ ସୁବିଧା , ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ ଓ ଶେଷରେ ଜିଲ୍ଲା ରେ ସ୍ୱାସ୍ଥ୍ୟ ସେବାରେ ଥିବା ଅନେକ ଅସୁବିଧା ସଂପର୍କରେ ଉପସ୍ଥିତ ରୋଗୀ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

# ବିନା ଅନୁମତିରେ ଚାଲିଛି ଶହ ଶହ ପାଥୋଲାବ୍

କେନ୍ଦୁଝର (ଭାସ୍କର ନ୍ୟୁଜ୍):କେନ୍ଦୁଝର ସଦର ମହକୁମା ସମେତ ସମଗ୍ର ଜିଲ୍ଲାରେ ବେଧଡକ ଭାବେ ବଢି ଚାଲିଛି ବେଆଇନ ପାଥୋଲ୍ୟାବ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସ୍ୱାସ୍ଥ୍ୟ ବିଭାଗ ଠାରୁ ଅନୁମତି ନ ନେଇ ଶହ ଶହ ପାଥୋଲାବ ବେଆଇନ ଭାବେ ଚାଲିଥିଲେ ହେଁ ଏଗୁଡିକୁ ଯାଂଚ କରାଯାଉନାହିଁ । କେନ୍ଦୁଝର ଜିଲ୍ଲାରେ ୮୫ଟି ପାଥୋଲାବ କୁ ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ମିଳିଛି । ସିଡିଏମଓ ଙ୍କ ଠାରୁ ଅନୁମତି ମିଳିବା ପରେ ଏହି ପାଥୋଲ୍ୟାବ ଗୁଡିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅଥୋରାଇଜେସନ ଅର୍ଡର ମିଳିଛି । ଜିଲ୍ଲାରେ ବିନା ଅନୁମତିରେ ୩୦୦ ରୁ ଉର୍ଦ୍ଧ୍ୱ ପାଥୋଲାବ ଚାଲିଛି । କେବଳ କେନ୍ଦୁଝର ସହର ନୁହେଁ ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ପାଥୋଲାବ ଚାଲିଛି । ଅନେକ ଘରୋଇ ପାଥୋଲାବ୍ ରେ ଅନଭିଜ୍ଞ ଟେକ୍‌ନିସିଆନ ଥିବାରୁ ସଠିକ୍ ପରୀକ୍ଷା ରିପୋର୍ଟ ମଧ୍ୟ ଆସୁନାହିଁ । ଯାହାକି ରୋଗୀଙ୍କ ପାଇଁ ବିପଦର କାରଣ ହେଉଛି । ପାଥୋଲାବ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ସଠିକ୍ ରୋଗ ଚିହ୍ନଟ ହୋଇପାରୁନାହିଁ। ଫଳରେ ରୋଗୀଙ୍କ ଜ୍ୱର ଏବଂ ଅନ୍ୟ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଭଲ ହେବା ବଦଳରେ ଅଧିକ ଜଟିଳ ହେଉଛି । ଅନେକ ରୋଗୀ ଡାକ୍ତରଙ୍କ ପରାମର୍ଶ ପରେ ମଧ୍ୟ ଡାକ୍ତରଖାନା ପଥୋଲାବରେ ପରୀକ୍ଷା ନକରି ବାହାରେ ବେସରକାରୀ ପାଥୋଲାବରେ ପରୀକ୍ଷା କରୁଛନ୍ତି। ରାଜ୍ୟ ସରକାର ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ ନେଇ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନା ପ୍ରଣୟନ କରୁଥିବାବେଳେ ଏହାର ପ୍ରକୃତ ଫାଇଦା ଜନସାଧାରଣଙ୍କ ପାଖରେ ନପହଞ୍ଚିବା ଦୁଃଖ ଓ ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି । ସରକାରୀ ନୀତି ନିୟମ ଅନୁଯାୟୀ ଯେଉଁ ଜାଗାରେ ପାଥୋଲାବ ଓ ଘରୋଇ ହସ୍ପିଟାଲମାନ ଖୋଲାଯିବା କଥା ନୁହଁ ସେସବୁ ଜାଗାରେ ଏ ପ୍ରକାର କାରବାର ଖୁବ୍ ଜୋରସୋରରେ ଚାଲିଛି । କେନ୍ଦୁଝର ମୁଖ୍ୟ ଡାକ୍ତରଖାନା ନିକଟରେ ବିନା ଅନୁମତିରେ ମାଳ ମାଳ ପାଥୋଲାବ୍ ଖୋଲିଥିବାରୁ ରୋଗୀ ପରୀକ୍ଷା ପାଇଁ ଘରୋଇ ପାଥୋଲାବକୁ ଯାଇ ଶୋଷଣର ଶିକାର ହେଉଛନ୍ତି । ସରକାରୀ ଡାକ୍ତରଙ୍କ ବାସଭବନରେ ରୋଗୀ ଚିକିତ୍ସା ପାଇଁ ବେଶ ଭିଡ ହେଉଥିବାବେଳେ ଡାକ୍ତରମାନେ

**ସରକାରୀ ନିୟମକୁ ଫୁ**

ଘରୋଇ ପାଥୋଲାବକୁ ପରୀକ୍ଷା ପାଇଁ ରୋଗୀଙ୍କୁ ପଠାଉଛନ୍ତି । ଏଥିପ୍ରତି ସମସ୍ତେ ଜାଣି ମଧ୍ୟ ନିରବ ରହୁଛନ୍ତି । କେତେକ ପାଥୋଲାବ ବେଆଇନ ଭାବେ ବିନା ପଞ୍ଜିକୃତରେ ଚାଲିଥିବା ବେଳେ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ସବୁଜାଣି କିଛି ନଜାଣିଲା ଭଳି ବ୍ୟବହାର କରୁଛନ୍ତି । ଛତୁ ଫୁଟିଲା ଭଳି ପାଥୋଲାବ କେନ୍ଦୁଝର ସହରରେ ଚାଲିଛି । ଗରିବ ଜନସାଧାରଣଟିଏ ଯେତେବେଳେ ରୋଗଗ୍ରସ୍ତ କିମ୍ବା କୌଣସି ଦୁର୍ଘଟଣାଗ୍ରସ୍ତ ସମସ୍ୟା ଭୋଗୁଛି ସେତେବେଳେ ସେ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେବା ପରିବର୍ତ୍ତେ ଡାକ୍ତର କିମ୍ବା ବିଭିନ୍ନ ଦଲାଲଙ୍କ ଦ୍ୱାରା ଭ୍ରମିତ ହୋଇ ସେମାନଙ୍କ ପରାମର୍ଶକ୍ରମେ ଘରୋଇ ନର୍ସିଂହୋମ ଏବଂ ପାଥୋଲାବରେ ଖୁବ୍ ଉଚ୍ଚ ଦରରେ ପରୀକ୍ଷା ଏବଂ ଚିକିତ୍ସିତ ହେଉଥିବା ଅଭିଯୋଗ ହେଉଛି। ଏ ବାବଦରେ ଯଦି ନିୟମିତ ସରକାରୀ ଯାଞ୍ଚ କରାଯିବ ଏବଂ ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥାଆନ୍ତା ତେବେ ଏହା ଉପରେ ରୋକ ଲଗାଯାଇପାରିବ । ତେବେ ଏସବୁ ପ୍ରତି ତଦାରଖ ପାଇଁ ଜିଲ୍ଲାସ୍ତରରେ ଗଠିତ ହୋଇଥିବା ଡିଷ୍ଟ୍ରିକ ଲେବୁଲ ମନିଟରିଂ କମିଟି (ଡିଏଲ୍‌ଏମ୍ସି) ଦ୍ୱାରା ନିୟମିତ ଯାଞ୍ଚ କରି ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଚିଠି ନମ୍ବର ୨୨୬୭ ତା ୨୬/୧୨/୨୦୨୪ରେ ଡିଏଲ୍‌ଏମ୍ସି ଗଠିତ ହୋଇଛି । ତେବେ ଏହି ଜିଲ୍ଲାସ୍ତରୀୟ କମିଟି ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ସଠିକ ଭାବେ ପରିଚାଳନା ହେଉଛି କି ନାହିଁ ତାହାର ତଦାରଖ କରୁନଥିବା ଅଭିଯୋଗ ହୋଇଛି । ଅନେକ କ୍ଲିନିକ,ପାଥୋଲ୍ୟାବ ଏବଂ ବେସରକାରୀ ହସପିଟାଲ ମେଡିକାଲ ବର୍ଜ୍ୟବସ୍ତୁକୁ ନିୟମ ଅନୁଯାୟୀ ନଷ୍ଟ କରୁନଥିବାବେଳେ ଏଣେ ତେଣେ ପକାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି । ମେଡିକାଲ ବର୍ଜ୍ୟବସ୍ତୁ ଏଣେ ତେଣେ ପଡୁଥିବାରୁ ପଶୁପକ୍ଷୀ ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି । ଏହାଦ୍ୱାରା ଅନେକ ରୋଗ ବ୍ୟାପିବା ଆଶଙ୍କା ରହୁଛି । ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର, କେନ୍ଦୁଝର ସ୍ଥିତ କାର୍ଯ୍ୟାଳୟର ଆଂଚଳିକ ଅଧିକାରୀ ପ୍ରଶାନ୍ତ କର ଙ୍କ ସହ ଯୋଗାଯୋଗ କରିବାରୁ ବେଆଇନ ଭାବେ ଚାଲିଥିବା ପାଥୋଲ୍ୟାବ ଯାଂଚ କରି ପଦକ୍ଷେପ ନିଆଯିବ ।

## ସିକଲସେଲ୍ ରୋଗରେ ପୀଡ଼ିତ ନାତୁଣୀ

# ବୃଦ୍ଧା ବୟସରେ ଔଷଧ ଖର୍ଚ୍ଚ ବହନ କରୁଛି ଜେଜେମା

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଦୁଃଖ ବି ଏମିତି ଆସେ। ଆର୍ଥିକ ଅନାଟନକୁ ରୋଗ ବୋଝ। ଖାଇବା ଗଣ୍ଡେ ପାଇବା ମୁସ୍କିଲ ଥିବା ବେଳେ ଔଷଧ କିଣା ଯେମିତି ଅସ୍ତବ୍ୟସ୍ତ କରୁଛି। ଏଭଳି ହୃଦୟ ବିଦାରକ ଦୃଶ୍ୟ ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ଅପରାହ୍ନ ବୟସର ଜଣେ ବିଧବା ମହିଳା କ୍ଷେତ୍ରରେ ଦେଖାଦେଇଛି। ବୃଦ୍ଧ ବୟସରେ ନିଜ ନାତୁଣୀକୁ ଆଶ୍ରୟ ଦେଇ ତା ଚିକିତ୍ସା ପାଇଁ ସଂଘର୍ଷ କରୁଛି। ବୁଡୁ ମେହେର(୬୫)ମାଆ ବାପା ଛେଉଣ୍ଡ ଝିଅ ଗୀତାଞ୍ଜଳି ମେହେର (୨୩)କୁ ଆଶ୍ରୟ ଦେଇଛି। ସ୍ୱାମୀ ଦୀର୍ଘ ଦିନ ହେବ ଆର ପାରିରେ। ପୁଅ ବୋହୂ ବି କିଛି ବର୍ଷ ତଳେ ଆରପାରିକୁ ଚାଲିଯାଇଛନ୍ତି। ନିଜ ଔରସ ପୁଅର ଜନ୍ମିତ ଝିଅ ଗୀତାଞ୍ଜଳିକୁ ନିଜ ପାଖରେ ରଖି ଲାଳନ ପାଳନ କରି ଆସୁଛନ୍ତି। ହେଲେ ହଠାତ ନାତୁଣୀ ଗୀତାଞ୍ଜଳି ସିକଲସେଲ ରୋଗରେ ପୀଡିତ ହୋଇ ପଡ଼ିଥିବା ବେଳେ ଗୋଡ଼ ହାତ ଅଚଳ ହୋଇ ପଡ଼ିଲା। ସେ ଚାଲିବାକୁ ଅକ୍ଷମ ଥିବାବେଳେ ନିଜେ ବସିବା ମଧ୍ୟ ମୁସ୍କିଲ ହୋଇ ପଡିଛି। ଆର୍ଥିକ ଅନାଟନ ସତେ ଯେମିତି ତାକୁ କଲବଲ କରି ମାରୁଛି। ଜେଜେମା ଗୀତାଞ୍ଜଳିଙ୍କୁ ନେଇ ଡ଼ାକ୍ତର ପାଖରେ ଚିକିତ୍ସା କରାଇଲେ, ହେଲେ ଔଷଧ ପାଇଁ ମାସକୁ ୩-୪ଟଙ୍କା ଆବଶ୍ୟକ ଶୁଣି ତାଙ୍କ ମୁଣ୍ଡ ଗୋଲ। ଏକଥା ଶୁଣି ଦରଦି ସ୍ଥାନୀୟ ସରପଞ୍ଚ ବ୍ରିଜଲାଲ ନାଏକ ବୁଡୁ ନିକଟକୁ ଯାଇ ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ ଚାଉଳ ଓ ଘର ଖଣ୍ଡେ ବି ଯୋଗାଇ ଦେଲେ। ଏପରିକି ଘର ପାଖ ଆଖ ଚାଲିବା ପାଇଁ ଏକ ହ୍ୱିଲ୍ ଚେୟାରର ବ୍ୟବସ୍ଥା ବି କଲେ। ଏପରିକି ତାର ଉଚ୍ଚ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ସହ କଥାବାର୍ତ୍ତା କରିଥିବା ଜଣାପଡିଛି। ସବୁଠି ବଡ଼ କଥା ତାର ହାଲଚାଲ ବୁଝିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ମୋହନ ବିହାରୀଡଂଯକ ସହିତ ସରପଞ୍ଚ ନିଜେ ତାର ଘର ଯାଇ ବୁଝୁଥିବା ଜଣାପଡ଼ିଛି। ବୁଡୁ ଜଣେ ଅପରାହ୍ନ ବୟସ୍କା ବିଧବା ଥିବା ବେଳେ ତାର କେହି ନାହିଁ। ପଞ୍ଚାୟତ ରୁ ୩୦କିଲୋ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା କେବଳ ସାହାରା ପାଲଟିଛି। ଏପରି ସ୍ଥଳେ ନାତୁଣୀ ପାଇଁ ଔଷଧ ଯୋଗାଡ଼ କରିବା ତା ପକ୍ଷେ ସମ୍ଭବ ନ ଥିବା କହନ୍ତି।ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଗୀତାଞ୍ଜଳିର ଉଚ୍ଚ ଚିକିତ୍ସାର ବନ୍ଦୋବସ୍ତ କରିବାକୁ ଗ୍ରାମବାସୀ ନବୀନ ପୁରୋହିତ, ଖଞ୍ଜିବ ଗୋପାଳ କୃଷ୍ଣ ଗୋପାଳ, ସୁବାସ ଦାସ, ଲଛମନ ଗୋପାଳ ପ୍ରମୁଖ ଦାବି କରିଛନ୍ତି।



# ସମସ୍ୟାଘେରରେ ରଙ୍ଗପାରୁ ଗାଁ



ନର୍ଲା (ଭାସ୍କର ନ୍ୟୁଜ) କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଅନ୍ତର୍ଗତ କମର୍ଧା ପଞ୍ଚାୟତରେ ରହିଛି ରଙ୍ଗପାରୁ ଗାଁ । ଏହି ଗାଁରୁ ବାହାରି ଅନ୍ୟ ସ୍ଥାନକୁ ଯିବାକୁ ହେଲେ ଗାଁ ନିକଟରେ ଥିବା ଏକ ଛୋଟ ନଈକୁ ପାରି ହେବାକୁ ପଡ଼ିଥାଏ। ଖରା ଦିନ ତ କଷ୍ଟେ ମଷ୍ଟେ ବିତିଯାଏ ହେଲେ ବର୍ଷା ଦିନ ଆସିଲେ ଜଳ ବନ୍ଦୀ ଜୀବନ ବିତାଇ ଥାଆନ୍ତି ଏହି ଗ୍ରାମବାସୀ। ଘର ପାଇଁ ରାସନ୍ ହେଉ ଅବା ସ୍କୁଲ୍, ଅଙ୍ଗନୱାଡ଼ି ସହିତ ମେଡିକାଲ୍ ଯିବା ଠପ୍ ହୋଇଯାଏ। ଫଳରେ ଅନେକ୍ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଗ୍ରାମବାସୀ। ଗାଁରେ ପାଖାପାଖି ୧୫ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ହେଲେ ଆଜି ବି ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। କିଛି ଦିନ ତଳେ ଉକ୍ତ ଗାଁର ପାଣି ସମସ୍ୟାକୁ ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହୋଇଥିଲା। ଖବର ଦେଖି ଲାଞ୍ଜିଗଡ଼ ବ୍ଲକ୍ ପ୍ରଶାସନ ପକ୍ଷରୁ ଗାଁରେ ଏକ ନଳକୂପର ବ୍ୟବସ୍ଥା କରାଯାଇଛି। ଗାଁ ଲୋକେ ନଈର ଦୂଷିତ ପାଣି ବଦଳରେ ନଳକୂଅର ପାଣି ପିଉଛନ୍ତି। ବର୍ତ୍ତମାନ ଗାଁର ମୁଖ୍ୟ ସମସ୍ୟା ହେଉଛି ନଈ ଉପରେ ଗୋଟିଏ ପୋଲ ଓ ଗମନାଗମନ ପାଇଁ ରାସ୍ତା। ସରକାର୍ ରଙ୍ଗପାରୁ ଗାଁ ଲୋକଙ୍କ ଗୁହାରି କେବେ ଶୁଣୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ଆଲୋଚନାଚକ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ସଞ୍ଚୟ ଯୋଜନା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ଦ୍ଦେଶକ ସେଭିଂସ୍ ତଥା ଫାଇନାନସିଆଲ୍ ସର୍ଭିସ ବିବେକାନନ୍ଦ ମହନନ୍ଦଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଡାକ ବିଭାଗ ଅଧୀକ୍ଷକ, କଳାହାଣ୍ଡି, ସୁଶାନ୍ତ କୁମାର ପାଣିଗ୍ରାହୀ, ମାଇଁ ଭାରତ ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର, ଡିଆଇପିଆରଓ ହଳଧର ନିଆଲ, ଏସ୍‌ଡ଼ିଏଏଫ କ୍ରଷ୍ଣା ପ୍ରସନ୍ନ ପଣ୍ଡା, ଏଏସ୍‌ପିଏମ୍ ସଞ୍ଜୟ କୁମାର ଦୋରା, ଡିଏପିଏଲଆଇ ଅଭିଷେକ ପଣ୍ଡା, କାର୍ତ୍ତିକେଶ୍ୱର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଳ୍ପ ସଞ୍ଚୟ ଥିବା ବିଭିନ୍ନ ସ୍କିମ ଇତ୍ୟାଦି ଅନେକ ଉପକାରୀ ପୋଷ୍ଟଲ ସ୍କିମ ଗୁଡ଼ିକ ସମ୍ପର୍କରେ ଅତିଥିମନେ ଅତି ପ୍ରଞ୍ଜଳ ଭାବରେ ବୁଝାଇଥିଲେ। ଭବିଷ୍ୟତ କାର୍ଯ୍ୟପନ୍ଥା ତଥା ନିତିଦିନିଆ ଆର୍ଥିକ ଉନ୍ନତି ପାଇଁ ପ୍ରତ୍ୟେକ ପରିବାରର ଆବଶ୍ୟକତା ଦୃଷ୍ଟିରୁ ସଞ୍ଚୟର ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ବକ୍ତା ମାନେ ନିଜ ନିଜ ଅଭିଭାଷଣରେ କହିଥିଲେ। ଉପସ୍ଥିତ ଆଇସିଡ଼ିଏସ୍ କର୍ମୀ ମାନଙ୍କୁ ଓ ଏନ୍‌ୱାଇକେ ଯୁବବନ୍ଧୁ ମାନଙ୍କୁ ଏ ଦିଗରେ ଯତ୍ନବାନ ହେବାପାଇଁ ଅଧିକାରୀବୃନ୍ଦ ସଚେତନ କରିଥିଲେ। ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିବୃନ୍ଦ ସମସ୍ତଙ୍କର ସହଯୋଗ ଓ ନିଷ୍ଠା ବଳରେ ଆମ ଜିଲ୍ଲାରେ ଚାଲିଥିବା ସଞ୍ଚୟ ଯୋଜନା ସୁକନ୍ୟା ଏକ ନମ୍ବର ହେବା ବିଷୟରେ ଗୌରବ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଆହୁରି କେମିତି ସଞ୍ଚୟର ଉନ୍ନତି ହେବ ସେଥିପ୍ରତି ଧ୍ୟାନଦେବା ପାଇଁ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଆଲୋଚନା ଚକ୍ରରେ ସାମାଜିକ ଉନ୍ନତିରେ ସଞ୍ଚୟର ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ପୋଷ୍ଟାଲ ଏଜେଣ୍ଟ ତରଫରୁ ଦିଲୀପ ରାଉତ, ଫକୀର ମୋହନ ପଧାନ, ଶରତ ଚନ୍ଦ୍ର ପଧାନ, ରାମଲିଙ୍ଗ ଆଚାରି, ପ୍ରଦୀପ ଆରୁଖ , କୈଳାଶ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ହଳଧର ନିଆଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭାସାଙ୍ଗ କରାଯାଇଥିଲା।

## ବାନେର-ଲଡୁଗାଁ ରାସ୍ତା ନିର୍ମାଣ ଲାଗି ଅନଶନ

# ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ



କୋକସରା, (ଭାସ୍କର ନ୍ୟୁଜ୍) : ଜୟପାଟଣା ବ୍ଲକ ବାନେରଠାରୁ କୋକସରା ବ୍ଲକ ଲଡୁଗାଁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଅଧିନରେ ଥିବା ରାସ୍ତା ଦିର୍ଘ ବର୍ଷରୁ ଶୋଚନୀୟ ହୋଇ ରହିଛି। ଏହାକୁ ନେଇ ବୁଧବାର ଦିନଠାରୁ ଅଞ୍ଚଳର ସଚେତନ ଯୁବକ ବିଘ୍ନରାଜ ପଣ୍ଡା, ଅନନ୍ତ କୁମାର ପଟ୍ଟନାୟକ ଓ ଚିନ୍ତାମଣି କୁମ୍ଭାର ପ୍ରମୁଖ ବାନେର ଛକଠାରେ ରାସ୍ତା ନିର୍ମାଣ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଥିଲେ। ଗୁରୁବାର ଦିତୀୟ ଦିନରେ ଅନଶନ ପହଞ୍ଚିଥିବାବେଳେ ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ସୂଚନା ଯେ, ଜୟପାଟଣା ବ୍ଲକ ବାନେର ଛକଠାରୁ କୋକସରା ବ୍ଲକ ଲଡୁଗାଁକୁ ସଂଯୋଗ କରୁଥିବା ୧୪ କିମି. ରାସ୍ତା ଅବସ୍ଥା ଦୀର୍ଘବର୍ଷ ଧରି ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁବାର ପ୍ରଶାସନ ନିକଟରେ ଦାବି ଆସୁଥିଲେ ହେଁ ପ୍ରତିଶ୍ରୁତିରେ ତାହା ସିମିତି ରହିଯାଉଛି। ରାସ୍ତା ନିର୍ମାଣ ନହେବା ଯୋଗୁଁ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯିବା ଆସିବା ହେଉ ଅବା ରୋଗୀଙ୍କୁ ମେଡିକାଲ ନେବା ସମୟରେ ହେଉ, ନିଇତି ଦୁର୍ଦ୍ଦଶା ଭୋଗୁଛନ୍ତି। ଏମିତି କି ଏହି ରାସ୍ତାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ମଧ୍ୟ ନଜର ରହିଛି। ଯାହାକୁ ନେଇ ବୁଧବାର ଦିନରୁ ବାନେର ଛକଠାରେ ତିନି ଜଣ ସଚେତନ ଯୁବକ ଆମରଣ ଅନଶନ ଆରମ୍ଭ କରିଥିବାବେଳେ ଅଞ୍ଚଳର ଶହ ଶହ ଲୋକଙ୍କ ସମର୍ଥନ ମିଳିଥିଲା। ଗୁରୁବାର କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଆନ୍ଦୋଳନ ସ୍ଥଳରେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ଏବଂ ଘଟଣାସ୍ଥଳକୁ ଡକାଇ ସମାଧାନ ପାଇଁ ହସ୍ତକ୍ଷେପ କରିଥିଲେ। ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ ସମେତ ପୁର୍ତ୍ତି ବିଭାଗର ସହକାରୀ ଯନ୍ତ୍ରୀ ଡି.ସି ଟୁଡୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଅନଶନରେ ବସିଥିବା ଯୁବକ ମାନଙ୍କ ସହ ଆଲୋଚନା କରିଥିଲେ। ଏବଂ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ସାରିଛି, ଦୁଇଟି ପର୍ଯ୍ୟାୟରେ ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି ସୂଚନା ଦେବାସହ ରାସ୍ତା ନିର୍ମାଣ ନହେବା ପର୍ଯ୍ୟନ୍ତ ସାମୟିକ ଭାବେ ରାସ୍ତା ମରାମତି କରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେବାପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।

# ଚାଷ ଜମିରୁ ଅଜଗର ଉଦ୍ଧାର



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଫରେଷ୍ଟ ସେକ୍ସନ ଅଧୀନ ବାଟିଗୁଡ଼ା ଗ୍ରାମର ଜଣେ ଚାଷୀଙ୍କ କ୍ଷେତରୁ ଗୁରୁବାର ବିଶାଳ ଅଜଗର ସାପ ଉଦ୍ଧାର ହୋଇଛି। ଚାଷୀ ବେଣୁଧର ଦଳପତିଙ୍କ କ୍ଷେତରେ କାମ କରୁଥିବା ଶ୍ରମିକମାନେ ସାପଟିକୁ ଦେଖିଥିଲେ। ଚାଷୀ ବେଣୁଧର ଅଜଗରକୁ ଉଦ୍ଧାର କରି କୋକସରା ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରସନ୍ନ ପରିଡା ଅଜଗରକୁ ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ପ୍ରକାଶ କରିଥିଲେ। ଏହାପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ଫରେଷ୍ଟ ଗାର୍ଡ ହିମାଦ୍ରୀ ତନୟା ବିଶି ଓ ବନ ବିଭାଗର ସାପ ଉଦ୍ଧାରକାରୀ ଦଳର ସ୍ୱାଧୀନ ଦଣ୍ଡସେନା ପହଞ୍ଚି ସୁରକ୍ଷିତ ଭାବେ ଅଜଗରକୁ ଉଦ୍ଧାର କରି ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିବା ସୂଚନା ମିଳିଛି।

## ଅବାଧ ବିଚରଣ ପାଇଁ ଘଟୁଛି ଦୁର୍ଘଟଣା

# ୨୮ ବୁଲାଗାଈଙ୍କୁ ପଠାଯିବ ବଲାଙ୍ଗିର ଗୋଶାଳା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ସହରର ମୁଖ୍ୟ ରାସ୍ତାରେ ଗାଈଗୋରୁଙ୍କ ଅବାଧ ଯାତାୟତ ଯୋଗୁଁ ଅତୀତରେ ଅନେକ ଦୁର୍ଘଟଣା ମାନ ହୋଇ ଜୀବନ ହାନି ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ବାରମ୍ବାର ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଏହାକୁ ଦୃଷ୍ଟିରେ ରଖି ଆଜି ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ପ୍ରଥମ ଦିନରେ ଉକ୍ତ ୨୮ଗୋଟି ବୁଲା ଗାଈ ଗୋରୁଙ୍କୁ ଅଟକ ରଖି ନିଜ ଅକ୍ତିଆରେ ନେଇଥିବା ସୂଚନା ମିଳିଛି । ଉକ୍ତ ଗାଈ ଗୋରୁଙ୍କୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅଟକ ରଖି ଓ ତାଙ୍କୁ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିଜସ୍ୱ ପାଣ୍ଠିରୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଯଦି ଅଟକ ରଖିବାର ତିନି ଦିନ ମଧ୍ୟରେ ସଂପୃକ୍ତ ଗାଈ ଗୋରୁର ମାଲିକ ଦାବି କରି ଜୋରିମାନା ଟଙ୍କା ପୈଠ ଏବଂ ଲିଖିତ ଚୁକ୍ତିନାମା ସ୍ୱାକ୍ଷର ନକରନ୍ତି, ତେବେ ଉକ୍ତ ଗାଈ ଗୋରୁ ମାନଙ୍କର ଲାଳନ ପାଳନ ପାଇଁ ବଲାଙ୍ଗିର ଗୋଶାଳାକୁ ପଠାଯିବ ବୋଲି ନିର୍ବାହୀ ଅଧିକାରୀ ବିଶମ୍ଭର ମିଶ୍ର ପ୍ରକାଶ କରିଛନ୍ତି ।

## ସର୍ପାଘାତରେ ନାବାଳିକର ମୃତ୍ୟୁ



ଧର୍ମଗଡ଼(ଭାସ୍କର ନ୍ୟୁଜ): ଧର୍ମଗଡ ଥାନା ମୁଖିଗୁଡା ଗ୍ରାମର ଜଣେ ନାବାଳିକାର ସର୍ପାଘାତରେ ମୃତ୍ୟୁ ହୋଇଛି। ମୃତ ନାବାଳିକା ଜଣକ ହେଲେ ଉକ୍ତ ଗ୍ରାମର ଟିକଚନ ଚଣ୍ଡୀଙ୍କ ଝିଅ କାଜଲ ଚଣ୍ଡୀ (୮)। ଘରେ ଶୋଇଥିବା ଥିବା ସମୟରେ ଗୁରୁବାର ଭୋର ୪ ଟା ରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରେ ଉଦ୍ଧାର କରି ଧର୍ମଗଡ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତ ରେ ପରିବାର ଲୋକେ ଧର୍ମଗଡ ଥାନା ରେ ଏତଲା ଦେବା ପରେ ଧର୍ମଗଡ ପୁଲିସ ୫/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଥିବା ଜଣାପଡିଛି।

## ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ଧାରୀ ଚିକିତ୍ସା

# ଟର୍ଚ୍ଚ ଲାଇଟରେ ଚାଲିଛି ରୋଗୀସେବା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଡବଲ ଇଞ୍ଜିନ ସରକାର ବର୍ଷ ଏକ ଉପଲବ୍ଧି ଅନେକର ନାରା ଦେଉଥିବା ବେଳେ ସ୍ୱାସ୍ଥ୍ୟ ସେବା ପାଇଁ ମାଳମାଳ ଯୋଜନା କରି ବାଃ ବାଃ ନେଉଛନ୍ତି। ହେଲେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ସୂଚନାମତେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସ୍ନାୟୁ ରୋଗ ବିଶେଷଜ୍ଞ ଡା.ରଞ୍ଜିତ କୁମାର ବେହେରା ଯୋଗଦେଇଥିଲେ। ଏନେଇ ଗ୍ରାମାଞ୍ଚଳ ଗୁଡିକରୁ ଆସିଥିବା ଅନେକ ରୋଗୀ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୀର୍ଘ ସମୟ ଧରି ଡାକ୍ତରଖାନା ପରିସରରେ ବିଦ୍ୟୁତ ସରବରାହ ନଥିବାରୁ ହୀନସ୍ତା ଭୋଗିବାକୁ ପଡ଼ିଥିଲା। ଯାହାଫଳରେ ଡାକ୍ତର ଜଣକ ବିଦ୍ୟୁତ ନଥିବାରୁ ମୋବାଇଲ ଟର୍ଚ୍ଚ ଆଲୁଅରେ ରୋଗୀ ଦେଖୁଥିବା ଜଣାପଡିଛି। ଏନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ବର୍ଷ ପୂର୍ବରୁ ଉକ୍ତ ଡାକ୍ତରଖାନାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିଥିଲା। କିନ୍ତୁ ଦୁର୍ଭାଗ୍ୟ ଓ ପରିତାପର ବିଷୟ ଯେ, ବର୍ତ୍ତମାନ ମୋବାଇଲ ଟର୍ଚ୍ଚ ସାହାଯ୍ୟରେ ଡାକ୍ତର ରୋଗୀଙ୍କୁ ଚିକିତ୍ସା କରୁଥିବା ଚିତ୍ର ଏବେ ସମସ୍ତଙ୍କୁ ଚକିତ କରିଛି। ଏନେଇ ଗୋଲାମୁଣ୍ଡା ମେଡିକାଲ ଅଫିସର ଆଶୁତୋଷ ଦାଶଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତର ବିକଳ୍ପ ବ୍ୟବସ୍ଥା ନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ସେ କହିଛନ୍ତି। ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଅସହାୟ ଅବସ୍ଥାରେ ବାପ-ମାଆ ଛେଉଣ୍ଡ ପାଞ୍ଚ ଶିଶୁ




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ପଞ୍ଚାୟତର ଆଦିବାସୀବହୁଳ ବାନୀ ଗାଁ। ଏହି ଗାଁରେ ରହନ୍ତି ନାବାଳିକା ସୁମିତ୍ରା ମାଝୀ। ତାଙ୍କ ସହିତ ରହନ୍ତି ତାଙ୍କର ସାନ ଭଉଣୀ ସୁଶ୍ରୀତା, ସାନ ଭାଇ କୁମର, ଶ୍ରୀକାନ୍ତ ଓ ଅଜିତ। ଭଙ୍ଗା ଦଦରା ଏକ ମାଟିଘରେ ଜାକିଜୁକି ହୋଇ ରହୁଛନ୍ତି ତିନି ନାବାଳକ ଭାଇ ଓ ଦୁଇ ଭଉଣୀ। ଯେଉଁ ଘରେ ଦିନବେଳେ ସୂର୍ଯ୍ୟ ଓ ରାତିରେ ଦେଖାଯାଉଛି ଜହ୍ନ। ଗତ ସାତବର୍ଷ ତଳେ ତାଙ୍କ ବାପା ସୀତା ମାଝୀଙ୍କ ମୃତ୍ୟୁ ଘଟିଥିବାବେଳେ ଗତ ତିନି ବର୍ଷ ହେଲା ତାଙ୍କ ମାଆ ମୁକ୍ତେ ମାଝୀଙ୍କ ମୃତ୍ୟୁ ଘଟିଛି। ସେଇଦିନଠୁ ସୁମିତ୍ରା କୁଲିମଜୁରୀ କରି ଚାରିଭାଇ ଭଉଣୀଙ୍କ ମୁହଁରେ ଆହାର ଦେଉଛି। ସେମାନଙ୍କ ସାହାରା କହିଲେ କେବଳ ଗୋଟିଏ ଅନ୍ତୋଦୟ ଖାଉଟି କାର୍ଡ। ଯେଉଁ କାର୍ଡରେ ୩୫ କିଗ୍ରା ଚାଉଳ ମିଳେ। ତେବେ ସରକାରଙ୍କ ମୌଳିକ ଶିକ୍ଷା ଅଧିକାର ଥିଲେ ହେଁ ସୁମିତ୍ରା ସହିତ ଅନ୍ୟ ଚାରିଜଣଙ୍କ ଭାଗ୍ୟରେ ଶିକ୍ଷା ନାହିଁ। ନାମକୁ ମାତ୍ର ସ୍କୁଲରେ ନାଁ ରହିଛି ତେବେ କୁଲିମଜୁରୀ କରି ସେମାନେ ପେଟ ପୋଷୁଛନ୍ତି। ଅପରପକ୍ଷରେ ସରକାରଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଲାଞ୍ଜିଗଡ଼ ବ୍ଲକର ଆଦିବାସୀ ପରିବାରଙ୍କୁ ଘର ଯୋଗାଇଦେବାର ବ୍ୟବସ୍ଥା ରହିଥିଲେ ହେଁ ପରିବାରରେ କେହି ସାବାଳକ ନଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ମିଳିପାରୁନି। ଏ ସମ୍ପର୍କରେ ଖବର ପାଇଁ ଲାଞ୍ଜିଗଡ଼ ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତା ବାନୀଗାଁ ଯିବା ସହିତ ଏହି ଅସହାୟ ପରିବାରକୁ କିଛି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ସେହିପରି ଏହି ନାବାଳିକାଙ୍କ ପରିବାରର ଦୁର୍ଦ୍ଦଶା ସମ୍ପର୍କରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କୁ ଭେଟି ଆଲୋଚନା କରିବା ସହିତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଏମ. ଚନ୍ଦ୍ରଶେଖର, ଉପଦେଷ୍ଟା କୈଳାସ ସାହୁ, ଉପସଭାପତି କ୍ଷମାନିଧି ମହାଖୁଡ଼, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଧର୍ମେନ୍ଦ୍ର ପଣ୍ଡା, ପ୍ରଭୁରଞ୍ଜନ ସାମଲ, ଦିଲୀପ ନାଏକ ପ୍ରମୁଖ ବାନୀଗାଁ ଗସ୍ତ କରିବା ସହିତ ରିଲିଫ ସାମଗ୍ରୀ ପ୍ରଦାନ କରିବା ପରେ ବିଶ୍ୱନାଥପୁର ଯାଇ ବିଡିଓ ଶ୍ରୀ ପାତ୍ରଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଥିଲେ।

# ରାଶିଫଳ

ଶନିବାର, ୨୬ ଜୁଲାଇ ୨୦୨୫



**ମେଷ:** ଆଜି ଆପଣ ମାନସିକ କ୍ଲାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ। ଆପଣ ନିଜ ପିଲା ବିଷୟରେ ଚିନ୍ତିତ ହୋଇପାରନ୍ତି। ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ। କିନ୍ତୁ ଆପଣ କାର୍ଯ୍ୟରେ ସଫଳତା ପାଇବେ।



**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ। ଅସ୍ଥିରତା ଆପଣଙ୍କ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ।



**ମିଥୁନ:** ଆଜି ମଧ୍ୟମ ଦିନ ହେବ। ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ। ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ। ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ। ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ୍ୟ ରହିବ। ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ।



**ସିଂହ:** ଆଜି ଆପଣଙ୍କର ଦିନ ଶୁଭ ଅଟେ। ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ। ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି। ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି। କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ। କଳା କ୍ଷେତ୍ରରେ ବିଶେଷ ଆଗ୍ରହ ରହିବ।



**କନ୍ୟା:** ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ। ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ।



**ତୁଳା:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ। ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ। ଆଦର୍ଶଗତ ଭାବରେ ଦୃଢ ରହିବେ। ମନ ସୃଜନଶୀଳ ଧାରାରେ ରହିବ। ଦିନଟି ଖୁସିରେ ବିତାଇବ। ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି। ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ। ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ। ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥ ରହିବେ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ। ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ। ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ। ଆଜି କିଛି ଦାନ କରନ୍ତୁ। ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ। ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି। ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ। ଲାଭ ପାଇବେ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ।



ଶ୍ରୀପତି

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯